RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-65 ◆FRIDAY ◆29 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୬୫ ◆ଶୁକ୍ରବାର ◆୨୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ମା' ହେବେ ପରିଣୀତି

▶ପୃଷ୍ଠା ୧୧ ଦେଖନ୍ତୁ...

## ଗ୍ରହଦୋଷ ଦୂର ପାଇଁ ନାତିକୁ ବଳି

■ **ପ୍ରୟାଗରାଜ, ୨୮।୮ (ଏଜେନ୍ସି):** ଅନ୍ଧ ବିଶ୍ୱାସ ପାଇଁ ଜଣେ ନିରୀହର ଜୀବନ ଯାଇଛି। ତାନ୍ତ୍ରିକ ପ୍ରରୋଚନାରେ ଶରଣ ସିଂ ନାମକ ଜଣେ ପ୍ରପର୍ଟି ଡିଲର ଜଘନ୍ୟ କାଣ୍ଡ ଘଟାଇଛନ୍ତି। ଗ୍ରହଦୋଷ ଦୂର କରିବାକୁ ସେ ନିଜ ୧୭ ବର୍ଷୀୟ ନାତିକୁ ବଳି ଦେବାକୁ ପଛାଇନାହାନ୍ତି। ପ୍ରୟାଗରାଜର କାରେଲି ଥାନା ଅଞ୍ଚଳରେ ଏହି ଜଘନ୍ୟ କାଣ୍ଡ ଘଟିଛି। ସୂଚନା ଅନୁଯାୟୀ ନାତି ପୀୟୁଷ ମଙ୍ଗଳବାର ସ୍କୁଲ ଯାଉଥିବା ବେଳେ ଜେଜେ ତାଙ୍କୁ ଅପହରଣ କରି ନେଇଥିଲେ। ପରେ ଘରକୁ ନେଇ ତନ୍ତ୍ର- ମନ୍ତ୍ର କରିବା ସହ ବଳି ଦେଇଥିଲେ। ହାତ ଗୋଡ କାଟିବା ସହ ମୁଣ୍ଡଗଣ୍ଡି ଅଲଗା କରି ଦେଇଥିଲେ। ପୀୟୂଷ ନ ଫେରିବାରୁ ମଙ୍ଗଳବାର ନିଖୋଜ ମାମଲା ରୁଜୁ କରାଯାଇଥିଲା। ପୀୟୂଷଙ୍କ ପିତା ଅଜୟ ସିଂ ମୃତ୍ୟୁବରଣ କରିସାଥିବା ବେଳେ ମା କାମିନୀଙ୍କ ସହ ସେ ସାଦିଆପୁରର ଗୁରୁଦ୍ୱାର ନିକଟରେ ରହୁଥିଲେ। ପୀୟୂଷ ସରସ୍ୱତୀ ବିଦ୍ୟାମନ୍ଦିରରେ ଏକାଦଶ ଶ୍ରେଣୀରେ ପଢୁଥିଲା। ସକାଳେ ସ୍କୁଲ୍‌କୁ ଯିବା ପରେ ପୀୟୂଷ ଘରକୁ ଫେରି ନଥିଲା। କିନ୍ତୁ ସେ ସ୍କୁଲକୁ ଯାଇନଥିବା କାମିନୀ ଜାଣିବାକୁ ପାଇଥିଲେ। ଫଳରେ ସେ ପୁଲିସରେ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଶରଣ ସିଂଙ୍କୁ ଗିରଫ କରିଥିଲା। ଶରଣ ନିଜ ଅପରାଧ ସ୍ୱୀକାର କରିଛି। ଅଧିକ ତଦନ୍ତ ପାଇଁ ଶରଣଙ୍କ ସମେତ ତାଙ୍କ ପତ୍ନୀ ଓ ଅନ୍ୟ ଜଣେ ପୁଅକୁ ପୁଲିସ ପଚରାଉଚରା କରୁଛି।



## ୪ ମହଲା କୋଠା ଭୁଶୁଡ଼ି ୧୭ ମୃତ, ୯ ଆହତ

**ଜନ୍ମଦିନ ପାଳନ ବେଳେ ଅଘଟଣ**

**ବିଲ୍ଡର୍ ଗିରଫ**

■ **ମୁମ୍ବାଇ, ୨୮।୮ (ଏଜେନ୍ସି):** ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ଏକ ୪ ମହଲା ବିଶିଷ୍ଟ କୋଠା ଭୁଶୁଡିବା ଫଳରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି। ମୁମ୍ବାଇ ନିକଟସ୍ଥ ବିରାର ଅଞ୍ଚଳର ବିଜୟ ନଗରରେ ଅଗଷ୍ଟ ୨୬ରେ ରାତି ୧୨.୦୫ରେ ପାଖାପାଖି ୫୦ ଫ୍ଲାଟ ବିଶିଷ୍ଟ ୪ ତାଲା ବିଶିଷ୍ଟ କୋଠା ରମାବାଇ ଆପାର୍ଟମେଣ୍ଟର ୧୨ଟି ଫ୍ଲାଟ୍ ନିକଟରେ ଥିବା ଏକ ଚାଳ ଘର ଉପରେ ଭୁଶିଡି ପଡ଼ିଥିଲା। ଉଦ୍ଧାରକାର୍ଯ୍ୟ ଚାଲିଥିବା ବେଳେ ଗୁରୁବାର ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘଟଣା ବେଳେ ଚତୁର୍ଥ ମହଲାରେ ଜଣେ ଏକ ବର୍ଷୀୟ ଝିଅର ଜନ୍ମଦିନ ପାଳନ କରାଯାଉଥିଲା ଓ ପାର୍ଟି ଦିଆଯାଉଥିଲା। ଏହି ଝିଅ ସମେତ ତା'ର ମା ଓ ଆଉ କେତେଜଣ ଅତିଥି ଏଥିରେ ମୃତ୍ୟୁବରଣ କରିଛନ୍ତି। ଆହତ ▶ପୃଷ୍ଠା-୭



**ଟ୍ରମ୍ପ ଟାରିଫ**

# ୫.୮%କୁ ଖସିବ ଜିଡିପି

## ପ୍ରଭାବିତ ହେବେ ଦେଶର ନିଯୁକ୍ତିଭିତ୍ତିକ ଶିଳ୍ପର ୨.୧ କୋଟି ଶ୍ରମିକ

■ **ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି):**ଅଗଷ୍ଟ ୨୭ ତାରିଖରୁ ଭାରତୀୟ ଆମଦାନୀ ଉପରେ ଅତିରିକ୍ତ ୨୫% 'ରୁଷ୍ ଜୋରିମାନା' ଲାଗୁ କରିଛି ଆମେରିକା। ପୂର୍ବରୁ ଭାରତ ଉପରେ ୨୫% ଟାରିଫ୍ ଲାଗୁ ହୋଇଥିବାବେଳେ ସମ୍ପ୍ରତି ଅତିରିକ୍ତ ୨୫% ଜୋରିମାନା ଟାରିଫ୍ ହାରକୁ ୫୦%ରେ ପହଞ୍ଚାଇଛି। ଏକ ରିପୋର୍ଟ ଅନୁସାରେ ଆମେରିକା ନିଜ ଆବଶ୍ୟକତା ନିମନ୍ତେ ଭାରତରୁ ଆମଦାନୀ କରୁଥିବା ଜେନେରିକ ଔଷଧ, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟରକୁ ଅତିରିକ୍ତ ଜୋରିମାନାରୁ ବାଦ ଦେଇଛି। ସେହିପରି ଅଟୋ ଯନ୍ତ୍ରାଂଶ ଉପରେ ୨୫% ଟାରିଫ ଲାଗୁ କରିଥିବା ସମୟରେ ଆଲୁମିନିୟମ ସାମଗ୍ରୀ ଉପରେ ୫୦% ଟିକସ ଲଦିଛି। ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଭାରତୀୟ ନିଯୁକ୍ତିଭିତ୍ତିକ ବୟନ, ଚମଡ଼ା, ରତ୍ନ ଓ ଅଳଙ୍କାର ଶିଳ୍ପରୁ ନିର୍ଗତ ସାମଗ୍ରୀ ଉପରେ ଆମେରିକା ଲାଗୁ କରିଥିବା ୫୦% ଟାରିଫ୍ ଭାରତୀୟ ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ଆକଳନ




**ବୟନ ସାମଗ୍ରୀ, ରତ୍ନ ଅଳଙ୍କାର, ସାମୁଦ୍ରିକ ଖାଦ୍ୟ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ**

**ଅଟୋ ଯନ୍ତ୍ରାଂଶ ଉପରେ ୨୫%; ଇସ୍ପାତ ଓ ଆଲୁମିନିୟମରେ ୫୦%**

**ଭାରତରୁ ରପ୍ତାନୀ ହେଉଥିବା ୭୦% ସାମଗ୍ରୀ ଉପରେ ୫୦% ଟାରିଫ**


**ସେମିକଣ୍ଡକ୍ଟର, ଜେନେରିକ୍ ଔଷଧ, ଇଲେକ୍ଟ୍ରୋନିକ ସାମଗ୍ରୀ ବାଦ୍**

କରାଯାଉଛି। ଆମେରିକାର ଏହି ଟାରିଫ୍ ଭାରତ ଉପରେ ବଳବତ୍ତର ରହିଲେ ଆଗାମୀ ୬ ମାସ ପରେ ପରିସ୍ଥିତି ଭୟଙ୍କର ହେବ ଓ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୨.୧ କୋଟି ଲୋକ କ୍ଷତିଗ୍ରସ୍ତ ହେବେ ବୋଲି ପ୍ରାରମ୍ଭିକ ଭାବରେ ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ଟ୍ରମ୍ପ ଟାରିଫ୍‌ର ପ୍ରଭାବ ଭାରତୀୟ ପୁଞ୍ଜି ବଜାରରେ ଅନୁଭୂତ ହୋଇଛି। ବୁଧବାର ଭାରତୀୟ ପୁଞ୍ଜି ବଜାର ବନ୍ଦ ରହିଥିବାବେଳେ ଗୁରୁବାର ସେନସେକ୍ସ ୭୦୦ ପଏଣ୍ଟ ହ୍ରାସ ପାଇଛି। ଅନ୍ୟପକ୍ଷରେ ଅର୍ଥନୀତି ସଂକ୍ରାନ୍ତରେ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ନୋମ୍ୟୁରା ଟାରିଫ୍ ପ୍ରଭାବରେ ୨୦୨୫-୨୬ ଆର୍ଥିକବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ପୂର୍ବାନୁମାନ ୬.୨ରୁ ୫.୮ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆକଳନ କରିଛି। ନ୍ୟୋମୁରା ରିପୋର୍ଟ ଅନୁସାରେ ଆର୍ଥିକବର୍ଷ ୨୦୨୫-୨୬ରେ ୨୫% ପ୍ରତିଶତ ପାରସ୍ପରିକ ଶୁଳ୍କ ବଳବତ୍ତର ରହିପାରେ। ନଭେମ୍ବର ପରେ ଅତିରିକ୍ତ ୨୫% ଶୁଳ୍କ ହଟାଇ ଦିଆଯିବାର ସମ୍ଭାବନା ରହିଛି। ତଥାପି ୨୦୨୫-୨୬ ଆର୍ଥିକବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୨ରୁ ୫.୮ ପ୍ରତିଶତକୁ ହ୍ରାସ ପାଇପାରେ। ତେବେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ସଂସ୍କାର ଅଣାଗଲେ କିଛି ପରିମାଣରେ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ।ବର୍ତ୍ତମାନ ଆମେରିକା ▶ପୃଷ୍ଠା-୭

**ବିହାର ବିଧାନସଭା ନିର୍ବାଚନ**

## ଜେଡିୟୁ ପୁଣି ବଡ଼ଭାଇ




■ **ପାଟନା, ୨୮।୮ (ଏଜେନ୍ସି):** ବିହାରରେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ରାଜ୍ର ବିଧାନସଭା ନିର୍ବାଚନରେ ଆସନ ଭାଗବଣ୍ଟାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏରେ ସହମତି ପ୍ରକାଶ ପାଇଥିବା ଜଣାପଡ଼ିଛି। ଦିଲ୍ଲୀରେ ଏନେଇ ଆଲୋଚନା ହୋଇଛି ଏବଂ ଯେକୌଣସି ମୁହୂର୍ତ୍ତରେ ଏହା ଘୋଷଣା ହୋଇପାରେ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ନୀତୀଶଙ୍କ ଜନତାଦଳ(ୟୁ) ସର୍ବାଧିକ ୧୦୨ଟି ଆସନ ମିଳିଥିବା ବେଳେ ବିଜେପି ଭାଗରେ ୧୦୧ ଆସନ ପଡ଼ିଛି। ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀର ଚେହେରା ରୂପେ ଉପସ୍ଥାପନ କରିବାକୁ ଯାଇ ଏଭଳି ନିଷ୍ପତ୍ତି ହୋଇଛି। ଗତ ବିଧାନସଭା ନିର୍ବାଚନର ବିଜେପି ତୁଳନାରେ କମ୍ ଆସନ ପାଇଥିଲେ ମଧ୍ୟ ନୀତୀଶ ମୁଖ୍ୟମନ୍ତ୍ରୀ ରହିଥିଲେ। ତେବେ ଗତ ନିର୍ବାଚନରେ ଏନଡିଏ ପାଇଁ ଘାତ ସାବ୍ୟସ୍ତ ହୋଇଥିବା ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାଶ)କୁ ୨୦ଟି ଆସନ ଦିଆଯାଇଛି। ଗତ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ସ୍ୱାଧୀନ ଭାବେ ଲଢ଼ିଥିବାରୁ ଅତିକମରେ ୩୦ଟି ଆସନର କ୍ଷତି ସହିଥିଲା ଏନ୍‌ଡିଏ। ସେହି ନିର୍ବାଚନରେ ତାଙ୍କ ପାର୍ଟି ଗୋଟିଏ ଆସନ ଜିତିଥିଲେ ମଧ୍ୟ ୩୦ଟିରେ ଏନଡିଏ ପ୍ରାର୍ଥୀଙ୍କ ପାଇଁ ପରାଜୟର କାରଣ ହୋଇଥିଲା।

ଏହାବାଦ୍ ଜିତେନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (ଏଚ୍ଏଏମ୍) ଓ ଉପେନ୍ଦ୍ର କୁଶୱାହଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲ୍ଏମ୍)କୁ ୧୦ଟି ଲେଖାଏଁ ଆସନ ଦିଆଯାଇଛି। କିନ୍ତୁ ଏନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା ▶ପୃଷ୍ଠା-୭



## ମାଁ ସମଲେଇଙ୍କୁ ନବାନ୍ନ ଲାଗି

■ **ସମ୍ବଲପୁର, ୨୮।୮ (ସମିସ):** ପଶ୍ଚିମଓଡ଼ିଶାରେ ଗୁରୁବାର ପାରମ୍ପରିକ ଉତ୍ସାହ ଉଦ୍ଦୀପନାର ସହ ଗଣପର୍ବ "ନୂଆଁଖାଇ' ପାଳିତ ହୋଇଯାଇଛି। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ସହ ବିଭିନ୍ନ ଦେବାଦେବୀଙ୍କଠାରେ ନବାନ୍ନ ଲାଗି ହେବାପରେ ଗ୍ରାମଦେବୀ, ଇଷ୍ଟଦେବୀ ତଥା ଘରେ ଠାକୁରଙ୍କୁ ଭୋଗ ଲଗେଇ ଲୋକେ ନୂଆଁ ଖାଇଛନ୍ତି।

ମା' ସମଲେଶ୍ୱରୀଙ୍କ ମୂଳପୀଠ ସମ୍ବଲପୁରରେ ଆଜି ଭୋର ୪ଟାରୁ ମା' ସମଲେଶ୍ୱରୀଙ୍କୁ ସ୍ନାନାଦି ପରେ ସମ୍ବଲପୁରୀ ପାଟବସ୍ତ୍ର, ଅଳଙ୍କାର ଆଦି ବେଶଭୂଷା ପରେ ପୂଜକମାନେ ▶ପୃଷ୍ଠା-୭

## ଗଛରେ ପିଟିହେଲା ବାଇକ୍; ଦୁଇ ନାବାଳକ ମୃତ

■ **ବାରିପଦା, ୨୮।୮ (ସମିସ):** ଛୁଟିଦିନରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟର ଲୁଲୁଙ୍ଗ ପର୍ଯ୍ୟଟନସ୍ଥଳକୁ ବାଇକରେ ବୁଲିବାକୁ ଯାଉଥିବାବେଳେ ରାସ୍ତାକଡରେ ଥିବା ଏକ ଗଛକୁ ଧକ୍କା ଦେବାରୁ ଦୁଇ ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବାଙ୍ଗିରିପୋଷି ଅଞ୍ଚଳର ଶୁଭମ ନାଏକ (୧୭) ଓ ରାକେଶ ନାଏକ (୧୭)। ଗୁରୁବାର ସକାଳେ ୪ ଜଣ ସାଙ୍ଗ ଦୁଇଟି ବାଇକରେ ଲୁଲୁଙ୍ଗକୁ ବୁଲିବାକୁ ଆସିଥିଲେ। ବୁଲାବୁଲି ସାରି ଘରକୁ ଫେରୁଥିବାବେଳେ ବାରିପଦା ସଦର ଥାନା ଅନ୍ତର୍ଗତ କୋଚିଲାଘାଟି ଗ୍ରାମ ନିକଟରେ ଗୋଟିଏ ବାଇକ ଭାରସାମ୍ୟ ହରାଇ ରାସ୍ତାକଡର ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ଦୁଇଜଣ ନାବାଳକ ରାସ୍ତାରେ ଖସି ପଡିବାରୁ ମୁଣ୍ଡରେ ଜୋର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେମାନଙ୍କ ସାଙ୍ଗରେ ଥିବା ଅନ୍ୟ ଦୁଇଜଣ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ; ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ପରିବାର ଲୋକେ ହସ୍ପିଟାଲରେ ପହଞ୍ଚିଥିଲେ। ଡାକ୍ତରଖାନାରେ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

## ଚା' ଦୋକାନକୁ ପଶିଲା ବସ୍; ଜଣେ ମୃତ

**ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ**

■ **ବ୍ରାହ୍ମଣୀଗାଁ, ୨୮।୮ (ସମିସ):** ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ଆଜି ସକାଳେ ଏକ ବସ୍ ଚା' ଦୋକାନକୁ ମାଡ଼ିଯିବାରୁ ଚା' ପିଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରାହ୍ମଣୀ ଗାଁ ଧର୍ମସାହିର ବଣ୍ଡାସା ମାଝୀ(୬୦)। ଗୁରୁତର ମହିଳା ବଣ୍ଡାଗୁଡ଼ି ମାଝୀ(୫୪)ଙ୍କୁ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିବାବେଳେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଗୁରୁବାର ସକାଳ ପ୍ରାୟ ୬ଟାରେ ପଦ୍ମାଳୟା ନାମକ ଏକ ଯାତ୍ରୀବାହୀ ବସ୍ ଗଦାପୁରରୁ-ବ୍ରହ୍ମପୁର ଯିବାବେଳେ ବ୍ରାହ୍ମଣୀଗାଁ ନିକଟରେ ଅନ୍ୟଏକ ଘରୋଇ ବସ୍‌କୁ ଓଭରଟେକ୍ ବେଳେ ଚାଳକ ଭାରସାମ୍ୟ ହରାଇବାରୁ ରାସ୍ତା କଡ଼ରେ ଥିବା ▶ପୃଷ୍ଠା-୭

**ରାୟପୁର ଗୋଲଟେବୁଲ ବୈଠକରେ ନିଷ୍ପତ୍ତି**

## ସେପ୍ଟେମ୍ବରରେ ଦିଲ୍ଲୀରେ ହେବ ମହାନଦୀ ସଂସଦ

■ **ଭୁବନେଶ୍ୱର, ୨୮।୮ (ସମିସ):** ଅଣମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ରହିଛି ତାକୁ ଛାଡ଼ିବା ଦରକାର। ଓଡ଼ିଶା ସରକାର ଓ ଛତିଶଗଡ଼ ସରକାର ମଧ୍ୟରେ ହେବାକୁ ଥିବା ଆପୋସ ଆଲୋଚନା ପୂର୍ବରୁ ଏହି ସର୍ତ୍ତ ରହିବା ଜରୁରୀ। ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ ରାଜଧାନୀ ରାୟପୁରରେ ଆୟୋଜିତ ଗୋଲ୍ ଟେବୁଲ୍ ବୈଠକରେ ଏହି ମତ ପ୍ରକାଶ ପାଇଛି। ଗୁରୁବାର ମହାନଦୀର ସଙ୍କଟ ଓ ଜଳ ବିବାଦକୁ ନେଇ ଆୟୋଜିତ ଗୋଲ୍ ଟେବୁଲ ବୈଠକରେ ମହାନଦୀ ବଞ୍ଚାଅ ଆନ୍ଦୋଳନ, ନଦୀ ଘାଟି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଜଳ ବିରାଦରିର ଆଦିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଉଭୟ ଛତିଶଗଡ଼ ଏବଂ ଓଡ଼ିଶାର ଅନେକ ନଦୀ ଆନ୍ଦୋଳନର ନେତୃତ୍ୱ ଯୋଗ ଦେଇଥିଲେ।



ଜଳମାନବ ଡଃ ରାଜେନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ▶ପୃଷ୍ଠା-୭





# ଭାରତ ବିରୋଧରେ ଆମେରିକାର ବିଷୋଦ୍‌ଗାର

## ରୁଷ୍‌-ଚୀନ୍ ସହ ଭାରତର ସଂପର୍କ ବିଶ୍ୱ ପାଇଁ ବିପଦ

ୱାସିଂଟନ, ୨୮।୮ (ଏଜେନ୍ସି): ଚଢ଼ା ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ରୁଷଠାରୁ ତୈଳ କିଣିବାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇ ଥିବା ୫୦ ପ୍ରତିଶତ ଶୁଳ୍କକୁ ଭାରତ ବିରୋଧ କରିଛି। ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ର ନିଜେ ରୁଷ୍ ସହ ବାଣିଜ୍ୟ ବ୍ୟବସାୟ କରୁଥିବାବେଳେ ତୁଛାଟାରେ ଭାରତ ଉପରେ ଅଭିଯୋଗ ଲଗାଉଛନ୍ତି ବୋଲି କୁହାଯାଉଛି। ଏପରି ସମୟରେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନଭାରୋ ୟୁକ୍ରେନ ଯୁଦ୍ଧକୁ ନେଇ ପୁଣି ଭାରତକୁ ଦୋଷ ଦେଇଛନ୍ତି। ସେ ଗମ୍ଭୀର ଅଭିଯୋଗ ଲଗାଇ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର 'ମୋଦୀ ୱାର' କହିଛନ୍ତି। ଭାରତ ୟୁକ୍ରେନ ଯୁଦ୍ଧକୁ ପ୍ରୋତ୍ସାହନ ଦେଉଛି ଏବଂ ଡବଲ୍ ଗେମ୍ ଖେଳୁଥିବା ସେ ଅଭିଯୋଗ କରିଛନ୍ତି। ଏହା ସହିତ ସେ ଆମେରିକାର ଉଦ୍ଦେଶ୍ୟକୁ ମଧ୍ୟ ପିଟର ସମସ୍ତଙ୍କ ସାମ୍ନାରେ ରଖିଛନ୍ତି। ସେ କହିଛନ୍ତି ଯେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାର ମାର୍ଗ ଦେଇ ଯାଉଛି। ଯଦି ଭାରତ ଆଜି ରୁଷରୁ ତେଲ କିଣିବା ବନ୍ଦ କରିଦେବ ତେବେ କାଲିଠାରୁ ଲଗାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କକୁ ଉଚ୍ଛେଦ କରିଦିଆଯିବ ବୋଲି କହିଛନ୍ତି।

**"ୟୁକ୍ରେନ ଯୁଦ୍ଧ ହେଉଛି 'ମୋଦୀ ୱାର' ଆଜି ବେପାର ବନ୍ଦ କଲେ, କାଲି ଅତିରିକ୍ତ ଶୁଳ୍କ ହଟିବ"**



ବୁଧବାର ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେଇ ପିଟର ଏଭଳି ଅଭିଯୋଗ ଲଗାଇଛନ୍ତି।

ନଭାରୋ କହିଥିଲେ ଯେ ରୁଷରୁ ଶସ୍ତା ତେଲ କିଣି ଭାରତ ତାହାକୁ ରିଫାଇନ କରୁଛି ଏବଂ ଏହାକୁ ଉଚ୍ଚା ଦରରେ ବିକୁଛି। ଏହା ଦ୍ୱାରା ରୁଷକୁ ଯୁଦ୍ଧ ପାଇଁ ଟଙ୍କା ମିଳୁଛି। ଏହି ଦେଶ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରୁଛି। ଏହାକୁ ନେଇ ନଭାରୋ ଭାରତକୁ ଚେତାବନୀ ଦେଇଛନ୍ତି। ରୁଷ୍ ଏବଂ ଚୀନ୍ ସହିତ ଭାରତର ସମ୍ବନ୍ଧ ବୃଦ୍ଧି ବିଶ୍ୱ ପାଇଁ ବିପଦ ପାଲଟି ପାରେ ବୋଲି କହିଛନ୍ତି। ଏକଛତ୍ରବାଦ ଦେଶ ସହ ଭାରତ ସମ୍ବନ୍ଧ ବଢାଉଛି। ଅକ୍ସାଇ ଚୀନ୍ ସହିତ ଭାରତର ଅନେକ ଅଞ୍ଚଳକୁ ବେଜିଂ କବ୍‌ଜା କରି ନେଇଛି। ରୁଷ୍ ସହ ମଧ୍ୟ ଭାରତ ସମ୍ପର୍କ ଛିନ୍ନ କରିବା ଦରକାର। କାରଣ ମସ୍କୋ ଭାରତର ବନ୍ଧୁ ନୁହେଁ। ଭାରତୀୟ ନେତା ଆମ ଆଖିରେ ଆଖି ମିଶାଇ ରୁଷଠାରୁ ତୈଳ କିଣିବା ବନ୍ଦ କରିବେନି ବୋଲି କହୁଛନ୍ତି। ଏହାର ଅର୍ଥ କ'ଣ? ଭାରତକୁ ବିକ୍ରି କରି ମିଳୁଥିବା ଅର୍ଥରେ ରୁଷ୍ ଯୁଦ୍ଧ ପାଇଁ ଅସ୍ତ୍ରଶସ୍ତ୍ର କିଣୁଛି। ୟୁକ୍ରେନରେ ହେଉଥିବା ଆକ୍ରମଣରେ ଅନେକ ଲୋକ ମରୁଛନ୍ତି। ପୁଣି ୟୁକ୍ରେନ ଆମେରିକା ଏବଂ ୟୁରୋପ ପାଖକୁ ଆସି ଅଧିକ ଅର୍ଥ ମାଗୁଛି। ଏହି ଭଳି ଭାବେ ଆମେରିକା ଟିକସଦାତାଙ୍କ କ୍ଷତି ହେଉଛି।

ଆମେରିକା ସାମଗ୍ରୀ ଉପରେ ଭାରତ ଲଗାଇଥିବା ଶୁଳ୍କକୁ ମଧ୍ୟ ନଭାରୋ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଭାରତ ନୀତି ଯୋଗୁଁ ଆମେରିକାରେ ସମସ୍ତଙ୍କର କ୍ଷତି ହେଉଛି। ଭାରତର ଚଢ଼ା ଶୁଳ୍କ ଯୋଗୁଁ ଜନତା, ବ୍ୟବସାୟୀ, କର୍ମଜୀବୀ ହାରି ଯାଉଛନ୍ତି। ଏଥିପାଇଁ ଆମେରିକା ନିଯୁକ୍ତି ସୁଯୋଗ ହରାଉଛି। କାରଖାନା ବନ୍ଦ ହେଉଛି, ଲୋକଙ୍କ ଆମଦାନୀ ବଢୁଛି। ଆମେରିକା ଟିକସଦାତାଙ୍କୁ କ୍ଷତି ସହିବାକୁ ପଡୁଛି। କାରଣ ତାଙ୍କ ଅର୍ଥ 'ମୋଦୀଙ୍କ ଯୁଦ୍ଧ'ରେ ବ୍ୟବହାର ହେଉଛି। ସେହିପରି ନଭାରୋ ତେଲ ଆମଦାନୀ ଉପରେ ଭାରତ ଦାବିକୁ ଖାରଜ କରିଦେଇଛନ୍ତି। ସେ ମୋଦୀଙ୍କୁ ଅହଙ୍କାରୀ କହିଛନ୍ତି। ଟ୍ରମ୍ପଙ୍କ ଏହି ପରାମର୍ଶଦାତାଙ୍କ ଅନୁଯାୟୀ ଭାରତ ଦିନକୁ ରୁଷ୍‌ଠାରୁ ୧୫ ଲକ୍ଷ ବ୍ୟାରେଲ ତୈଳ କିଣୁଛି। ଏହା ୟୁକ୍ରେନ ଲୋକଙ୍କୁ ମାରିବା ପାଇଁ ଅସ୍ତ୍ରଶସ୍ତ୍ର, ଡ୍ରୋନ ଏବଂ ବୋମା କିଣିବା ପାଇଁ ଯଥେଷ୍ଟ। ନଭାରୋ ଆମେରିକା ଶୁଳ୍କକୁ ଉଚିତ ଦର୍ଶାଇ ଭାରତର ବାଣିଜ୍ୟ ନୀତିକୁ ଅନୁଚିତ ଦର୍ଶାଇଛନ୍ତି। ଧୋକା ଦେଉଥିବାରୁ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ଭାରତକୁ ରୁଷ୍ ତେଲର ଆବଶ୍ୟକତା ନାହିଁ। କେବଳ ଲାଭ ପାଇଁ ଏହା କିଣାଯାଉଛି। ମୋଦୀ ଜଣେ ମହାନ ନେତା। ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ଭାରତ କି ଯୋଗଦାନ ଦେଉଛି ତାହା ଭାବିବା ଦରକାର। ଏହି ପଦକ୍ଷେପ ଶାନ୍ତି ନୁହେଁ, ଯୁଦ୍ଧକୁ ଖୋରାକ ଯୋଗାଉଛି।

# ଦିନେଶ ପଟ୍ଟନାୟକ କାନାଡ଼ାରେ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ



ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଭାରତ ଏବଂ କାନାଡ଼ା ଦ୍ୱିପାକ୍ଷିକ ସମ୍ବନ୍ଧ ସୁଧାରିବାକୁ ଲାଗିଛନ୍ତି। ଏହି କ୍ରମରେ ଦୁଇ ଦେଶ ଗୁରୁବାର ପରସ୍ପର ପାଇଁ ରାଷ୍ଟ୍ରଦୂତ ନିଯୁକ୍ତ କରିଛନ୍ତି। ଓଡ଼ିଶାରେ ଜନ୍ମିତ କୂଟନୀତିଜ୍ଞ ଦିନେଶ କେ ପଟ୍ଟନାୟକଙ୍କୁ ଭାରତ ସରକାର କାନାଡ଼ର ନୂଆ ଉଚ୍ଚାୟୁକ୍ତ ନିଯୁକ୍ତ କରିଛନ୍ତି। ସେହିପରି କାନାଡ଼ା କ୍ରିଷ୍ଟୋଫର କୁଟରଙ୍କୁ ଭାରତର ନୂଆ କୂଟନୀତିଜ୍ଞ କରିଛି। କାନାନିସ୍କରେ ଅନୁଷ୍ଠିତ ଜି୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର କାନାଡ଼ ସମକକ୍ଷ ମାର୍କ କାର୍ଣ୍ଣେଙ୍କ ସହ ଆଲୋଚନା ପରେ ଏହି ଅଗ୍ରଗତି ଦେଖାଦେଇଛି। ୧୯୯୦ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା ଅଧିକାରୀ ଶ୍ରୀ ପଟ୍ଟନାୟକ ଏବେ ସ୍ପେନ ।।ରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଛନ୍ତି। ସେ ଖୁବଶୀଘ୍ର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

# ପରିବାରରେ ୩ ପିଲା ଜରୁରୀ: ମୋହନ ଭାଗବତ

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂ ସେବକ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଦେଶର ସୁରକ୍ଷା ଓ ପରିବାର ବ୍ୟବସ୍ଥା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରତ୍ୟେକ ପରିବାରରେ ଅତିକମ୍‌ରେ ୩ଟି ପିଲା ରହିବା ଜରୁରୀ ବୋଲି ସେ କହିଛନ୍ତି। ଏପରି ହେଲେ ଭାରତୀୟ ସଂସ୍କୃତି ସହିତ ସନାତନ ଧର୍ମ ସୁରକ୍ଷିତ ରହିବ। ଏହି କ୍ରମରେ ସେ ଅଖଣ୍ଡ ଭାରତ କଥା ପୁଣି ଥରେ ଦୋହରାଇଥିଲେ। ଆମ ସମସ୍ତଙ୍କର ଗୋଟିଏ ପରିଚୟ ଓ ଆମେ ସବୁ ହିନ୍ଦୁ ବୋଲି ସେ କହିଥିଲେ। ଆରଏସ୍‌ଏସ୍ ସ୍ଥାପନର ୧୦୦ ବର୍ଷ ପୂରଣ ହେବାକୁ ଯାଉଥିବାରୁ ସଂଘ ତରଫରୁ ଦେଶ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବେଆଇ ଅନୁପ୍ରବେଶ ଓ ଧର୍ମାନ୍ତରଣକୁ ରୋକିବା ନିଆତି ଜରୁରୀ। ଏହାକୁ ରୋକା ନଗଲେ ଜନସଂଖ୍ୟରେ ଅସନ୍ତୁଳନ ସୃଷ୍ଟି ହେବ ଓ ଭବିଷ୍ୟତରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିହେବ। ୭୫ ବର୍ଷ ହେଲେ ରାଜନୀତିରୁ ସନ୍ୟାସ ନେବା କଥା କେବେ କହିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଜେପି ତଥା କେନ୍ଦ୍ର ସରକାର ଓ ବିଭିନ୍ନ ସରକାରଙ୍କ ସହ ଆରଏସ୍‌ଏସ୍‌ର ମତଭେଦ ରହିଛି। କିନ୍ତୁ ସବୁ ସରକାରଙ୍କ ସହ ଭଲ ସମ୍ପର୍କ ରହିଛି। ଆମ ଭିତର କୌଣସି ବିଚାରଗତ ପାର୍ଥକ୍ୟ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଣି ଶିକ୍ଷାର ଅର୍ଥ କେବଳ ସାକ୍ଷରତା ନୁହଁ। ବରଂ ଶିକ୍ଷା ଦ୍ୱାରା ଜଣେ ପ୍ରକୃତ ମଣିଷ ହେବାର ସୌଭାଗ୍ୟ ପାଇଥାଏ ବୋଲି ସେ କହିଛନ୍ତି।

# ଇଞ୍ଜିନିୟରଙ୍କ ସହ ୫୦ମି କଥା ହେବା ସତ୍ତ୍ୱେ ଏଫ୍-୩୫ ବିମାନ ଦୁର୍ଘଟଣାଗ୍ରସ୍ତ

ଆଲାସ୍କା, ୨୮।୮ (ଏଜେନ୍ସି): ଆମେରିକା ଆଲାସ୍କାର ଏଲସନ ଏୟାର ବେସ୍‌ରେ ୨୦୦ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୪୮୫ କୋଟି ଟଙ୍କା ମୂଲ୍ୟର ଏକ ୫ମ ପିଢ଼ିର ଷ୍ଟେଲ୍‌ଥ ଏଫ୍-୩୫ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଧ୍ୱଂସ ପାଇଛି। ଟ୍ରେନିଂ ଫ୍ଲାଇଟ୍ ଅବସରରେ ଆମେରିକା ବାୟୁସେନାର ଜଣେ ପାଇଲଟ ମଝି ଆକାଶରେ କନଫରେନ୍ସରେ ଇଞ୍ଜିନିୟରଙ୍କ ସହ ବୈଷୟିକ ତ୍ରୁଟି ନେଇ ୫୦ ମିନିଟ ଧରି କଥା ହୋଇଥିଲେ ମଧ୍ୟ ଏଫ୍-୩୫ ବିମାନକୁ ରକ୍ଷା କରିପାରି ନାହାନ୍ତି। ବିମାନଟି ତଳକୁ ଖସି ଏୟାର ବେଶ୍‌ରେ ପିଟି ହୋଇ ନିଆଁ ଗୋଳାରେ ପରିଣତ ହୋଇଯାଇଥିଲା। ତେବେ ପାଇଲଟ ପାରାଚୁଟ ଯୋଗେ ଓହ୍ଲାଇବାରୁ ସୁରକ୍ଷିତ ଅଛନ୍ତି। ବିମାନର ହାଇଡ୍ରୋଲିକ୍ ଲାଇନ୍ସ ନୋଜ ଓ ମୁଖ୍ୟ ଲାଣ୍ଡିଂ ଗିୟରରେ ବରଫ ଜମିବା କାରଣରୁ ଏହି ଦୁର୍ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି।

# ତିନି ଛୁଆଙ୍କୁ ହତ୍ୟା କଲା ମା

ହାଇଦରାବାଦ୍, ୨୮।୮ (ଏଜେନ୍ସି): ସାଉଦି ଆରବର ଅଲ ଖୋବାର ସହରରେ ରହୁଥିବା ହାଇଦରାବାଦ ମହିଳା ହୁମେରା ଅମରିନ ବାଥ୍‌ଟବ୍‌ରେ ନିଜର ୩ ଛୁଆକୁ ବୁଡାଇ ମାରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ଭ୍ରମଣ ଭିସାରେ ସାଉଦି ଆରବ ଯାଇଥିଲେ। ସେ ମଙ୍ଗଳବାର ନିଜର ୭ ବର୍ଷୀୟ ଯାଆଁଳା ପିଲା ସାଦେକ,ଆଦେଶ ଅହମ୍ମଦ ଏବଂ ସାନ ପୁଅ ୩ ବର୍ଷୀୟ ୟୁସୁଫ ଅହମ୍ମଦଙ୍କୁ ହତ୍ୟା କରିଥିଲେ। କାମରୁ ଫେରି ଅମରିନ୍‌ଙ୍କ ସ୍ୱାମୀ ଘରୁ ଆସି ପିଲାଙ୍କୁ ମୃତ ଅବସ୍ଥାରେ ଦେଖିବା ପରେ ସାଉଦି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ପୁଲିସ ଅମରିନ୍‌ଙ୍କୁ ଗିରଫ କରିବା ପରେ ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ମାନସିକ ସ୍ଥିତି ଠିକ୍ ନଥିଲା ବୋଲି କୁହାଯାଉଛି।

# ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୨୮।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲ୍ଲାରେ ଗୁରେଜ ସେକ୍ଟରରେ ଗୁରୁବାର ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଅନୁପ୍ରବେଶ ନେଇ ସେନାକୁ ସୂଚନା ପରେ ପୁଲିସ ସହ ଅପରେସନ ଆରମ୍ଭ କରାଯାଇଥିଲା। ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। କିନ୍ତୁ ସେନା ତରଫରୁ ପାଲଟା ଗୁଳି ଚାଳନା ପରେ ଦୁଇ ଆତଙ୍କବାଦୀ ଟଳି ପଡ଼ିଥିଲେ।

# କିଭ୍ ଉପରେ ରୁଷିଆର ଭୟଙ୍କର ଆକ୍ରମଣ

କିଭ୍, ୨୮।୮ (ଏଜେନ୍ସି): ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷିଆ ସବୁଠୁ ଭୟଙ୍କର ଆକ୍ରମଣ କରିଛି। ରୁଷ ମଙ୍ଗଳବାର ରାତିରେ କିଭ୍‌କୁ ଲକ୍ଷ୍ୟ କରି ୬୦୦ ଡ୍ରୋନ୍ ଓ ୩୦ ବାଲାଷ୍ଟିକ ମିସାଇଲ ମାଡ଼ କରିଛି। ଏଥିରେ ୧୪ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୪୪ ଜଣ ଆହତ ହୋଇଛନ୍ତି ବୋଲି ୟୁକ୍ରେନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ୪ ଜଣ ଛୋଟପିଲା ସାମିଲ ରହିଛନ୍ତି। ରୁଷର ଏହି ଆକ୍ରମଣ ସବୁଠାରୁ ବିଧ୍ୱଂସକାରୀ ବିବେଚିତ ହେଉଛି। କିଭ୍‌ସ୍ଥିତ ୟୁକ୍ରେନର ସେନା ଠିକଣା, ଏୟାର ବେସ ଉପରେ ଆକ୍ରମଣ କରାଯାଇଛି ବୋଲି ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରୁଷ୍ ଏହି ଆକ୍ରମଣରେ ହାଇପରସୋନିକ୍ 'କିନଝାଲ' ମିସାଇଲ, ହାଇ ପ୍ରେସିସନ ଏୟାର- ଲଞ୍ଚ ମିସାଇଲ ବ୍ୟବହାର କରିଥିଲା। କିଭ୍‌ରେ ମୋଟ୍ ଉପରେ ୨୦ଟି ସ୍ଥାନ ଉପରେ ରୁଷ ଆକ୍ରମଣ କରିଛି ବୋଲି ୟୁକ୍ରେନ କହିଛି। ଏଥିରେ ଏକ ୫ ମହଲା ବିଶିଷ୍ଟ କୋଠା ଧ୍ୱଂସ ପାଇଛି। ଏହି କୋଠାରେ ୧୨୦ ଜଣ ଲୋକ ରହୁଥିଲେ। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ରୁଷିଆ ୬୦୦ଟି ଡ୍ରୋନ୍ ଓ ୩୦ଟି ବାଲାଷ୍ଟିକ ଓ କ୍ରୁଜ୍ ମିସାଇଲ୍ ଦ୍ୱାରା ଆକ୍ରମଣ କରିଥିଲା। ଏହାର ପ୍ରଭାବରେ ପ୍ରାୟ ଏକ ଲକ୍ଷ ଘରେ ବିଜୁଳି ଚାଲିଯାଇଛି। ସେହିପରି ଭିନିସିଆରେ ମଧ୍ୟ ୬୦ ହଜାର ଘରେ ବିଜୁଳି କଟିଯାଇଛି। ରୁଷିଆ ଶାନ୍ତି ପ୍ରୟାସକୁ ଗ୍ରହଣ କରୁନାହିଁ ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡାମିର ଜେଲେନ୍‌ସ୍କି କହିଛନ୍ତି। କଥାବାର୍ତ୍ତା ନକରି ରୁଷିଆ ବାଲାଷ୍ଟିକ ମିସାଇଲ ବ୍ୟବହାର କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସେହିପରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ରୁଷିଆର ଏହି ଆକ୍ରମଣକୁ ଆତଙ୍କବାଦ ସହ ତୁଳନା କରିଛନ୍ତି। ୟୁରୋପିଆନ ୟୁନିୟନ ଅଧ୍ୟକ୍ଷ ଉରସୁଲା ଭୋନ ଡେର ଲେୟେନ ମଧ୍ୟ ରୁଷିଆକୁ ଏଭଳି ଆକ୍ରମଣ ନ କରିବାକୁ ପରାମର୍ଶ ଦେଇଛନ୍ତି।

**୧୪ ମୃତ, ୪୪ ଆହତ**

**୬୦୦ ଡ୍ରୋନ, ୩୦ ବାଲିଷ୍ଟିକ ମିସାଇଲ ମାଡ଼**



# ନେପାଳ ଦେଇ ବିହାରରେ ପଶିଲେ ୩ ପାକ୍ ଆତଙ୍କବାଦୀ

ପାଟନା, ୨୮।୮ (ଏଜେନ୍ସି): ନେପାଳ ବାଟ ଦେଇ ୩ ଜଣ ପାକିସ୍ତାନୀ ଆତଙ୍କବାଦୀ ବିହାରରେ ଅନୁପ୍ରବେଶ କରିଛନ୍ତି। ଏହି ୩ ଆତଙ୍କୀଙ୍କ ଫଟୋ ଜାରି କରିଛି ପୁଲିସ। ଏମାନେ ଆତଙ୍କବାଦୀ ସଂଗଠନ ଜୈଶ-ଇ- ମହମ୍ମଦ ସହିତ ଜଡିତ ବୋଲି କୁହାଯାଇଛି। ପୁଲିସ ଯେଉଁ ୩ ଆତଙ୍କୀଙ୍କ ଫଟୋ ଜାରି କରିଛି ସେମାନଙ୍କ ନାମ ହେଲା ଆସନୈନ ଅଲି, ଆଦିଲ ହୁସେନ ଓ ମହମ୍ମଦ ଉସ୍‌ମାନ। ହାସନୈନ ରାୱଲପିଣ୍ଡି, ଆଦିଲ ଉମରକୋଟ ଓ ଉସ୍ମାନ ବାହବଲପୁରର ବାସିନ୍ଦା ବୋଲି ଜଣା ପଡ଼ିଛି। ଏହି ଆତଙ୍କୀ ଅରରିୟା ଜିଲ୍ଲା ବାଟ ଦେଇ ବିହାରରେ ପ୍ରବେଶ କରିଛନ୍ତି ବୋଲି ଆଶଙ୍କା କରାଯାଉଛି। ପୁଲିସ ମୁଖ୍ୟ କାର୍ଯ୍ୟାଳୟ ତରଫରୁ ସବୁ ଜିଲ୍ଲାକୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଏହି ଆତଙ୍କୀଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏମାନଙ୍କ ସମ୍ପର୍କରେ ସୂଚନା ଦେଲେ ବିହାର ସରକାର ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଆତଙ୍କବାଦୀମାନେ ଯେଉଁ ବାଟ ଦେଇ ଅନୁପ୍ରବେଶ କରିଛନ୍ତି ସେହିବାଟ ଦେଇ ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରା ଚାଲୁଛି। ତେଣୁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ବିହାର ୭ଟି ଜିଲ୍ଲା ନେପାଳ ସୀମାକୁ ଲାଗିରହିଛି। ରାହୁଲ ଏହି ଜିଲ୍ଲାଗୁଡିକୁ ଯାଇସାରିଛନ୍ତି କିମ୍ବା ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଆତଙ୍କବାଦୀମାନେ ବିହାରରେ ବଡ଼ କାଣ୍ଡ ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଆତଙ୍କବାଦୀ ଅନୁପ୍ରବେଶକୁ ଦୃଷ୍ଟିରେ ରଖି ରାହୁଲଙ୍କ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ରାହୁଲ ସୀତାମଢ଼ିରେ ମାତା ଜାନକୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ରୋଡ ଶୋ'କୁ ବାତିଲ କରାଯାଇଛି।

**ସୂଚନା ଦେଲେ ୫୦, ୦୦୦ ଟଙ୍କା ପୁରସ୍କାର**

**ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରାରେ ପରିବର୍ତ୍ତନ**

# ବିଲ୍ ଅନୁମୋଦନ ନେଇ ରାଜ୍ୟପାଳଙ୍କୁ ଅସୀମିତ ସମୟ ଦିଆଯାଇନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ପାଇଁ କଣ୍ଟ ଧାର୍ଯ୍ୟ ମାମଲାରେ ଉପରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ବିଲ୍‌କୁ ଅନୁମୋଦନ ଦେବା ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ସମୟ ଦେଲେ ସମ୍ବିଧାନ ଧାରା ୨୦୦ରେ ଥିବା ନିୟମ 'ଯଥାଶୀଘ୍ର'ର ଉଦ୍ଦେଶ୍ୟ ପୂରଣ ହେବ ନାହିଁ ବୋଲି ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି। ବିଧାନସଭାରେ ପାରିତ ବିଲ୍ ଉପରେ ନିଷ୍ପତ୍ତି ନେବା ବିରୋଧରେ ରାଜ୍ୟଗୁଡିକ ଦାଏର କରିଥିବା ରିଟ୍ ଆବେଦନକୁ କେନ୍ଦ୍ର ବିରୋଧ କରିଥିବାବେଳେ ଖଣ୍ଡପୀଠ ଏହି ଟିପ୍ପଣୀ କରିଛନ୍ତି। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ରାଜ୍ୟ ସରକାରଗୁଡିକ ଧାରା ୩୨କୁ ବ୍ୟବହାର କରିପାରିବେ ନାହିଁ। କାରଣ ମୌଳିକ ଅଧିକାର ସାଧାରଣ ଲୋକଙ୍କ ପାଇଁ ଥାଏ, ରାଜ୍ୟଗୁଡିକ ପାଇଁ ନୁହେଁ। ରାଜ୍ୟଙ୍କୁ ଏଭଳି ଅଧିକାର ମିଳିଛି କି ନାହିଁ ତାହା ରାଷ୍ଟ୍ରପତି ଜାଣିବାକୁ ଚାହୁଁଛନ୍ତି। ଏହା ସହିତ ଧାରା ୩୬୧ ଅନୁଯାୟୀ ନିଜ ନିଷ୍ପତ୍ତି ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ କୋର୍ଟରେ ଦାୟୀ କରାଯାଇପାରିବ ନାହିଁ।

କେନ୍ଦ୍ର ପକ୍ଷରୁ କୁହାଯାଇଥିଲା ଯେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ କୋର୍ଟ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ। କାରଣ ତାଙ୍କ ନିଷ୍ପତ୍ତି ନ୍ୟାୟିକ ସମୀକ୍ଷା ପରିସରରେ ଆସୁନାହିଁ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ କୌଣସି ରାଜ୍ୟପାଳ ୬ ମାସ ପର୍ଯ୍ୟନ୍ତ ବିଲ୍‌କୁ ପକାଇ ରଖିବା ମଧ୍ୟ ଉଚିତ ନୁହେଁ। ସମ୍ବିଧାନ ନିର୍ମାତାମାନେ ଜାଣିଶୁଣି ପ୍ରଥମେ ଧାରା ୨୦୦ରେ ଥିବା ୬ ସପ୍ତାହର ନିୟମକୁ ବଦଳାଇ 'ଯଥାଶୀଘ୍ର' କରି ଦେଇଥିଲେ। ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ଏହାକୁ ଅଣଦେଖା କରାଯାଇପାରିବ କି ବୋଲି ସୁପ୍ରିମକୋର୍ଟ କେନ୍ଦ୍ରକୁ ପଚାରି ଥିଲେ।

# ମା'କୁ ମାରି ଗୀତ ଗାଇଲା ପୁଅ


ରାୟପୁର, ୨୮।୮ (ଏଜେନ୍ସି): ଛତିଶଗଡ଼ର ଯଶପୁର ଜିଲ୍ଲାର କୁନ୍‌କୁରୀ ଥାନା ଅଞ୍ଚଳରେ ପୁଅ ନିଜ ମାଆକୁ ଟାଙ୍ଗିଆରେ ହାଣି ମାରିବା ପରେ ମୃତଦେହ ପାଖରେ ବସି ରାଗରେ ଗୀତ ଗାଇଛି। ପାଖକୁ ଆସୁଥିବା ଲୋକଙ୍କୁ ସେ ଟାଙ୍ଗିଆ ହଲାଇ ଭୟଭୀତ କରାଇବାକୁ ପଛାଇନାହିଁ। ଏହି ବ୍ୟକ୍ତି ହେଉଛନ୍ତି ଜିତ ରାମ ଯାଦବ। ସେ ନିଜ ୫୯ ବର୍ଷୀୟ ମା ଗୁଲାବୀଙ୍କୁ ମଙ୍ଗଳବାର ସକାଳ ୫ଟାରେ ହତ୍ୟା କରିଥିଲା। ଗୁଲାବୀ ମରିବା ପର୍ଯ୍ୟନ୍ତ ସେ ତାଙ୍କୁ ଟାଙ୍ଗିଆରେ ହାଣି ଚାଲିଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ ପୁଲିସକୁ କହିଛନ୍ତି। ପୁଲିସ ପହଞ୍ଚିଥିଲେ ବି ଟାଙ୍ଗିଆ ଧରି ଡରାଇବାରୁ ଜିତ୍‌କୁ କାବୁ କରିବାକୁ ପୁଲିସକୁ ୪ ଘଣ୍ଟା ଲାଗିଥିଲା। ହତ୍ୟାର କାରଣ ସମ୍ପର୍କରେ କିଛି ଜଣା ପଡ଼ିନାହିଁ। ତେବେ ଜିତ୍ ମାନସିକ ବିକାରଗ୍ରସ୍ତ ଥିଲା ବୋଲି କୁହାଯାଉଛି।

# ନିଜକୁ ଅସୁରକ୍ଷିତ ମଣୁଛନ୍ତି ୪୦% ସହରାଞ୍ଚଳ ମହିଳା

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଦେଶରେ ମହିଳା ବିରୋଧୀ ହିଂସା ବୃଦ୍ଧି ପାଉଥିବାବେଳେ ଏକ ଚିନ୍ତାଜନକ ରିପୋର୍ଟ ସାମ୍ନାକୁ ଆସିଛି। ସହରରେ ରହୁଥିବା ୪୦ ପ୍ରତିଶତ ମହିଳା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ନ୍ୟାସନାଲ ଆନୁଆଲ ରିପୋର୍ଟ ଆଣ୍ଡ ଇଣ୍ଡେକ୍ସ ଅନ୍ ୱିମେନ୍ସ ସେଫ୍‌ଟି (ଏନଏଆରଆଇ)-୨୦୨୫ରୁ ଏହା ଜଣାପଡ଼ିଛି। ୩୧ ସହରର ୧୨,୭୭୦ ମହିଳାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଗୁରୁବାର ଏହି ରିପୋର୍ଟ ଜାରି କରାଯାଇଥିଲା। ଏହା ଅନୁଯାୟୀ ୨୦୨୪ରେ ୭ ପ୍ରତିଶତ ମହିଳା ଉତ୍ପୀଡ଼ନର ଶିକାର ହେଉଥିବା କହିଥିଲେ। ଏମାନଙ୍କ ମଧ୍ୟରୁ ୧୮-୨୪ ବର୍ଷର ମହିଳା ସର୍ବାଧିକ ବିପଦର ସମ୍ମୁଖୀନ ହେଉଥିଲେ। ଏହା ଏନ୍‌ସିଆରବିର ୨୦୨୨ ତଥ୍ୟ ଅନୁଯାୟୀ ଶହେଗୁଣ। ସହରର ଗଳିରେ ମହିଳାଙ୍କୁ ଅଶ୍ଳୀଳ ନଜରରେ ଚାହିଁବା, ଗାଳିଗୁଲଜ, ଛୁଇଁବା ଆଦି ଉତ୍ପୀଡ଼ନ ସାମିଲ ରହିଛି। ଦୁର୍ବଳ ଭିତ୍ତିଭୂମି ବ୍ୟବସ୍ଥା, ଖରାପ ଆଲୋକୀକରଣ ଏବଂ ପର୍ଯ୍ୟାପ୍ତ ସାର୍ବଜନୀନ ପରିବହନ ବ୍ୟବସ୍ଥା ନ ଥିବାରୁ ଏପରି ହେଉଛି। କୋଲକାତା, ଦିଲ୍ଲୀ ଭଳି ସହରରେ ମହିଳା ଏଭଳି ନିର୍ଯାତନାର ଶିକାର ହେଉଛନ୍ତି। ଏହା ପଛକୁ ରାଞ୍ଚି, ଶ୍ରୀନଗର, ପାଟନା, ଜୟପୁର ଏବଂ ଫରିଦାବାଦ ରହିଛି। ଏହି ସବୁ ସହର ମହିଳାଙ୍କ ପାଇଁ କମ୍ ସୁରକ୍ଷିତ। ଏହି ସହରରେ ସଂସ୍ଥାଗତ ପ୍ରତିକ୍ରିୟା ଦୁର୍ବଳ ରହିଛି। ପିତୃକୈନ୍ଦ୍ରିକ ଚିନ୍ତାଧାରା ଏବଂ ସହରୀ ମନୋଭାବ ବହୁତ କମ୍ ଥିବାରୁ ସୁରକ୍ଷା ସ୍ଥିତି ଖରାପ ରହିଛି।

କୋହିମା, ବିଶାଖପାଟଣା, ଭୁବନେଶ୍ୱର, ଆଇଜୋଲ, ଗ୍ୟାଙ୍ଗଟକ, ଇଟାନଗର ଏବଂ ମୁମ୍ବଇ ମହିଳାଙ୍କ ପାଇଁ ସବୁଠୁ ସୁରକ୍ଷିତ ସହର ପାଲଟିଛି। ରିପୋର୍ଟରେ କୁହାଯାଇଛି ଯେ କୋହିମା ଏବଂ ଅନ୍ୟ ସବୁଠୁ ସୁରକ୍ଷିତ ସହରରେ ମହିଳାଙ୍କୁ ଅଧିକ ସମାନତା, ନାଗରିକ ସହଭାଗୀ, ଉତ୍ତମ ପୁଲିସ ବ୍ୟବସ୍ଥା ଏବଂ ମହିଳାଙ୍କ ପାଇଁ ଅନୁକୂଳ ବ୍ୟବସ୍ଥା ମିଳୁଛି। ରିପୋର୍ଟରେ କୁହାଯାଇଛି ଯେ ରେକର୍ଡରେ ନ ଥିବା ମାମଲାକୁ ବିଚାରକୁ ନେବାକୁ ପ୍ରୟାସ କରାଯାଇଛି। ପଞ୍ଜିକୃତ ମାମଲାଠାରୁ ବାସ୍ତବତା ଅଧିକ ଭୟଙ୍କର ରହିଛି। ପୁଣି ଉତ୍ପୀଡ଼ନର ଶିକାର ହେବାକୁ ଏବଂ ସାମାଜିକ କଳଙ୍କ ଭୟରେ ଅନେକ ମହିଳା ଏତଲା ଦିଅନ୍ତି ନାହିଁ। ମାତ୍ର ୨୨ ପ୍ରତିଶତ ମହିଳା କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅଭିଯୋଗ କରିଥାନ୍ତି। କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ନିରୋଧୀ ବ୍ୟବସ୍ଥା (ପିଓଏସ୍‌ଏଚ) ଅଛି କି ନାହିଁ ତାହା ୫୩ ପ୍ରତିଶତ ମହିଳା ଜାଣିନାହାନ୍ତି।

# ପୁଲିସର ଦ୍ୱନ୍ଦ୍ୱ ବଢ଼ାଇଲା ଡାକ୍ତରଙ୍କ ରିପୋର୍ଟ



ନୋଏଡ଼ା, ୨୮।୮ (ଏଜେନ୍ସି): ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାର ନିକି ଭାଟିଙ୍କୁ ଯୌତୁକ ପାଇଁ ଜିଅନ୍ତା ପୋଡି ମାରିବା ମାମଲା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ନିକି ନିଜକୁ ନିଆଁ ଲଗାଇ ଥିଲେ କି ସ୍ୱାମୀ ବିପିନ ଭାଟି ତାଙ୍କୁ ନିଆଁ ଲଗାଇ ଦେଇଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଗତ ୨୧ ତାରିଖ ସନ୍ଧ୍ୟା ୫ଟା୩୦ରେ ଘରର ପାହାଚରେ ଜଳନ୍ତା ଅବସ୍ଥାରେ ଓହ୍ଲାଉ ଥିବା ଦେଖାଯାଇଥିଲା। ଯାଞ୍ଚ ସମୟରେ ବିପିନଙ୍କ ଘରେ ୮ଟି ସିସିଟିଭି ଲାଗିଥିବା ଜଣାପଡ଼ିଥିଲା। କିନ୍ତୁ ଘଟଣା ଦିନ ସବୁ ସିସିଟିଭି ବନ୍ଦ ଥିଲା। ଏଥିପାଇଁ କିଛି ବି ରେକର୍ଡ ହୋଇପାରି ନ ଥିଲା। ନିକିଙ୍କ ଭଉଣୀ କାଞ୍ଚନ ନିଜ ମୋବାଇଲରେ ନିକି ଜଳୁଥିବା ଭିଡିଓ ସୁଟ୍ କରିଥିଲେ। ସେ ଏହାକୁ ପ୍ରମାଣ ଭାବେ ପୁଲିସକୁ ଦେଇଥିଲେ। ବିପିନଙ୍କ ପରିବାର ପକ୍ଷରୁ ମଧ୍ୟ ଅନେକ ଦାବି କରାଯାଇଛି। ପୁଲିସକୁ କିଛି ଭିଡିଓ ମଧ୍ୟ ଦେଇଛନ୍ତି। ଗତ ୭ ଦିନରେ ନିକିଙ୍କ ସହ ମାର୍‌ପିଟ ଏବଂ ମୃତ୍ୟୁ ସମ୍ବନ୍ଧିତ ୫ଟି ଭିଡିଓ ସାମ୍ନାକୁ ଆସିଲାଣି। ତଥାପି ବି ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ। ଏହି ସବୁ ଭିଡିଓକୁ ପୋଷ୍ଟ କରାଯାଇଥିବାର ତାରିଖ ଜଣା ପଡ଼ିଥିଲେ ବି କେବେ ସୁଟ୍ କରାଯାଇଥିଲା ତାହା ଜଣାପଡ଼ି ନାହିଁ। ଯାଞ୍ଚ ପାଇଁ ଏ ସବୁ ଭିଡିଓକୁ ଆଗ୍ରା ଏବଂ ଚଣ୍ଡିଗଡ଼ ସ୍ଥିତ ଫରେନସିକ ଲ୍ୟାବ୍‌କୁ ପଠାଇବା ପାଇଁ ପ୍ରସ୍ତୁତି କରାଯାଉଛି।

ଏହା ମଧ୍ୟରେ ବଡ଼ ସୂଚନା ସାମ୍ନାକୁ ଆସିଛି। ନିକି ମୃତ୍ୟୁ ପୂର୍ବରୁ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଦେହରେ ନିଆଁ ଲାଗି ଯାଇଥିଲା ବୋଲି ଡାକ୍ତରକୁ କହିଥିବା ଦାବି ହେଉଛି। ଡାକ୍ତରଖାନା ଜଣେ ଡାକ୍ତର ଏବଂ ନର୍ସ କହିଛନ୍ତି ଯେ ହସ୍ପିଟାଲକୁ ଆଣିବା ସମୟରେ ନିକି କଥାବାର୍ତ୍ତା କରିପାରୁ ଥିଲେ। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ହସ୍ପିଟାଲ ବାହାରର ସିସିଟିଭି ଫୁଟେଜରେ ନିକିଙ୍କ ଶାଶୁ, ଶଶୁର, ଦେଢ଼ଶୁର ଏବଂ ପଡୋଶୀ କାର୍‌ରେ ବସିଥିବା ଦେଖାଯାଉଛି। ତେବେ ଭାଟିଙ୍କ ଘରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣର କୌଣସି ପ୍ରମାଣ ମିଳି ନ ଥିବା କୁହାଯାଇଛି। ନିକିଙ୍କୁ ବୟାନ ଦେବା ପାଇଁ ବାଧ କରାଯାଇଥିଲା କି ନାହିଁ ଏବେ ତାହାର ତଦନ୍ତ ଚାଲିଛି। ଫରେନସିକ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ବ୍ୟବଚ୍ଛେଦ ରିପୋର୍ଟରେ ୮୦% ପୋଡ଼ିଯିବା ଯୋଗୁଁ ନିକିଙ୍କ ମୃତ୍ୟୁ ହୋଇଥିଲା ବୋଲି କୁହାଯାଇଛି। ସେହିପରି ବିପିନ ହିଁ ନିଆଁ ଲଗାଇ ହତ୍ୟା କରିଥିଲା ବୋଲି ନିକିଙ୍କ ଭଉଣୀ କାଞ୍ଚନ କହିଥିଲେ।

# ଆଜିଠୁ କମିବ ବର୍ଷା; ପହିଲାରୁ ପୁଣି ବଢ଼ିବ

ଭୁବନେଶ୍ୱର,୨୮।୮(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ରାଜ୍ୟଠାରୁ ଧୀରେ ଧୀରେ ଦୂରକୁ ଯାଉଛି। ବର୍ତ୍ତମାନ ଏହି ଲଘୁଚାପ କେନ୍ଦ୍ରୀୟ ଛିତିଶଗଡ଼ ଓ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି। ଯଦିଓ ଏହା ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ବର୍ଷାର ପରିମାଣ ହ୍ରାସ ପାଇଛି; ମାତ୍ର ଲଘୁଚାପ ଯୋଗୁଁ ଗତ ୨ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ ବର୍ଷା ହୋଇଛି। ପ୍ରଥମେ ଲଘୁଚାପ ଯୋଗୁଁ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ସେଠାରେ ବିଭିନ୍ନ ନଦୀରେ ଜଳସ୍ତର ବଢ଼ିଛି। ବିଶେଷକରି ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ଯୋଗୁଁ ଜନଜୀବନ ବିଶେଷ ଭାବେ ପ୍ରଭାବିତ ହୋଇଛି। ଗୁରୁବାର ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ଏବେ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷା ଲାଗି ରହିଛି। ଶୁକ୍ରବାରଠାରୁ ଦୁଇ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ କମିବାକୁ ଥିଲେ ମଧ୍ୟ ୧ ତାରିଖରୁ ପୁଣି ଥରେ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଇଛି। କାରଣ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡିଶା ଉପକୂଳରେ ପୁଣି ଏକ ଲଘୁଚାପ ସୃଷ୍ଟି ନେଇ ସମ୍ଭାବନା ରହିଛି। ଯାହାଫଳରେ ସେପ୍ଟେମ୍ବରରୁ ପହିଲାରୁ ରାଜ୍ୟରେ ଜାରି ରହିବ ବର୍ଷା ବୃଦ୍ଧି ପାଇବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଛତିଶଗଡ଼ ଉପରେ ବର୍ତ୍ତମାନ ଲଘୁଚାପଟି ସକ୍ରିୟ ରହିଛି। ଗୁରୁବାର ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବା ବେଳେ ଶୁକ୍ରବାରଠାରୁ ବର୍ଷାର ପରିମାଣ କମିବା ସମ୍ଭାବନା ରହିଛି। ଉତ୍ତର ଓ ଉପକୂଳ ଓଡିଶାର କିଛି ଅଞ୍ଚଳରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୩୦ ତାରିଖ ଯାଏ ପ୍ରବଳ ବର୍ଷାର ସମ୍ଭାବନା ନଥିବା ବେଳେ ପୁଣି ୩୧ରୁ ବର୍ଷା ବଢ଼ିବା ଆକଳନ କରାଯାଉଛି।

ଗତ ୨୪ ଘଣ୍ଟାରେ ୫ ସ୍ଥାନରେ ପ୍ରବଳ ଓ ୭ ସ୍ଥାନରେ ଅତିପ୍ରବଳ ବର୍ଷା ହୋଇଥିବା ବେଳେ କୋରାପୁଟ ଜୟପୁରରେ ସର୍ବାଧିକ ୧୮୬ ମିମି ବର୍ଷା ରେକର୍ଡ କରାଯାଇଛି। ମୌସୁମୀ ଋତୁରେ ଆଜିଯାଏଁ ସ୍ୱାଭାବିକ ବର୍ଷା ୮୮୪ ମିମି ତୁଳନାରେ ୮୫୪ ମିମି ବର୍ଷା ରେକର୍ଡ ହୋଇଛି।

# ୫୦% ପିଲା ବୁଝିପାରୁ ନାହାନ୍ତି ବିଦ୍ୟାଳୟ ପାଠ୍ୟକ୍ରମ

ଭୁବନେଶ୍ୱର, ୨୮।୮(ସମିସ): ବିଦ୍ୟାଳୟରେ ପଢ଼ାଯାଉଥିବା ପାଠ୍ୟକ୍ରମକୁ ଛାତ୍ରଛାତ୍ରୀମାନେ ବୁଝି ପାରୁ ନାହାନ୍ତି। ଏଥିପାଇଁ ସେମାନେ ଘରୋଇ କୋଚିଂ ଉପରେ ନିର୍ଭର ହେଉଛନ୍ତି। ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ସମାନ ପରିସ୍ଥିତି। ଓଡ଼ିଶାରେ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ଘରୋଇ କୋଚିଂ ସେଣ୍ଟର ଉପରେ ନିର୍ଭରଶୀଳ ହେଉଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ଶିକ୍ଷା ସମ୍ବନ୍ଧୀୟ ବ୍ୟାପକ ମଡ୍ୟୁଲାର ସର୍ଭେ (ସିଏମ୍ଏସ୍)ରୁ ଜଣା ପଡ଼ିଛି।

ଚଳିତ ବର୍ଷ ଏପ୍ରିଲ-ଜୁନ୍ ମାସରେ କରାଯାଇଥିଲା।

ସର୍ଭେରୁ ଜଣାପଡିଛି ଯେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ୫୭.୧ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ନେଉଛନ୍ତି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ଛାତ୍ରଛାତ୍ରୀ କୋଚିଂ ଉପରେ ନିର୍ଭରଶୀଳ ଅଛନ୍ତି। ଗ୍ରାମାଞ୍ଚଳରେ ଏହାର ମାତ୍ରା ୫୪.୬ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ୬୬.୬ ପ୍ରତିଶତ ରହିଛି। ସେହିପରି ମାଧ୍ୟମିକ ସ୍ତର ଅର୍ଥାତ୍ ନବମ ଓ ଦଶମ ଶ୍ରେଣୀର ସବୁଠାରୁ ଅଧିକ ଅର୍ଥାତ୍ ୬୮.୭ ପ୍ରତିଶତ ପିଲାମାନେ କୋଚିଂ ନେଉଛନ୍ତି। ପ୍ରାଥମିକ ଶିକ୍ଷା ପୂର୍ବରୁ ୩୪.୨

■ ଘରୋଇ କୋଚିଂ ଉପରେ ନିର୍ଭରଶୀଳ ଛାତ୍ରଛାତ୍ରୀ
■ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ଟ୍ୟୁସନ୍
■ ଅଧିକ କୋଚିଂ ନେଉଛନ୍ତି ନବମ ଓ ଦଶମ ଶ୍ରେଣୀ ପିଲା

ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପିତାମାତା ନିଜେ ପଢ଼ାଉଛନ୍ତି କିମ୍ବା ପ୍ରାଥମିକ ଶ୍ରେଣୀ ପାଇଁ ପ୍ରସ୍ତୁତ କରିବାକୁ ଟ୍ୟୁସନ୍ ଦେଉଛନ୍ତି। ଅନୁରୂପ ଭାବେ ଛାତ୍ରଛାତ୍ରୀଙ୍କ ପାରିବାରିକ ଖର୍ଚ୍ଚ ଏବଂ କୋଚିଂ ଫି' ଉପରେ ମଧ୍ୟ ସର୍ଭେରେ ଗୁରୁତ୍ୱ ଦିଆଯାଇଥିଲା। ସହରାଞ୍ଚଳରେ ଘରୋଇ କୋଚିଂ ବାବଦକୁ ବାର୍ଷିକ ହାରାହାରି ୧୦,୮୯୯ ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଗ୍ରାମାଞ୍ଚଳରେ ୩,୫୪୭ ଟଙ୍କା ବ୍ୟୟ ହେଉଛି। ଅର୍ଥାତ୍ ଗ୍ରାମାଞ୍ଚଳ ତୁଳନାରେ ପ୍ରାୟ ୩ଗୁଣା ଅଧିକ ଖର୍ଚ୍ଚ ସହରାଞ୍ଚଳରେ ହେଉଥିବା ଜଣା ପଡ଼ିଛି। ପ୍ରାଥମିକ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ହାରାହାରି ୧,୨୩୮ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ମାଧ୍ୟମିକ ସ୍ତର ବେଳକୁ ଏହା ୧୦,୪୦୧ ଟଙ୍କାରେ ପହଞ୍ଚିଛି।

ଘରୋଇ କୋଚିଂ ବ୍ୟତୀତ ସ୍କୁଲ୍ ଫି, ପରିବହନ, ୟୁନିଫର୍ମ, ପାଠ୍ୟପୁସ୍ତକ, ଷ୍ଟେସନାରୀ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ପରିବାରବର୍ଗ ବହନ କରୁଛନ୍ତି। ପ୍ରାଥମିକ ଶିକ୍ଷା ସ୍ତରରେ ସରକାରୀ ବିଦ୍ୟାଳୟର ପିଲାଙ୍କ ପାଇଁ ହାରାହାରି ୧,୧୯୬ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଘରୋଇ ବିଦ୍ୟାଳୟ ପିଲାଙ୍କ ପାଇଁ ହାରାହାରି ୨୪,୫୨୭ ଟଙ୍କା ବ୍ୟୟ କରୁଛନ୍ତି। ସେହିପରି ମାଧ୍ୟମିକ ଶିକ୍ଷା ସ୍ତରରେ ସରକାରୀ ସ୍କୁଲ ପିଲାଙ୍କ ପିଛା ୮,୧୧୭ ଟଙ୍କା ଏବଂ ଘରୋଇ ସ୍କୁଲ ପିଲାଙ୍କ ପିଛା ୪୦,୧୪୭ ଟଙ୍କା ଖର୍ଚ୍ଚ ହେଉଛି। ସହରାଞ୍ଚଳରେ ପଢୁଥିବା ପିଲାଙ୍କ ପାଇଁ ସମସ୍ତ ବର୍ଗରେ ଅଧିକ ଦେୟ ଦେବାକୁ ପଡୁଥିବା ସର୍ଭେରୁ ଜଣା ପଡ଼ିଛି। ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ହାରାହାରି ଗୋଟିଏ ପିଲାର ପଢ଼ିବା ବାବଦକୁ ୧୪,୧୪୫ ଟଙ୍କା ପାଠ୍ୟକ୍ରମ ଫି' ରହୁଥିବାବେଳେ ପରିବହନ ବାବଦକୁ ୪,୪୩୮ ଟଙ୍କା ଖର୍ଚ୍ଚ ହେଉଥିବା ଆକଳନ କରାଯାଇଛି। ସେହିପରି ରାଜ୍ୟର ୯୨ ପ୍ରତିଶତ ଛାତ୍ରଛାତ୍ରୀ ସେମାନଙ୍କ ଶିକ୍ଷା ପାଇଁ ପାଣ୍ଠିର ପ୍ରଥମ ଓ ପ୍ରମୁଖ ଉତ୍ସ ପରିବାର ସଦସ୍ୟଙ୍କଠାରୁ ଥିବାବେଳେ ମାତ୍ର ୨.୩ ପ୍ରତିଶତ ଛାତ୍ରଛାତ୍ରୀ ସରକାରୀ ବୃତ୍ତି ରାଶି ସେମାନଙ୍କର ପ୍ରମୁଖ ପାଣ୍ଠି ଥିଲା ବୋଲି ଦର୍ଶାଇଛନ୍ତି।

# ପୁରୀ ବିମାନବନ୍ଦର ପାଇଁ ହେବ ପକ୍ଷୀଜନିତ ବିପଦର ଅନୁଧ୍ୟାନ

ଭୁବନେଶ୍ୱର,୨୮।୮(ସମିସ): ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଖୁବ୍‌ଶୀଘ୍ର ପକ୍ଷୀ ଜନିତ ବିପଦ ଉପରେ ଅନୁଧ୍ୟାନ କରାଯିବ। ଏହି ପ୍ରକଳ୍ପ ଯୋଗୁଁ ଆବଶ୍ୟକ ଅନୁମୋଦନ ପାଇବା ପାଇଁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିକଟରେ ଏହି ରିପୋର୍ଟ ଦାଖଲ କରାଯିବ। ପୁରୀର ସିପସରୁବାଲିରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ପାଇଁ ମିଳିତ ସର୍ବେକ୍ଷଣ ସଂସ୍ଥା ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ର ଉପରେ ଏକ ବ୍ୟାପକ ଅଧ୍ୟୟନ କରିଛି। ପ୍ରକଳ୍ପ ଭିତରେ ଏବଂ ଏହାର ଆଖପାଖରେ ପ୍ରବାସୀ ପକ୍ଷୀ ଏବଂ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ପରିବେଶ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏଥିରେ ଦର୍ଶାଯାଇଛି। ମାତ୍ର ପକ୍ଷୀ ଜନିତ କେଉଁ ବିପଦ ରହୁଛି ତାହା ଉପରେ ଅଧ୍ୟୟନକୁ ଗୁରୁତ୍ୱ ଦିଆଯାଇଛି। ଏହି ଅଧ୍ୟୟନ ସହିତ

■ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ସୁପାରିସ୍ ଆଧାରରେ ହେବ ଅନୁଧ୍ୟାନ
■ ଚୂଡ଼ାନ୍ତ ପରିବେଶ ମଞ୍ଜୁରୀ ପୂର୍ବରୁ ଅନୁଧ୍ୟାନ କରିବେ ସରକାର

ପରିବେଶ ମଞ୍ଜୁରୀ ଏବଂ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ପାଇଁ ଅତିରିକ୍ତ ସର୍ତ୍ତ ଭାବରେ ମନ୍ତ୍ରଣାଳୟର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଏହି ଅଧ୍ୟୟନ ପାଇଁ କହିଥିଲା। ଏହାକୁ ଆଧାର କରି ରାଜ୍ୟ ସରକାର ପକ୍ଷୀ ଜନିତ ବିପଦ ଉପରେ ଅନୁଧ୍ୟାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିମାନବନ୍ଦର ପ୍ରକଳ୍ପର ପ୍ରସ୍ତାବକ ଭାବେ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗ ଏହି ଅଧ୍ୟୟନ କରିବ ଏବଂ ଏଥିପାଇଁ ଏ କ୍ଷେତ୍ରରେ ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନକୁ ନିୟୋଜିତ କରିବ ବୋଲି ଜଣାପଡ଼ିଛି।

ବାଣିଜ୍ୟ ଏବଂ ପରିବହନ ବିଭାଗ ପୂର୍ବରୁ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟିକୁ ଜଣାଇଥିଲା ଯେ ଭାରତୀୟ ପ୍ରାଣୀ ବାଣିଜ୍ୟ ଓ ପରିବହନ ବିଭାଗକୁ ଓଡ଼ିଶା ଉପକୂଳ ଅଞ୍ଚଳ ପରିଚାଳନା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସର୍ତ୍ତାବଳୀ ପାଳନ କରିବାକୁ କୁହାଯାଇଛି। ଏହି ଆଧାରରେ ପ୍ରସ୍ତାବିତ ବିମାନବନ୍ଦର ଚାରିପାଖରେ କରାଯିବାକୁ ଥିବା ବୃକ୍ଷ ରୋପଣ ନିମନ୍ତେ ମାର୍ଗଦର୍ଶିକା ପାଇଁ ରାଜ୍ୟ ବନ ବିଭାଗ ସହିତ ବିଚାରବିମର୍ଶ କରିବାକୁ କୁହାଯାଇଛି।


ବର୍ତ୍ତମାନ ପୁରୀ ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପାଇଁ କେବଳ ଚୂଡ଼ାନ୍ତ ପରିବେଶ ମଞ୍ଜୁରୀକୁ ଅପେକ୍ଷା ରହିଛି। ଏହି ମଞ୍ଜୁରୀ ମିଳିବା ପରେ ବିମାନବନ୍ଦନ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ପଥ ପରିଷ୍କାର ହେବ। ନିକଟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିମାନବନ୍ଦର ପ୍ରକଳ୍ପକୁ ନୀତିଗତ ଅନୁମୋଦନ ଦେଇଥିଲା। ଏହାପରେ ପୁରୀରେ ପ୍ରସ୍ତାବିତ ବିମାନବନ୍ଧ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏକ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି କ୍ଷେତ୍ର ପରିଦର୍ଶନ କରି କିଛି ନିର୍ଦ୍ଦିଷ୍ଟ ପ୍ରଶ୍ନ ଉଠାଇଥିଲା। ଏ ସମ୍ପର୍କରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମନ୍ତ୍ରଣାଳୟ ନିକଟରେ ଜବାବ ଦାଖଲ କରାଯାଇଥିଲା। ସୂଚନା ଥାଉ କି ଏହି କେନ୍ଦ୍ରୀୟ ଟିମ୍ ପରିବେଶ ମଞ୍ଜୁରୀ ସମ୍ପର୍କିତ କିଛି ପଦକ୍ଷେପ ନେବା ଲାଗି ସୁପାରିସ କରିଥିଲେ। ବିମାନବନ୍ଦର ନିର୍ମାଣ ହେଲେ ଶ୍ରୀମନ୍ଦିର ଉପରେ କିମ୍ବା ଚିଲିକା ହ୍ରଦ ତଥା ଅଲିଭ୍‌ରିଡ୍‌ଲେ କଇଁଚଙ୍କ ଅଣ୍ଡାଦାନ ଉପରେ କିଛି କୁପ୍ରଭାବ ପଡିବ କି ନାହିଁ, ବିଦେଶାଗତ ପକ୍ଷୀଙ୍କ ଯିବା ଆସିବା କ୍ଷେତ୍ରରେ ବିମାନ କ୍ଷେତ୍ର ରହୁଛି କି ଆଦି ଅନୁଧ୍ୟାନ କରି ରିପୋର୍ଟ ଦେବା ପାଇଁ କହିଥିଲେ। ଶ୍ରୀମନ୍ଦିର ଉପରେ ପ୍ରଭାବ ଆଶଙ୍କା କ୍ଷୀଣ ବୋଲି ବିଶେଷଜ୍ଞ ରିପୋର୍ଟ ଦେଇଥିଲେ ସୁଦ୍ଧା ଏଏସ୍‌ଆଇର ମତାମତ ନେବା ପାଇଁ ସୁପାରିସ କରାଯାଇଥିଲା। ଏ ସବୁର ଜବାବ ଗତ ଜୁନ ମାସରେ ପରିବହନ ବିଭାଗ ପକ୍ଷରୁ କେନ୍ଦ୍ର ପରିବେଶ ମନ୍ତ୍ରାଳୟକୁ ପ୍ରଦାନ କରାଯାଇ ଚୂଡାନ୍ତ ଅନୁମୋଦନ ପ୍ରଦାନ ପାଇଁ ନିବେଦନ କରାଯାଇଛି।

# ଆଜିଠୁ ଏସ୍‌ସି, ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସମ୍ମିଳନୀ

ଭୁବନେଶ୍ୱର,୨୮।୮(ସମିସ): ଶୁକ୍ରବାରଠାରୁ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ସଂସଦ ଓ ବିଧାନସଭାର ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ଦୁଇଦିନିଆ ଜାତୀୟ ସମ୍ମିଳନୀ। ଲୋକସେବା

**ଉଦ୍‌ଘାଟନ କରିବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା**

ଭବନର କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ ଏହି ସମ୍ମିଳନୀକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦଘାଟନ କରିବେ। ଏ ସମ୍ପର୍କରେ ବାଚସ୍ପତି ସୁରମା ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଏହି ଧରଣର ଜାତୀୟ ସମ୍ମିଳନୀ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ ଏହି ସମାବେଶକୁ ସମ୍ବୋଧିତ କରିବେ। ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ



ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟ, ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ଓଡ଼ିଶା ବିଧାନସଭାର ସଦସ୍ୟ ଓ ସାଂସଦମାନେ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଯୋଗଦେବେ। ଚଳିତ ସମ୍ମିଳନୀର ବିଷୟବସ୍ତୁ ରହିଛି "ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତିକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା'। ୩୦ ତାରିଖ ଦିନ ଉଦ୍‌ଯାପନୀ ଉତ୍ସବ ଅବସରରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍‌ପାଟି, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକଫର ଫଗନ ସିଂହ କୁଲସ୍ତେ, ବାଚସ୍ପତି ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଉଦ୍‌ବୋଧନ ଦେବେ।

ଏହି ସମ୍ମିଳନୀ ଅବସରରେ ଦେଶର ଅନ୍ୟ ରାଜ୍ୟଗୁଡ଼ିକୁ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟଙ୍କ ଚାଲିଚଳଣି, ପୋଷାକ ପରିଧାନ, କାର୍ଯ୍ୟକୁଶଳତା, କାରିଗରୀ ବିଦ୍ୟା, ହସ୍ତଶିଳ୍ପ ସଂପର୍କରେ ଅବଗତ କରାଇବା ପାଇଁ ଏକ ଦୁଇଦିନିଆ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଉଛି ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ସୂଚନା ଦେଇଛନ୍ତି।

# ଏମ୍‌ସରେ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା ଆରମ୍ଭ

ଭୁବନେଶ୍ୱର, ୨୮।୮ (ସମିସ): ମାନସିକ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏମ୍‌ସ ମାନସିକ ରୋଗ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର ଆରମ୍ଭ ହୋଇଛି। ଅତ୍ୟାଧୁନିକ ନନ୍-ଇନ୍ଭେସିଭ ବ୍ରେନ୍ ଷ୍ଟିମୁଲେସନ୍ ଥେରାପୀ ଚିକିତ୍ସା ପ୍ରଦାନ କରି ଔଷଧ ପ୍ରତିରୋଧୀ ଓ ଚିକିତ୍ସା କରିବାକୁ କଷ୍ଟକର ମାନସିକ ରୋଗରେ ପୀ?ିତ ରୋଗୀଙ୍କ ପାଇଁ ଏକ ନୂତନ ଆଶା ସଂଚାର କରିବ। ନ୍ୟୁରୋମଡ୍ୟୁଲେସନ୍ ସେବାକୁ ଉଦଘାଟନ କରିବା ସହ ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏହି ବ୍ୟବସ୍ଥା ଏମ୍‌ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକାରୀ ହୋଇଥିବା ନୂତନ କେନ୍ଦ୍ରଟି ଉନ୍ନତ ନ୍ୟୁରୋମଡ୍ୟୁଲେସନ୍ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଯେଉଁଥିରେ ରିପିଟିଟିଭ୍ ଟ୍ରାନ୍ସକ୍ରାନିଏଲ୍ ମ୍ୟାଗ୍ନେଟିକ୍ ଷ୍ଟିମୁଲେସନ(ଆର୍‌ଟିଏମଏସ) ୟୁନିଟ୍, ଅଲ୍ଟ୍ରା-ବ୍ରିଫ୍ ପଲ୍ସ ଇସିଟି ୟୁନିଟ୍ ଓ ଟ୍ରାନ୍ସକ୍ରାନିଏଲ୍ ଇଲେକ୍ଟ୍ରିକାଲ୍ ଷ୍ଟିମୁଲେସନ୍ (ଟିଇଏସ୍) ଅନ୍ତର୍ଭୁକ୍ତ। ଏହି ନନ୍-ଇନ୍ଭେସିଭ



କୌଶଳଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ରେନ୍ ସର୍କିଟରେ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରି କାର୍ଯ୍ୟ କରେ। ଏହି କେନ୍ଦ୍ର ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି, ମାଦକ କିମ୍ବା ନିଶା ଦ୍ରବ୍ୟ ସେବନଜନିତ ବ୍ୟାଧି ଏବଂ ନ୍ୟୁରୋସାଇକିଆଟ୍ରିକ୍ ଅବସ୍ଥା ପାଇଁ ବିଶେଷ ଚିକିତ୍ସା ପ୍ରଦାନ କରିବ। କେବଳ ମସ୍ତିଷ୍କର ପ୍ରଭାବିତ ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେଇ, ଏହି ଚିକିତ୍ସା ପ୍ରଣାଳୀ ପାରମ୍ପରିକ ଚିକିତ୍ସା ପଦ୍ଧତି ଅପେକ୍ଷା ଅଧିକ ସଠିକ୍ ଏବଂ ଗ୍ରହଣୀୟ ବିକଳ୍ପ ପ୍ରଦାନ କରେ। ଯାହା ଦ୍ରୁତ ଆରୋଗ୍ୟ ଓ ଉତ୍ତମ ଫଳାଫଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

ପାରମ୍ପରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ବିଭିନ୍ନ ମାନସିକ ବ୍ୟାଧିରୁ ଆରାମ ପାଇବା ପାଇଁ ସଂଘର୍ଷ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ହେବ ବୋଲି ବିଭାଗୀୟ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡ. ପ୍ରଶାନ୍ତ ଆର. ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରି?।, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର, ଡ. ଏସ୍ କେ ପାଢୀ, ଡ. ଦେବଦତ୍ତା ମହାପାତ୍ର, ଡ. ଶ୍ରୀ ମିଶ୍ର, ଡ. ଅର୍ପିତ ପରମାର, ଡ. ଅମ୍ବିକା ସୁଂଦାସ, ଭେଷଜ ବିଭାଗର ଡ. ଶ୍ରୀକାନ୍ତ କୁମାର ବେହେରା, ବରିଷ୍ଠ ଅଧିକାରୀ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ମଦ ନିଶାରେ ବାପାକୁ ହତ୍ୟାକଲା ପୁଅ

କୁଚିଣ୍ଡା,୨୮।୮(ସମିସ): ପଶ୍ଚିମଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ସବୁଠି ଉତ୍ସବ ମୁଖର ଲାଗି ରହିଥିବା ବେଳେ କୁଚିଣ୍ଡା ଥାନା ଅନ୍ତର୍ଗତ ଚାରଭାଟି ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ଟଙ୍କା ଦେବାକୁ ମନା କରିବାରୁ ନିଶାସକ୍ତ ପୁଅ ପିଟି ପିଟି ବାପାକୁ ହତ୍ୟା କରିଛି। ପୁଲିସ ଏହି ଘଟଣାରେ ଅଭିଯୁକ୍ତ ପୁଅକୁ ଗିରଫ କରିଛି।

ପରିବାର ସଦସ୍ୟମାନେ ନୂଆଁଖାଇ ପାଳନ କରିବା ପାଇଁ ପ୍ରସ୍ତୁତି କରୁଥିବା ବେଳେ ଗ୍ରାମର ବିବର୍ଦ୍ଧନ ରକ୍ସା (୨୩) ମଦ ପିଇ ଘରକୁ ଆସି ବାପା କୃପାସିନ୍ଧୁ ରକ୍ସା (୭୦)ଙ୍କୁ ଟଙ୍କା ମାଗିଥିଲା। ଟଙ୍କା ଦେବାକୁ ମନା କରିବାରୁ ବାପ ଓ ପୁଅ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିବର୍ଦ୍ଧନ ବାପାକୁ ଧକ୍କା ମାରି ତଳେ ପକାଇ ଦେବା ସହ ବେକ ପଛପଟେ ବାରମ୍ବାର ମୁଥ ଓ ବିଧା ମାରିଥିଲା। ଘଟଣାସ୍ଥଳରେ କୃପାସିନ୍ଧୁ ମୃତ୍ୟୁବରଣ କରିଥିଲେ।

କୁଚିଣ୍ଡା ଥାନାଧିକାରୀ ବାମଦେବ ଶଙ୍ଖୁଆଳଙ୍କ ନେତୃତ୍ୱରେ ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହା ସହିତ ସମ୍ବଲପୁରରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଥିଲେ। ବାପାଙ୍କୁ ହତ୍ୟା କରିବା ପରେ ଦୀର୍ଘ ସମୟ ଧରି ଶବ ପାଖରେ ବସି ରହିବା ପରେ ପୁଲିସ ଆସୁଥିବା ଜାଣି ବିବର୍ଦ୍ଧନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ପୁଲିସ ତାକୁ ଗିରଫ କରିଥିଲା।


PARADEEP PARIVAHAN LIMITED

**PARADEEP PARIVAHAN LIMITED**

(CIN: L63090OR2000PLC006379)
Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India
Phone no. 06722-223416, 0674-2590169, Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail:info@paradeepparivahan.com
Web Site: www.paradeepparivahan.com

**NOTICE OF 25TH ANNUAL GENERAL MEETING AND REMOTE E-VOTING**

NOTICE IS HEREBY GIVEN THAT THE 25TH ANNUAL GENERAL MEETING (AGM) OF THE MEMBERS OF PARADEEP PARIVAHAN LIMITED WILL BE HELD ON FRIDAY, SEPTEMBER 19, 2025, AT 12.30 P.M.(IST) AT THE EMPIRES HOTEL PARADIP AT MARINE DRIVE ROAD, PARADIP PORT, JAGATSINGHPUR-754142, ODISHA, INDIA.

Notice of the AGM setting out the business to be transacted, along with Proxy Form, Annual Report of the Company for the year ended March 31, 2025 have been sent in electronic mode on August 28, 2025 to the members whose e-mail IDs are registered with the Company or Depository Participant(s).

Members are hereby informed that the notice of the 25th Annual General Meeting and 25th Annual Report of the company are available on the website of the company www.paradeepparivahan.com . The Notice & Annual Report are also available for inspection at the registered office of the company on all working days during business hours of the Company.

Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India members are provided with the facility to cast their votes on all resolutions set forth in the Notice of the Annual General Meeting using electronic voting. The facility for voting through Ballot Paper shall also be made available at the AGM and the members attending the AGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the AGM through Ballot Paper. The members who have already cast their vote by remote e-voting may attend the AGM but shall not be entitled to cast their vote again. In order to enable its members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of Annual General Meeting; the Company has also enclosed a ballot form with the Annual Report for 2024-25.

All members are hereby informed that:
1. The ordinary and special business as set out in the Notice of AGM may be transacted through voting by electronic means;
2. Date of completion of dispatch of Notice of AGM and Annual Report: August 28, 2025;
3. The remote e-voting shall commence on Monday, September 15, 2025 at 9:00 a.m. (IST) and end on Thursday, September 18, 2025 at 5.00 p.m. (IST);
4. The remote e-voting shall not be allowed beyond Thursday, September 18, 2025 at 5.00 p.m. (IST);
5. The cut-off date for determining the eligibility to vote through remote e-voting or at the AGM will be Friday, September 12, 2025;
6. A person who has acquired shares and become a member of the Company after the dispatch of notice of Annual General Meeting and holding shares as of cut-off date, may obtain the login ID and password by sending a request at www.evoting.nsdl.com and https://ivote.bigshareonline.com . However, if the person is already registered with NSDL for remote e-voting then the existing user ID and password can be used for casting vote.
7. The facility for voting, either through electronic voting system or ballot or polling paper shall also be made available at the venue of the Annual General Meeting and Members who have not already casted their vote by remote e-voting shall be able to exercise their right at the Annual General Meeting. The Members who have casted their vote by remote e-voting prior to the Annual General Meeting may also attend the Annual General Meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Friday, September 12, 2025 only shall be entitled to avail the facility of remote e-voting or voting through" electronic voting system" or ballot form at the AGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the AGM by following the below process for obtaining the e-voting credentials:
a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self-attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com.
b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com
11. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email us to ivote@bigshareonline.com or call us at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information.

**By Order of the Board of Directors**
**For PARADEEP PARIVAHAN LIMITED**
**SD/- Khalid Khan**
**Managing Director**
**DIN: 06432054**

Place: Bhubaneswar
Date: 20.08.2025


# ଭାଇରାଲ୍ ଜ୍ୱର କବଳରେ ଓଡ଼ିଶା

ଭୁବନେଶ୍ୱର, ୨୮।୮(ସମିସ): ଘରେ ଘରେ ଏବେ ଜ୍ୱର, କାଶ, ଥଣ୍ଡା। ଡେଙ୍ଗୁ, ମ୍ୟାଲେରିଆ ଆଦି ପରୀକ୍ଷା କଲେ ରିପୋର୍ଟ ନେଗେଟିଭ୍ ଆସୁଛି; କିନ୍ତୁ ୫ରୁ ୭ ଦିନ ପର୍ଯ୍ୟନ୍ତ ତଣ୍ଟି ଦରଜ ଓ ଗଳା ବସିବା ଭଳି ଲକ୍ଷଣ ଦେଖାଯାଉଛି। ଶରୀରରେ ତାପମାତ୍ରା କିଛି ଦିନ ଯାଏଁ ଲାଗି ରହୁଛି। ରାଜଧାନୀରେ ପ୍ରତି ୫ଜଣରେ ଜଣେ ଏବେ ଏହି ଜ୍ୱରରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଦୈନିକ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଶହ ଶହ ରୋଗୀ ଆସୁଛନ୍ତି। ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଘରୋଇ ଚିକିତ୍ସାଳୟରେ ମଧ୍ୟ ରୋଗୀଙ୍କ ଲମ୍ବା ଧାଡ଼ି ଲାଗୁଛି। କେବଳ ରାଜଧାନୀ ନୁହେଁ, ସାରା ରାଜ୍ୟରେ ଅର୍ଦ୍ଧାଧିକ ଲୋକ ଏବେ ଏପରି ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ସୂଚନା ଅନୁସାରେ ଏହି ଜ୍ୱର ଓ ଥଣ୍ଡାରେ ଛୋଟ ପିଲା ଏଥିରେ ଅଧିକ ମାତ୍ରାରେ ସଂକ୍ରମିତ ହେଉଛନ୍ତି। ପିଲାଙ୍କଠାରୁ ବଡ଼ ଲୋକମାନଙ୍କୁ ବ୍ୟାପୁଛି। ପରିବାରର କୌଣସି ସଦସ୍ୟଙ୍କୁ ଏହି ଜ୍ୱର ହେଲେ ଧୀରେ ଧୀରେ ସମସ୍ତେ ସଂକ୍ରମିତ ହେଉଛନ୍ତି। କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ଏଚ୍-୧ ଏନ୍-୧ ଭୂତାଣୁ କହୁଥିବା ବେଳେ କିଛି ଏହାକୁ ଭାଇରାଲ୍ ଫିଭର(ଜ୍ୱର) ବୋଲି କହୁଛନ୍ତି। ହେଲେ ସରକାରୀ ଭାବେ ଏହି ଜ୍ୱରକୁ ନେଇ କୌଣସି ସ୍ପଷ୍ଟ କରାଯାଇନାହିଁ। ତେଣୁ ଏହା କେଉଁ ପ୍ରକାର ଭୂତାଣୁ ବୋଲି କିଛି ସ୍ପଷ୍ଟ ହୋଇପାରୁନି। ରୋଗୀ ଡାକ୍ତରଖାନାରୁ ଓ ଔଷଧ ଦୋକାନରୁ ଥଣ୍ଡା ଓ ସାଧାରଣ ଜ୍ୱର ପାଇଁ ଉଦ୍ଦିଷ୍ଟ ପାରାସିଟାମଲ୍ ଔଷଧ ଖାଇ ସୁସ୍ଥ ଅନୁଭବ କରୁଥିବା କହୁଛନ୍ତି। ଖରା-ବର୍ଷା ସାଙ୍ଗକୁ ଗରମ ଗୁଳୁଗୁଳିରୁ ରକ୍ଷା ପାଇଁ ଲୋକମାନେ ପଙ୍ଖା, ଏସି ଆଦି ବ୍ୟବହାର କରୁଛନ୍ତି।

■ କରୋନା ଭଳି ଘରକୁ ଘର ବ୍ୟାପୁଛି ସଂକ୍ରମଣ
■ ପାଣିପାଗ ପରିବର୍ତ୍ତନକୁ ଦାୟୀ କଲେ ବିଶେଷଜ୍ଞ

ତେଣୁ ଶରୀର ହଠାତ୍ ଥଣ୍ଡା ଓ ଗରମ ଅନୁଭବ କରିବା ଯୋଗୁଁ ଏଭଳି ରୋଗ ଦେଖାଦେଉଥିବା ବିଶେଷଜ୍ଞମାନେ କହିଛନ୍ତି।

ଭାଇରାଲ୍ ଜ୍ୱର ଅତି ସହଜରେ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ହେଉଛି। ବିଶେଷକରି ରୋଗୀ ମାସ୍କ ନ ପିନ୍ଧିଥିବା ବେଳେ ରୋଗୀର ପାଖରେ ବସିବା ଓ ରୋଗୀ ବ୍ୟବହାର କରୁଥିବା ଜିନିଷ ପତ୍ରକୁ ବ୍ୟବହାର କରିବା ଦ୍ୱାରା ହିଁ ସଂକ୍ରମଣ ବୃଦ୍ଧି ପାଉଛି। ତେଣୁ କରୋନା ମହାମାରୀ ସମୟରେ ଯେଭଳି ସାମାଜିକ ଦୂରତା ଓ ମାସ୍କ ବ୍ୟବହାର ବାଧ୍ୟତାମୂଳକ ହୋଇଥିଲା, ଏବେ ସେହି ପନ୍ଥା ଆପଣାଇବା ସହ ଆକ୍ରାନ୍ତ ବ୍ୟକ୍ତି ଥଣ୍ଡା ଓ ପାରାସିଟାମଲ୍ ଭଳି ଔଷଧ ଖାଇବା ଉଚିତ୍ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଏହାସହ ଗରମ ବାମ୍ପ ନେବାକୁ ଡାକ୍ତରମାନେ କହିଛନ୍ତି। ଛୋଟ ଶିଶୁଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ସମସ୍ତେ ଏହି ଚିକିତ୍ସା ପଦ୍ଧତିକୁ ଆପଣାଇବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଭେଷଜ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର କୁମାର ବେହେରା କହିଛନ୍ତି, ସାଧାରଣତଃ ପାଗରେ ପରିବର୍ତ୍ତନ ଆସିବା କାରଣରୁ ଥଣ୍ଡା ଜ୍ୱର ହେବା ସ୍ୱାଭାବିକ। ଏହାକୁ ନେଇ ଆଦୌ ଚିନ୍ତିତ ହେବା ଉଚିତ ନୁହେଁ। ଏହା ସଂକ୍ରମିତ ଜ୍ୱର ହୋଇଥିବାରୁ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ନ ବ୍ୟାପିବା ନେଇ ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏଥିରେ ବରିଷ୍ଠ ନାଗରିକମାନେ ଟିକେ ଅଧିକ ସର୍ତକ ହୋଇ ଚଳିବା ଉଚିତ। କାରଣ ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ସାଧାରଣତ କମ୍ ରହିଥାଏ। ତେଣୁ ଥରେ ଜ୍ୱରରେ ଆକ୍ରାନ୍ତ ହେଲେ ସୁସ୍ଥ ହେବା ପାଇଁ ମାତ୍ରାଧିକ ସମୟ ଲାଗିପାରେ। ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ପାଖାପାଖି ୨୦ ଦିନ ସମୟ ଲାଗିବ ବୋଲି ସେ କହିଛନ୍ତି।

**ବୈତରଣୀ ଓ ଶାଖା ନଦୀରେ ବନ୍ୟା**

# ବନ୍ୟା ପରେ ବଢୁଛି ବିପନ୍ନଙ୍କ ଦୁର୍ଦ୍ଦଶା





**ସ୍ଥିତି ସମୀକ୍ଷା କଲେ ସାଂସଦ ଓ ଜିଲ୍ଲାପାଳ**

ଦଶରଥପୁର, ୨୮।୮ (ସମିସ)

ବୈତରଣୀ ଏବଂ ତାର ଶାଖା କାଣୀ ନଦୀରେ ବନ୍ୟା ସ୍ଥିତି କମିଥିଲେ ମଧ୍ୟ ବିପନ୍ନଙ୍କ ଯନ୍ତ୍ରଣା ବଢ଼ିଚାଲିଛି। ଏବେ ମଧ୍ୟ ଅନେକ ଗାଁ ବନ୍ୟା ପାଣି ଘେରରେ ରହିଥିବାରୁ ବ୍ଲକର ସବୁଠୁ ଅଧିକ ତଳିଆ ଅଞ୍ଚଳରେ ସ୍ଥିତି ସୁଧୁରିବାର ନାଁ ଧରୁନାହିଁ। ଅଦ୍ୟାବଧି ବ୍ଲକର ବିଭିନ୍ନ ରାସ୍ତା ବନ୍ୟା ପାଣିରେ ବୁଡ଼ି ରହିଥିବା ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ଯୋଗାଯୋଗ ସ୍ୱାଭାବିକ ହୋଇନାହିଁ। ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳରେ ଅନେକ ବନ୍ୟା ବିପନ୍ନଙ୍କ ଘରଦ୍ୱାର, ଘରେ ଥିବା ଆସବାବପତ୍ର, ଟଙ୍କା, ଖାଦ୍ୟ ସାମଗ୍ରୀ, ଲୁଗାପଟା ଭାସିଯାଇଥିବା ବେଳେ ତେଜରାତି, କପଡ଼ା, ଲୁଗା, ପରିବା ଦୋକାନ କରିଥିବା ବହୁ ବ୍ୟବସାୟୀଙ୍କର ସର୍ବନାଶ ହୋଇଛି। କିଏ ବ୍ୟାଙ୍କ ଋଣ କରି ବ୍ୟବସାୟ ବୃଦ୍ଧି ଆଶା ରଖିଥିଲା ତ ଆଉ କିଏ ହାତ ଉଦ୍ଧାରୀ ଆଣି ନିଜ ବ୍ୟବସାୟରେ ଟଙ୍କା ବିନିଯୋଗ କରିଥିଲା। ଏବେ କେମିତି ସେ ଋଣ ପରିଶୋଧ କରିବେ ଚିନ୍ତାରେ ଖାଇ ପାରୁଛନ୍ତି ନା ଆଖିକୁ ନିଦ ଆସୁଛି। କସପା, ମଲ୍ଲିକାପୁର, ବ୍ରହ୍ମଚାରିପାଟଣା, କମାଳପୁର, ମହାନ୍ତିପାଟଣା, ନୂଆଶାସନ, ଧରମପୁର, ଗହିରାପାଳ, କଣ୍ଟପଡ଼ା ସମେତ ବ୍ଲକର ବିଭିନ୍ନ ସ୍ଥାନରେ ବନ୍ୟା ପ୍ରଭାବିତଙ୍କୁ ପ୍ରଶାସନ ଦ୍ୱାରା ଶୁଖିଲା ଏବଂ ରନ୍ଧା ଖାଦ୍ୟ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ବନ୍ୟା ଛାଡିବା ଯାଏ ପ୍ରଶାସନ ତରଫରୁ ରନ୍ଧାଖାଦ୍ୟ ବ୍ୟବସ୍ଥା ଜାରି ରହିବ ବୋଲି ଜିଲ୍ଲାପାଳ ଅମ୍ବର କୁମାର କର ସୂଚନା ଦେଇଛନ୍ତି। ସେହିପରି ୫ ଦିନ ହେବ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳରେ ୫ ହଜାର ହେକ୍ଟରୁ ଉର୍ଦ୍ଧ୍ୱ ସଦ୍ୟ ରୁଆ ଧାନ କ୍ଷେତ ବନ୍ୟା ପାଣିରେ ବୁଡିରହିଛି। ନିଜ ଘର ଛାଡିବାକୁ ଅରାଜି ବହୁ ବନ୍ୟା ପ୍ରଭାବିତ ଦୁଃଖ କଷ୍ଟରେ କାଳାତିପାତ କରୁଥିବା ବେଳେ ୨୦ ହଜାରରୁ ଅଧିକ ଗୃହପାଳିତ ପଶୁ ଭୋକ ଉପାସରେ ନଦୀ ବନ୍ଧ ଏବଂ ବିଭିନ୍ନ ଉଚ୍ଚା ସ୍ଥାନରେ ବନ୍ଧା ହୋଇଛନ୍ତି। ଆଜି ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କର,



ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ, ବ୍ଲକ ଯୋଗାଣ ନିରୀକ୍ଷିକା ତପସ୍ୱିନୀ ରାୟ, ଯନ୍ତ୍ରୀ ଚିତ୍ତରଞ୍ଜନ ଶତପଥୀ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ବିଜେପି ନେତ୍ରୀ ବବିତା ମଲ୍ଲିକ, ସଞ୍ଜୟ ନାୟକ, ସଂଗ୍ରାମ ପାତ୍ର, ସବ୍ୟସାଚୀ ଦାସ, ସୁବାସ ମହାନ୍ତି, ସତ୍ୟନାରାୟନ ମଲ୍ଲିକ, ଦୀପ୍ତିରେଖା ମିଶ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଦରଘା ନିକଟ ଘାଇ ପରିଦର୍ଶନ କରିଥିଲେ। ପ୍ରତିବର୍ଷ ବନ୍ୟା ସୃଷ୍ଟି ହେଉଥିବା ଯୋଗୁଁ ନଦୀକୂଳବର୍ତ୍ତି ବାସିନ୍ଦାଙ୍କ ଧନଜୀବନର ଅହେତୁକ କ୍ଷତି ଘଟୁଥିବା ସହିତ ଅଞ୍ଚଳରେ ଚାଷବାସ ଉଜୁଡି ଯାଉଛି। ବନ୍ୟା ଦାଉରୁ ଅଞ୍ଚଳର ଜନସାଧାରଣଙ୍କୁ ରକ୍ଷା କରିବାକୁ ହେଲେ ବୈତରଣୀ ଏବଂ କାଣୀ ନଦୀରେ ଆବଶ୍ୟକ ପଡୁଥିବା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା ଏକ ମାତ୍ର ବିକଳ୍ପ ବୋଲି ଅନେକ ସ୍ଥାନୀୟ ଲୋକେ ସାଂସଦ ଡ. ବେହେରାଙ୍କ ସମ୍ମୁଖରେ ଦାବି କରିଥିଲେ। ବାରମ୍ବାର ବନ୍ୟା ଆସିବା ଯୋଗୁଁ ନଦୀ ପାର୍ଶ୍ୱବର୍ତ୍ତି ବାସିନ୍ଦା ନାହିଁ ନଥିବା ହଇରାଣ ହେଉଥିବା ବେଳେ ନଦୀରେ ଆବଶ୍ୟକ ସଂସ୍କାର କରିବା କ୍ଷେତ୍ରରେ ବର୍ତ୍ତମାନର ସରକାର ଆଗ୍ରହ ପ୍ରକାଶ କରୁନଥିବା ଅଭିଯୋଗ କରିଥିଲେ। ବର୍ତ୍ତମାନ ରାଜ୍ୟ ଏବଂ କେନ୍ଦ୍ରର ସରକାରଙ୍କ ଆଗ୍ରହ ଏବଂ ଇଚ୍ଛାଶକ୍ତି ରହିଲେ ବୈତରଣୀ ଏବଂ ଶାଖା କାଣୀ ନଦୀ ପାଇଁ ଆବଶ୍ୟକ ଜରୁରୀ ଯୋଜନା କାର୍ଯ୍ୟକାରୀ ହେବାର ପ୍ରତିବନ୍ଧକ ରହିବ ନାହିଁ ବୋଲି କିଛି ବନ୍ୟା ପ୍ରଭାବିତ ଆପତ୍ତି କରିଥିଲେ। କାଳବିଳମ୍ବ ନକରି ସରକାର ବନ୍ୟା ସ୍ଥିତିର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ରାଜସ୍ୱ ମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରି ସବୁ ହୃଦୟଙ୍ଗମ କରିଛନ୍ତି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିଶ୍ଚିତ ଭାବେ ବୈତରଣୀ ଏବଂ ଏହାର ଶାଖା କାଣୀ ନଦୀରେ ଆବଶ୍ୟକ ପଡୁଥିବା କିଛି ଅଂଶ ସୃଦୃଢ଼ିକରଣ କାର୍ଯ୍ୟ କରାଯାଇ ପ୍ରତି ବର୍ଷ ସୃଷ୍ଟି ହେଉଥିବା ବନ୍ୟା ପରିସ୍ଥିତିର ସମ୍ପୂର୍ଣ୍ଣ ନିରାକରଣ କରାଯିବ ବୋଲି ବନ୍ୟା ପ୍ରଭାବିତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଘାଇ ନିକଟରୁ ପାଣି ଖସିବା ପରେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ରାତିରେ ଯୁଦ୍ଧକାଳୀନ ଭିତ୍ତିରେ ଜେନେରେଟର ଲାଇଟରେ ଜେସିବି ମେସିନ ଦ୍ୱାରା ବଡ଼ ବଡ଼ ପଥର ଓ କଂକ୍ରିଟଯୁକ୍ତ ସାମଗ୍ରୀ ଘାଇ ମୁହଁରୁ ବାହାର କରାଯାଇ କାଠବଲ୍ହା ଓ ବାଲି ବସ୍ତା ପକାଇ ମରାମତି କାର୍ଯ୍ୟ କ୍ଷିପ୍ର ଗତିରେ ଚାଲିଛି। ଜଳସମ୍ପଦ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ବହୁ ସଂଖ୍ୟାରେ ଶ୍ରମିକ ଘାଇ ମରାମତି କାର୍ଯ୍ୟରେ ନିୟୋଜିତ ଥିବା ପରିଲକ୍ଷିତ ହୋଇଛି।

## ବିପନ୍ନଙ୍କୁ ଭେଟିଲେ ଯାଜପୁର ବିଧାୟିକା



**ଦଶରଥପୁର:** ବୈତରଣୀ ଏବଂ ତାର ଶାଖା କାଣୀ ନଦୀରେ ବନ୍ୟା ସ୍ଥିତରେ ଧିରେଧିରେ ସୁଧାର ହେଉଛି। ପ୍ରଭାବିତ ଗାଁଗୁଡ଼ିକରେ ଆଜି ମଧ୍ୟ ବନ୍ୟା ପାଣି ସମ୍ପୂର୍ଣ୍ଣ ଅପସରି ନାହିଁ। ଘରେ ପାଣି ଲହଡ଼ି ଭାଙ୍ଗିବା ଯୋଗୁଁ ପ୍ରଶାସନ ଦ୍ୱାରା ଆଶ୍ରୟସ୍ଥଳୀରେ ଥଇଥାନ ହୋଇଥିବା ବନ୍ୟା ବିପନ୍ନ ନିଜ ନିଜର ଘରକୁ ଫେରିବାକୁ ଚାତକ ଭଳି ଚାହିଁ ରହିଥିବା ବେଳେ ଅନେକ ବନ୍ୟା ବିପନ୍ନ ଦୁଃଖ କଷ୍ଟରେ ପଡୋଶୀଙ୍କ କୋଠାଘର ଉପରେ ଦିନ ଏବଂ ରାତି ବିତାଉଛନ୍ତି। ଘରଦ୍ୱାର, ରାସ୍ତାରେ ବନ୍ୟା ପାଣି ଏବେ ମଧ୍ୟ ୨ରୁ ୩ ଫୁଟ ଉଚ୍ଚରେ ପ୍ରବାହିତ ହେଉଥିବା ଯୋଗୁଁ ବନ୍ୟା ବିପନ୍ନ ସ୍ୱାଭାବିକ ଜୀବନ ଜିଇଁବା ସମ୍ଭବ ହୋଇ ନଥିବା ବେଳେ ଆଜି ଯାଜପୁର ବିଧାୟିକା ସୁଜାତା ସାହୁ ପୁନର୍ବାର ବ୍ଲକର କସପା, ମଲ୍ଲିକାପୁର, ବ୍ରହ୍ମଚାରିପାଟଣା, ନୂଆଶାସନ, କମାଳପୁର, ମହାନ୍ତିପଟଣା, ଜୟନ୍ତରା ମହାପାତ୍ରସାହି ଆଦି ବନ୍ୟାଞ୍ଚଳ ଗ୍ରସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଅନେକ ବନ୍ୟା ବିପନ୍ନଙ୍କୁ ଭେଟି ଭଲ ମନ୍ଦ ପଚାରି ବୁଝିଥିଲେ। ଏହି ସମୟରେ କିଛି ବନ୍ୟା ବିପନ୍ନଙ୍କୁ ପ୍ରଶାସନ ତରଫରୁ ଆବଶ୍ୟକ ସହାୟତା ମିଳିନଥିବା ଜାଣି ତୁରନ୍ତ ସମସ୍ତ ବନ୍ୟା ପୀଡିତଙ୍କୁ ଜରୁରୀ ସହାୟତା ଉପଲବ୍ଧ କରାଇବା ଦିଗରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ବିଧାୟିକା ଶ୍ରୀମତୀ ସାହୁଙ୍କ ସହ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ବରିଷ୍ଠ ବିଜେଡି ନେତା ପ୍ରଭାତ ନାୟକ, ମନୋଜ ରାଉତ, ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପାଣିରେ ବୁଡ଼ି ଶିଶୁ ମୃତ

**ପାଣିକୋଇଲି, ୨୮।୮ (ସମିସ):** ପାଣିକୋଇଲି ଥାନା ଅଧୀନ ମୂଳାପାଳ ପଞ୍ଚାୟତ ଅଧୀନ ରଣପାଳ ଗ୍ରାମର ରଞ୍ଜନ କୁମାର ବେହେରାଙ୍କ ପୁଅ ଅଲେଖ ବେହେରା (୨) ଆଜି ସକାଳେ ଖେଳୁଥିବା ବେଳେ ପାଣି ନାଳ ପଡ଼ିଯାଇଥିଲେ। ପଡୋଶୀ ଏହା ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ସେଠାରେ ଘର ଲୋକମାନେ ପହଞ୍ଚି ତାକୁ ଉଦ୍ଧାର କରିଥିବା ବେଳେ ସେତେବେଳକୁ ତାର ମୃତ୍ୟୁ ଘଟିଥିଲା। ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଶରୀରକୁ ପରିବାରକୁ ହସ୍ତାନ୍ତର କରାଯାଇଛି।

## ତିନୋଟି ଗାଡ଼ିରୁ ଲକ୍ଷାଧିକ ଟଙ୍କାର ତେଲ ଚୋରି

**ପାଣିକୋଇଲି, ୨୮।୮ (ସମିସ):** ପାଣିକୋଇଲି ଥାନା ଅଧୀନ ଗୋଳେଇପୁର ପଞ୍ଚାୟତର ଖାନ୍ଦରାପୁର ଓ ଗୋଳେଇପୁର ବାଇପାସ ରାସ୍ତାରୁ ତିନୋଟି ଗାଡିରୁ ଲକ୍ଷାଧିକ ଟଙ୍କାର ଡିଜେଲ ଚୋରି ହେବାନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶଯେ ତିନୋଟି ଟ୍ରକ (ଓଡି ୩୪ବି ୫୫୮୦, ଓଡି ୩୪ବି ୫୩୪୪, ଓଡି ୩୪ ୟୁ ୧୩୭୬) ଗାଡି ବିଳମ୍ବିତ ରାତ୍ରିରେ ଚାଳକ ମାନେ ରଖି ଘରକୁ ଯାଇଥିଲେ। ସକାଳୁ ଦେଖିବା ବେଳକୁ ଗାଡିରୁ ତେଲ ଚୋରି ହୋଇଛି। ପ୍ରକାଶ ଥାଉକି ଉକ୍ତ ଗାଡିଗୁଡିକ ସିସିଟିଭି ସମ୍ମୁଖରେ ଥିଲେ ବି ଚୋରମାନେ ପୁଲିସକୁ ଚ୍ୟାଲେଞ୍ଜ କରି ଚୋରି କରୁଛନ୍ତି।

## କଂଗ୍ରେସ ଏବଂ ଓଷ୍ଟା ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ସେବା

**ଦଶରଥପୁର:** ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ହୋଇଥିବା ବୈତରଣୀର ଶାଖା କାଣୀ ନଦୀର କସପା ପଞ୍ଚାୟତ ଦରଘାଠାରେ ପାଖାପାଖି ୧୭୦ ଫୁଟ ଆକାରର ଘାଇ ସୃଷ୍ଟି ହେବା ଫଳରେ କସପା ଏବଂ ମଲିକାପୁର ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବ୍ଲକର ୨୦ ପଞ୍ଚାୟତ ବହୁଳ ପରିମାଣରେ ପ୍ରଭାବିତ ହୋଇଛି। ଏଥି ପରିପ୍ରେକ୍ଷୀରେ ଆଜି କସପା ଏବଂ ମଲିକାପୁର ପଞ୍ଚାୟତର ପ୍ରଭାବିତ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ୭ ଶହରୁ ଅଧିକ ପରିବାରକୁ ରିଲିଫ୍ ବଣ୍ଟନ କରାଯାଇଛଇ। ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ପଣ୍ଡା, ସନ୍ତୋଷ ନନ୍ଦ, ରାଜ୍ୟ ମଜଦୁର ଶ୍ରମିକ କଂଗ୍ରେସ ଉପ ସଭାପତି ଭରତ ଚନ୍ଦ୍ର ପରିଡ଼ା, ବ୍ଲକ ସଭାପତି ଶ୍ୟାମ ସୁନ୍ଦର କର, କନକଲତା ମଲିକ, ପାଳଟପୁର ସରପଞ୍ଚ ଲିପିକା ମଲିକ, ଦୁର୍ଯ୍ୟୋଧନ ବେହେରା, ଚନ୍ଦ୍ରଶେଖର ସାହୁ, ଚନ୍ଦ୍ର ନାରାୟଣ ଦାସ, ଶେଖର ସମ୍ବିତ ଧଳ, ଅନନ୍ତ କୁମାର ଦାସ, ବିମଲ ମଲ୍ଲିକ, ଯୁବରାଜ ମଲ୍ଲିକ, ପଦ୍ମଲୋଚନ ପୋଥାଳ, ଏକାଦଶୀ ତ୍ରିପାଠୀ, ରବିନାରାୟଣ ଜେନା, ପ୍ରଫୁଲ ଦାସ, ବିନୟ ମହାନ୍ତି, ସତ୍ୟବାନ ଜେନାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ଓସ୍ତା ପକ୍ଷରୁ ଘାଇ ନିକଟ ବସ୍ତି ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଓଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ଦାସ, ଯୁଗ୍ମ ସଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଜିଲ୍ଲା ଉପସଭାପତି ସୁନନ୍ଦ କୁମାର ରାଉତ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀ, କେଶରୀ



ରାଉତରାୟ, ସଞ୍ଜୁଲତା ମହାନ୍ତି, ବିପିନ ରାୟ, ଭରତ ଚନ୍ଦ୍ର ନାୟକଙ୍କ ସମେତ ଜିଲ୍ଲାର ବହୁ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସ୍ୱତନ୍ତ୍ର ଭାବେ ଓଷ୍ଟା ପକ୍ଷରୁ ଅହିୟାସ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଓଷ୍ଟା ଟେଷ୍ଟ ପେପର ପ୍ରଦାନ କରାଯାଇଥିଲା।

## ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍‌ଙ୍କ ବନ୍ୟାଞ୍ଚଳ

**କୟାଁଗୋଲା:** ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା କାର୍ଯ୍ୟକ୍ରମ ପରିଚାଳକ (ଡିପିଏମ) ବିଶ୍ୱରଞ୍ଜନ ରଥ ଦଶରଥପୁର ବ୍ଲକ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା, ଭଲ ମନ୍ଦ ପଚାରି ବୁଝିଥିଲେ। ପରେ ସନ୍ଧ୍ୟାରେ ସେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ମେଡିକାଲ ଅଧିକାରୀ ଅମ୍ରିତା ପ୍ରିତମ ମଲ୍ଲ ଓ ଅନ୍ୟମାନଙ୍କୁ ନେଇ ବନ୍ୟା ପରବର୍ତ୍ତୀ ସମୟରେ ଲୋକଙ୍କୁ କିଭଳି ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରିବ ସେ ନେଇ ମନ୍ତ୍ର ଦେଲେ। କେତେକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପାଣି ଘେରରେ ରହିଥିଲେ ମଧ୍ୟ ସମସ୍ତଙ୍କୁ କିଭଳି ସ୍ୱାସ୍ଥ୍ୟ ସେବା ମିଳିବାରେ ଅସୁବିଧା ନ ହୁଏ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ହେମନ୍ତ କୁମାର ବେହେରା, ବିପିଏମ ମିହିର ରଞ୍ଜନ ନାୟକ, ବିଜ୍ଞାନ ରଞ୍ଜନ ରାୟ, ଅଜୟ କୁମାର କର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏମ ଓ ଆଇ/ସି ମଲ୍ଲ ସୂଚନା ଦେଇଥିଲେ।

## ସାମାଜିକ ସଂଗଠନ ପକ୍ଷରୁ ରିଲିଫ୍ ବଣ୍ଟନ

**ମଙ୍ଗଳପୁର:** ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତ ବଜରାପାଟ ସ୍ଥିତ ସାୱନ କ୍ରିପାଲ ରୁହାନି ମିଶନ ବଜରାପାଟ କେନ୍ଦ୍ର ପକ୍ଷରୁ ଅହିୟାସ ଦରଘାଠାରେ କାଣି ନଦୀରେ ହୋଇଥିବା ଘାଇ ନିକଟବର୍ତ୍ତୀ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବଜରାପାଟ କେନ୍ଦ୍ରର ମୁଖ୍ୟ କାର୍ଯ୍ୟକର୍ତ୍ତା ତପନ କୁମାର ମଲ୍ଲିକ, ସୁଶାନ୍ତ ପଣ୍ଡା, ପୂର୍ଣଚନ୍ଦ୍ର ରାଉତ, କାର୍ତ୍ତିକେଶ୍ୱର ରାଉତ, ଇନ୍ଦ୍ରମଣି ରାଉତ, ସ୍ମୃତି ରଞ୍ଜନ ଧଳ, ପଞ୍ଚାନନ ରାଉତ, କେଦାରନାଥ ମଲ୍ଲିକ, ପ୍ରଶାନ୍ତ ଧଳ, ପ୍ରଭାତ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ସାୱନ କ୍ରିପାଲ ରାଉତ, ସନାତନ ଯେନା, ବାନାମ୍ବର ଯେନା, ସୁବାସ ଯେନା, ରବୀନ୍ଦ୍ର ବେହେରାଙ୍କ ସମେତ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ଘାଇ ଅଞ୍ଚଳର ପ୍ରାୟ ୨ ଶହ ପରିବାରକୁ ରିଲିଫ୍ ପ୍ରଦାନ କରାଯାଇଥିଲା।



**ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ**

**କୟାଁଗୋଲା:** ବନ୍ୟାରେ ଭାସି ପ୍ରାଣ ହରାଇଥିବା ମଲ୍ଲିକାପୁରର ମଦନ ମୋହନ ରଣାଙ୍କ ପରିବାର ଲୋକଙ୍କୁ ସାଂସଦ ରବୀନ୍ଦ୍ର ବେହେରା ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇନ୍ଦ୍ରଜିତ ଦାସ, ସବ୍ୟସାଚି ଦାସ, ସତ୍ୟଜିତ ସାମଲ, ଚିନ୍ମୟୀ ପାଣ୍ଡବ, ନିରଞ୍ଜନ ବେହୁରିଆ, ପ୍ରମୋଦ ପଣ୍ଡା, ପ୍ରିୟବ୍ରତ ମହାନ୍ତି, ପ୍ରଶେଷ ସୁତାର, ମନୋଜ ମହାକୁଡ଼, ହରେଶ ବେହୁରିଆ, ତିଲୋଚନ ମାଝୀ ପ୍ରମୁଖ ସାଂସଦଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଥିଲେ।

## ସାମାଜିକ ଗଣମାଧ୍ୟମରେ ଯୁବକଙ୍କୁ ହତ୍ୟାଧମକ

**ଦଶରଥପୁର, ୨୮।୮ (ସମିସ):** ଅର୍ଥ କାରବାରକୁ ନେଇ ସାମାଜିକ ଗଣମାଧ୍ୟମରେ ଜଣେ ଯୁବକଙ୍କୁ ଗାଳିଗୁଲଜ କରିବାସହ ହତ୍ୟା ଧମକ ଦିଆଯାଉଥିବା ନେଇ ସମ୍ପୃକ୍ତ ଯୁବକ ମଙ୍ଗଳପୁର ଥାନାରେ ଅଭିଯୋଗ କରି ପୁଲିସ ସୁରକ୍ଷା ଲୋଡ଼ିଥିବା ଜଣାଯାଇଛି। ଅଭିଯୋଗ ମୁତାବକ ଅର୍ଦ୍ଦାଉଳିଆ ଅଞ୍ଚଳର ଅର୍ଦ୍ଧେନ୍ଦୁ ଶେଖର ସାହୁ (୩୩) ହାଇଦ୍ରାବାଦରେ ଏକ କୃଷିଭିତ୍ତିକ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ଭଦ୍ରକ ଜିଲ୍ଲା ପୀରହାଟ ଥାନା ହଂସପାଟ ଅଞ୍ଚଳର ପ୍ରଶାନ୍ତ କୁମାର ନାୟକଙ୍କ ସହ ପରିଚିତ ହୋଇଥିଲା। ପ୍ରଶାନ୍ତ ନିଜ ଅଞ୍ଚଳରେ ମାଇଅଣ୍ଡିରା ବିହନରେ ଧାନ ଚାଷ କରିବା ପାଇଁ ଅର୍ଦ୍ଧେନ୍ଦୁଙ୍କ ସହ କଥାବାର୍ତ୍ତା କରି ନିଜ ଅଞ୍ଚଳର ଚାଷୀଙ୍କ ପାଇଁ ଆବଶ୍ୟକ ବିହନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଆଣୁଥିଲେ। ଯାହାକୁ ନେଇ ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ଲକ୍ଷାଧିକ ଟଙ୍କାର ନେଟ ବ୍ୟାଙ୍କିଙ୍ଗରେ ଅର୍ଥ କାରବାର ହେବାସହ ନଗଦ ଟଙ୍କା କାରବାର ହୋଇଥିଲା। କିଛି ଦିନ ପୂର୍ବେ ପ୍ରଶାନ୍ତ ସାମାଜିକ ଗଣମାଧ୍ୟମରେ ଅର୍ଦ୍ଧେନ୍ଦୁ ତାଙ୍କଠାରୁ ଧାନ ଚାଷ ପାଇଁ ବଡ଼ ପରିମାଣରେ ଅର୍ଥ ନେଇ ଧରା ଛୁଆଁ ଦେଉନଥିବା ନେଇ ଆରୋପ ଲଗାଇବା ସହ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ। ଗତ ୧୨ ତାରିଖରେ ଅର୍ଦ୍ଧେନ୍ଦୁଙ୍କ ସମ୍ପର୍କୀୟ ଦାଦା ପ୍ରଶାନ୍ତଙ୍କୁ ଡାକି ଧୂଷୁରୀ ବଜାର ଖଇଖାଇ ମଠରେ ପ୍ରଶାନ୍ତଙ୍କୁ ବାକିଆ ଅର୍ଥ ପ୍ରଦାନ କରିଥିଲେ ମଧ୍ୟ ପ୍ରଶାନ୍ତ ପୁନର୍ବାର ସାମାଜିକ ଗଣମାଧ୍ୟମରେ ଅର୍ଦ୍ଧେନ୍ଦୁଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ଅର୍ଦ୍ଧେନ୍ଦୁ ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି।

**ଥାନାରେ ଅଭିଯୋଗ**

## ବାକି ଟଙ୍କା ମାଗିବାରୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ; ଅଭିଯୁକ୍ତ ଗିରଫ

**ବ୍ୟାସନଗର, ୨୮।୮ (ସମିସ):** ଯାଜପୁର ରୋଡ୍ ଆଦର୍ଶ ଥାନା ଅଧୀନ ଦଳା ବାଇପାସ୍ ଛକରେ ଜଣେ ବ୍ୟକ୍ତିଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ଅଭିଯୋଗରେ ପୁଲିସ ଅଭିଯୁକ୍ତକୁ ଧର୍ମଶାଳା ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ଅପ୍ରେଲ ୪ରେ ଯାଜପୁର ରୋଡ ଆଦର୍ଶ ଥାନା କୋପଣ୍ଡ ଗ୍ରାମର ଗୀତାଞ୍ଜଳି ପରିଡ଼ା ତାଙ୍କ ଦାଦା ପୁଅ ଭାଇ ଦେବାଶିଷ ପରିଡ଼ା ଦଳା ଓଭର ବ୍ରିଜ ନିକଟରେ ସ୍କୁଟି (ଓଡି ୩୪ କ୍ୟୁ ୩୫୦୩) ରେ ଯାଉଥିବା ବେଳେ ସ୍କର୍ପିଓ ଗାଡି (ଓଆର ୨୧ ବି ୦୦୩୩) ତାଙ୍କ ଉପରେ ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଯାଜପୁର ରୋଡ ଆଦର୍ଶ ଥାନା ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ପୁଲିସ ସ୍କର୍ପିଓ ଚାଳକ ପାଣିକୋଇଲି ଥାନା ଅଧୀନ ଓଉପଦା ଗ୍ରାମର ବିଚିତ୍ର କୁମାର ରାଉତ ବୋଲି ଜାଣିଥିଲା। ଅଭିଯୋଗକାରିଣୀ ଗୀତାଞ୍ଜଳିଙ୍କ ଭାଇ ଦେବାଶିଷ କିଛି ଟଙ୍କା ତାକୁ ଦେଇଥିଲେ। ଦେବାଶିଷ ବାରମ୍ବାର ବିଚିତ୍ରକୁ ଦେଇଥିବା ଟଙ୍କା ମାଗିଥିଲେ। ସେଦିନ ଦେବାଶିଷ କିଛି ପିଲାଙ୍କୁ ନେଇ ବିଚିତ୍ରଙ୍କ ଓଉପଦା ସ୍ଥିତ ଘରକୁ ଯାଇ ଟଙ୍କା ମାଗିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦେବାଶିଷ ଯାଜପୁରରୋଡ ଫେରିବା ସମୟରେ ଓଭରବ୍ରିଜ୍ ନିକଟରେ ଉଭୟଙ୍କ ଗାଡ଼ି ନିକଟତର ହୋଇଥିଲା। ବିଚିତ୍ରର ସ୍କର୍ପିଓ ସ୍କୁଟିକୁ ଧକ୍କାଦେବାରୁ ଦେବାଶିଷ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ଯାଜପୁରରୋଡ ଓ ପରେ କଟକରେ ଚିକିତ୍ସିତ ହେବା ପାଇଁ ରେଫର ହୋଇଥିଲେ। ଅଭିଯୁକ୍ତ ବିଚିତ୍ର ସେହିଦିନରୁ ଫେରାର ଥିଲା। ଗୁରୁବାର ସେ ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳରେ ଥିବା ଖବର ପାଇ ଯାଜପୁର ରୋଡ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ସଦଳବଳେ ସେଠାରେ ଚଢ଼ଉ କରି ତାକୁ ଗିରଫ କରିଥିଲେ।



**ରାଜ୍ୟରେ 'ଆମ ଶାସନ' ବ୍ୟବସ୍ଥା ଫେଲ୍**

# ଦାଦାବଟି ନେଇଥିବା ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?


- ପୁଲିସ ଓ ପ୍ରେସ୍‌ର ଅସାଧୁ ମେଣ୍ଟରେ ଚାଲିଥିଲା ଏହି ଲୁଟ୍
- ଏସ୍‌ପି ଅଫିସରୁ ସିଏମ୍ ଅଫିସ ପର୍ଯ୍ୟନ୍ତ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ

ଯାଜପୁର, ୨୮।୮ (ସମିସ)

ରାଜ୍ୟରେ ବିଜେପି ସରକାର ଆସିବା ପରେ ମୋ ସରକାର ପରିବର୍ତ୍ତେ ଆମ ଶାସନ ଲାଗୁ କରିଛନ୍ତି। ଆମ ଶାସନ ମାଧ୍ୟମରେ ସାଧାରଣ ଲୋକଙ୍କୁ ଉଚିତ ନ୍ୟାୟ ମିଳିବାର ଗ୍ୟାରେଣ୍ଟି ଖୋଦ ଗୃହ ବିଭାଗର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ଦେଇଛନ୍ତି। କିନ୍ତୁ ବାସ୍ତବରେ ଏବେ ଏହି ଆମ ଶାସନ କେବଳ ଦୁର୍ନିତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ପାଇଁ ଲାଗୁ ହୋଇଥିବା ପରି ମନେ ହେଉଛି। କାରଣ ଏହି ଅଧିକାରୀମାନେ ନିଜ ମନଇଚ୍ଛା ଶାସନ କରୁଥିବା ଦେଖିବାକୁ ମିଳୁଛି। ଯାହାର ଉଦାହରଣ ଯାଜପୁର ଜିଲ୍ଲା ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ଠଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଥାନାରେ କୌଣସି ଲିଖିତ ଅଭିଯୋଗ ନ ହେବା ସତ୍ତ୍ୱେ ନିଜ ଥାନା ଏବଂ ଜିଲ୍ଲା ବାହାରକୁ ଯାଇ ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ ଉଠାଇ ଆଣି ବଡ଼ଚଣା ଥାନାରେ ୩ ଦିନ ଧରି ଅଟକ ରଖି ତାଙ୍କ ପାଖରୁ ଲକ୍ଷାଧିକ ଟଙ୍କା ବଟି ଆଦାୟ କରିବା ଘଟଣା ସମ୍ପର୍କରେ ଏକାଧିକ ଅଭିଯୋଗ ପୀଡ଼ିତଙ୍କ ପରିବାର ପକ୍ଷରୁ କରାଯାଇଛି। ବଟି ଆଦାୟ ଗ୍ୟାଙ୍ଗରେ ନିଶ୍ଚିନ୍ତକୋଇଲି ଅଞ୍ଚଳର ଦୁଇ ଜଣ ସାମ୍ବାଦିକ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ପରେ ମଧ୍ୟ ପୁଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ପୁଲିସର ସଚ୍ଚୋଟତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ସୂଚନାନୁଯାୟୀ, କଟକ ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ବଜାରରେ କୁରୁଜଙ୍ଗା ଗ୍ରାମର ପ୍ରଫୁଲ୍ଲ କୁମାର ସାହୁ ଔଷଧ ଦୋକାନ କରିଛନ୍ତି। ତାଙ୍କ ଦୋକାନରେ ରୋଗୀ ଦେଖୁଥିବା ଜନୈକ ଡାକ୍ତରଙ୍କ ବିରୋଧରେ ଥିବା ଅଭିଯୋଗକୁ ଆଳକରି ବଡ଼ଚଣା ଥାନାଧିକାରୀ ପ୍ରଫୁଲ୍ଲଙ୍କୁ ଉଠାଇ ଆଣିଥିଲେ। ବଡ଼ଚଣା ଥାନାରେ ୩ ଦିନକାଳ ନାନା ନିର୍ଯାତନା ଦେବା ସହିତ ଏହାର ରଫାଦଫା ପାଇଁ ନିଶ୍ଚିନ୍ତକୋଇଲି ଅଞ୍ଚଳର ଦୁଇ ସାମ୍ବାଦିକ ଶୁଭାଶିଷ ବସନ୍ତରାୟ ଓ ଅସିତ କୁମାର ସାମଲ ବଡ଼ଚଣା ଥାନାରେ ପହଞ୍ଚି ପୀଡ଼ିତ ପ୍ରଫୁଲ୍ଲ ଏବଂ ତାଙ୍କ ପୁଅ ପ୍ରଦୀପ୍ତଙ୍କୁ ଚାପ ପ୍ରୟୋଗ କରି ୫ ଲକ୍ଷ ଟଙ୍କା ଦେଲେ ମାମଲାରୁ ମୁକୁଳିବ ବୋଲି କହିଥିଲେ। ଭୟଭୀତ ଅବସ୍ଥାରେ ପ୍ରଫୁଲ୍ଲଙ୍କ ପରିବାର ଘରର ସୁନା ଅଳଙ୍କାର ବନ୍ଧା ପକାଇ ଉଭୟ ଦଲାଲ ରୂପରେ ଥିବା ଦୁଇ ସାମ୍ବାଦିକଙ୍କୁ ଥାନା ପରିସରରେ ନଗଦ ଟଙ୍କା ଓ ଫୋନ ପେ'ରେ ୯୦ ହଜାର ଟଙ୍କା ସହିତ ମୋଟ ଅଢ଼େଇ ଲକ୍ଷ ଟଙ୍କା ଦେବା ପରେ ପ୍ରଫୁଲ୍ଲ ଥାନାରୁ ମୁକୁଳିଥିଲେ। ପରେ ନିଜ ଅଭିଯୋଗ କ'ଣ ବୋଲି ପଚାରିଥିଲେ। କୌଣସି ଅଭିଯୋଗ ନଥିଲା ବୋଲି ଜାଣି ପୀଡ଼ିତ ପ୍ରଫୁଲ୍ଲଙ୍କ ପରିବାର ଲୋକେ ଯାଜପୁର ଏସ୍‌ପିଙ୍କ ଠାରୁ ଆରମ୍ଭ କରି ପୁଲିସ ଡିଜି ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅବଗତ କରିଛନ୍ତି। ଏଭଳି ଅଭିଯୋଗ ପରେ ପ୍ରଫୁଲ୍ଲଙ୍କ ପରିବାର ସଦସ୍ୟଙ୍କୁ ଭିନ୍ନ ଭିନ୍ନ ଲୋକଙ୍କ ଦ୍ୱାରା ଧମକ ଚମକ ଆସୁଥିବା ନେଇ ନିଶ୍ଚିନ୍ତକୋଇଲି ଥାନାରେ ମଧ୍ୟ ଅଭିଯୋଗ ହୋଇଛି। ଯାଜପୁର ଏସ୍‌ପି ଘଟଣାର ତଦନ୍ତ କରିବା ପାଇଁ ଯାଜପୁରରୋଡ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ତଦନ୍ତ କେତେ ଦୂର ଆଗେଇଛି ତାହା ସ୍ପଷ୍ଟ ହୋଇପାରିନି। କାରଣ ପୀଡ଼ିତଙ୍କ ଠାରୁ ବ୍ଲାକମେଲ କରି ଟଙ୍କା ଆଦାୟ କରିବା ଘଟଣାରେ ସମ୍ପୃକ୍ତ ଥିବା ଦୁଇ ସାମ୍ବାଦିକଙ୍କୁ ଏହି ଘଟଣାରେ ପଚରାଉଚୁରା କରାଯାଇନାହିଁ। ଏପରିକି ଥାନା ପରିସରରେ ଟଙ୍କା ନେଣ ଦେଣ କାରବାର ହୋଇଥିଲେ ମଧ୍ୟ ଥାନାରେ ଲାଗିଥିବା ସିସିଟିଭିକୁ ମଧ୍ୟ ଯାଞ୍ଚ କରାଯାଇଛି କି ନାହିଁ ତାହା ତଦନ୍ତ ସାପେକ୍ଷ। କୌଣସି ଥାନା ଅଧିକାରୀ ବିନା କୌଣସି ଲିଖିତ ଅଭିଯୋଗରେ ଅଭିଯୁକ୍ତଙ୍କୁ ଉଠାଇ ଆଣିବା ସମ୍ପୂର୍ଣ୍ଣ ବେଆଇନ। ସେହିପରି ନିଜ ଥାନା ବାହାରକୁ କିମ୍ବା ଜିଲ୍ଲା ବାହାରକୁ ଗଲେ ଏଥିପାଇଁ ସ୍ଥାନୀୟ ଥାନା ଏବଂ ଏସପିଙ୍କୁ ଅବଗତ କରିବାର ନିୟମ ରହିଛି। କିନ୍ତୁ ଘଟଣା ଦିନ ବଡ଼ଚଣା ଥାନା ଅଧିକାରୀ ବିନା କୌଣସି ଅଭିଯୋଗରେ ଏବଂ ବିନା ଅବଗତରେ ଜିଲ୍ଲା ବାହାରକୁ ଯାଇ କୌଣସି ବ୍ୟକ୍ତିଙ୍କୁ ଉଠାଇ ଆଣି ଥାନାରେ ୩ ଦିନ କାଳ ଅଟକ ରଖିବା ଭଳି ସାଂଘାତିକ ଘଟଣା ଘଟିଥିଲେ ମଧ୍ୟ ପୁଲିସ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଥାନା ପରିସରରେ ପୀଡ଼ିତଙ୍କୁ ବେଆଇନ ଅଟକ ରଖିବା ଘଟଣା ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ସେହିପରି ବିବାଦୀୟ ଥାନା ଅଧିକାରୀ ପୂର୍ବରୁ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଥିବା ସମୟରେ ଏହି ଦୁଇ ସାମ୍ବାଦିକ ଓ କେତେକ ଯୁବତୀଙ୍କ ସହିତ ମିଶି ବିଭିନ୍ନ ବ୍ୟକ୍ତିଙ୍କୁ ପ୍ରଥମେ ହନିଟ୍ରାପ କରିବା ଓ ପରେ ଧମକ ଚମକ ଦେବା ସହିତ ବ୍ଲାକମେଲ କରି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ତେଣୁ ଏ ବିଷୟରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଉତ୍ସବମୁଖର ଗାଁରୁ ସହର

# ବିଭିନ୍ନ ପୂଜାମଣ୍ଡପରେ ପୂଜା ପାଇଲେ ଅଗ୍ରପୂଜ୍ୟ

ଯାଜପୁର,୨୮।୮ (ସମିସ)

ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ପୂଜା ପାଇଲେ ଅଗ୍ରପୂଜ୍ୟ ପ୍ରଭୁ ଗଜାନନ। ସେଥିପାଇଁ ଉତ୍ସବମୁଖର ଯାଜପୁର ସହର। ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସ୍କୁଲ, କଲେଜ ଠାରୁ ଆରମ୍ଭ କରି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପ୍ରଭୁ ଗଣେଶଙ୍କୁ ପୂଜା କରାଯାଇଛି। ଯାଜପୁର ସହରର ସ୍ଥାୟୀ ଓ ଅସ୍ଥାୟୀ ମଣ୍ଡପରେ ପ୍ରଭୁ ଗଣେଶଙ୍କ ଆରାଧନା କରାଯାଉଛି। ଚଳିତ ଥର ଯାଜପୁର ପୌରାଞ୍ଚଳ ରାମେଶ୍ୱରପୁର ଗଣେଶ ପୂଜା କମିଟି ୨୫ ବର୍ଷରେ ପାଦ ଥାପିଛି। ତେଣୁ କରି ଏହି ପୂଜା ମଣ୍ଡପଟି ଚଳିତ ଥର ରୌପ୍ୟ ଜୟନ୍ତୀ ପାଳନ କରୁଛି। ପୂଜାକୁ ଆକର୍ଷଣୀୟ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବ ବୋଲି ରାମେଶ୍ୱରପୁର ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ସହରର କିଛି ପୂଜା ମଣ୍ଡପ ଶହେ ବର୍ଷରୁ ଅଧିକ ସମୟ ଧରି ଗଣେଶ ପୂଜା କରି ଆସୁଛନ୍ତି। ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ବହୁ ପୂଜା କମିଟି ପକ୍ଷରୁ କଳସ ବୁଡ଼ାଯାଇ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ଯଦିଓ ଆଜି ସକାଳୁ ତୁହାକୁ ତୁହା ବର୍ଷା ଲାଗି ରହିଥିଲା କିନ୍ତୁ ବର୍ଷାକୁ ଖାତିର ନ କରି ସମସ୍ତେ ଗଣେଶ ପୂଜାରେ ବ୍ୟସ୍ତ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସବୁ ସ୍ଥାନରେ ଗଣେଶଙ୍କ ପୂଜାର୍ଚ୍ଚନା ହେଉଥିବାର ଦେଖିବାକୁ ମିଳିଥିଲା। କିଛି ପୂଜା କମିଟି ପକ୍ଷରୁ ସନ୍ଧ୍ୟା।। ସମୟରେ ଭଜନ ପରିବେଷଣ ହେଉଥିଲା। ପିଲାଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ି ଆଜି ସମସ୍ତେ ଗଣେଶଙ୍କ ପୂଜାକୁ ନେଇ ବ୍ୟସ୍ତତା ଦେଖିବାକୁ ମିଳିଛି। ସମସ୍ତଙ୍କ ମନରେ ଆସନ୍ଦ ଓ ଉତ୍ସାହ ଭରି ରହିଛି। ବିଶେଷକରି ଯାଜପୁର ସହରର ରାମେଶ୍ୱରପୁର, ଯୋଡ଼ିକୁଅ ଛକ, କୁଆଁସରପୁର, ଦେବୀଦ୍ୱାର, ବିରଜା ମନ୍ଦିର ସମ୍ମୁଖ, ବଡ଼ବଜାର, ହରପାର୍ବତୀ ଛକ, ରେଡ଼କ୍ରସ ଛକ, ଯୁବଶକ୍ତି କ୍ଲବ, ସାନବଜାର, ଗରିଆପୁର ଛକ, ସଦାବ୍ରତ ମଠ, ହାବେଳୀ ବଜାର, ନାରାୟଣ ଛକ, ଶିତଳେଶ୍ୱର, ଲଳିତେଶ୍ୱରନଗର, ମାନସାପୋଲ, କିଆନାଳୀକୂଳ, ସଚ୍ଚେଶ୍ୱରପୁର, ଅଠରନଳା ସମେତ ବହୁ ସ୍ଥାନରେ ବହୁ ଗଣେଶଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ସବୁ ସ୍ଥାନରେ ସୁଉଚ୍ଚ ଲାଇଟ ଗେଟ୍ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି ପୂଜାମଣ୍ଡପ। ଆଜି ଦୀର୍ଘ ଦିନର ଅପେକ୍ଷା ପରେ ପ୍ରଭୁ ଗଣେଶଙ୍କୁ ସ୍ୱାଗତ କରାଯାଇଛି।




**କବାଟବନ୍ଧ:** ଚଳିତ ବର୍ଷ ଜେନାପୁର ଥାନା ଅଞ୍ଚଳରେ ୭୫ରୁ ଅଧିକ ସ୍ଥାନରେ ଗଣେଶ ପୂଜା ବହୁ ଆଡମ୍ବରରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନରେ ରହୁଥିବା ମର୍ଜିତାପୁର, ମଧୁସୂଦନପୁର, କବାଟବନ୍ଧ, ରାଇଛନ୍ଦା, ରେଖିଦେଇପୁର, ତାଳଜଙ୍ଗ, ଏଣ୍ଡଲବା, ଚକ୍ରଧରପୁର, ଅଞ୍ଜିରା, ଜେନାପୁର, ବୃନ୍ଦାଦେଇପୁର, କମାଗଡ଼, ଅଣ୍ଟିଆ, ଗଡ଼ମଧୁପୁର, ପୁରୁଣା ବଉଳମାଳ, ମହିସରା, ସଂପାରୁ, ସାହାଣୀଡ଼ିହ, ଆଦି ୧୮ ଟି ପଞ୍ଚାୟତରେ ବିଘ୍ନବିନାସକଙ୍କ ପୂଜା ଧୂମଧାମରେ ପାଳନ ହେଉଛି। ଏହି ଅଞ୍ଚଳରେ ଥିବା ପ୍ରତ୍ୟେକ ସ୍କୁଲ କଲେଜ, କମ୍ପ୍ୟୁଟର ସେଣ୍ଟର ଏବଂ କବାଟବନ୍ଧ ମେଡ଼ିକାଲରେ ମଧ ଗଜାନନଙ୍କ ପୂଜା କରି ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଅନେକ ସ୍ଥାନରେ ଗ୍ରାମବାସୀ ଏବଂ ଯୁବକ ସଂଘ ପକ୍ଷରୁ ଏହା ୩ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ରୀତିନୀତି ଅନୁଯାୟୀ ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ ହୋଇଛି। ପ୍ରତ୍ୟେକ ପୂଜା ମଣ୍ଡପରେ ସୁସଜ୍ଜିତ ତୋରଣ ଏବଂ ଆକର୍ଷଣୀୟ ଲାଇଟରେ ଖୁବ ସୁନ୍ଦର ଭାବରେ ଡେକୋରେସନ ହୋଇଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପରେ ନାମ ସଂକୀର୍ତ୍ତନ, ସହିତ ଭଜନ ପରିବେଷଣ, କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଶେଷ କରି ଯୁବପିଢ଼ି ଏହାକୁ ବହୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଛନ୍ତି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଏକ ଭାଇଚାରା ସୃଷ୍ଟି ହୋଇଛି। ଦୈନିକ ସହସ୍ରାଧିକ ଭକ୍ତ ଏବଂ ଶ୍ରଦ୍ଧାଳୁମାନେ ବିଭିନ୍ନ ପୂଜାମଣ୍ଡପ ନିକଟକୁ ଆସି ପ୍ରଭୁ ଶ୍ରୀ ଗଣେଶଙ୍କ ଆଶୀର୍ବାଦ ଲାଭ କରୁଛନ୍ତି। ଆସନ୍ତା ୨ ତାରିଖଠାରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରଭୁଙ୍କର ଭସାଣି ଯାତ୍ରା କରାଯାଇ ବିସର୍ଜନ କରାଯିବାର ସୂଚନା ରହିଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଭିନ୍ନ ପୂଜା ମଣ୍ଡପ ବୁଲି ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ଜେନାପୁର ପୁଲିସ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

**ଧର୍ମଶାଳା:** ଧର୍ମଶାଳା ବଜାର ନିକଟସ୍ଥ ସିଂହାର ସାହିରେ ଥିବା ଓଡିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲରେ ବିଘ୍ନ ବିନାଶନ ବିଦ୍ୟାଦାତା ଶ୍ରୀ ଗଣପତିଙ୍କ ପୂଜା ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ପୂଜା ଉତ୍ସବରେ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ପରିଚାଳନା ସମିତିର କର୍ମକର୍ତ୍ତା, ସଦସ୍ୟ ଓ ଅଭିଭାବକମାନେ ଉପସ୍ଥିତ ରହି ଯଥାବିଧି ପୂଜାର୍ଚ୍ଚନା କରିବା ସହିତ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ଇନର ହୁଇଲ କ୍ଲବର ଉପଦେଷ୍ଟା ମିନତୀ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହିତ ପୂଜା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ରତ୍ନାକର ନାୟକ, ପରିଚାଳନା ସମିତିର ସଭାପତି ଲକ୍ଷ୍ମୀକାନ୍ତ ଚୌ ପଟ୍ଟନାୟକ, କର୍ମକର୍ତ୍ତା ପ୍ରମୋଦ କୁମାର ଦାସ, ଆନନ୍ଦ ଦଳେଇ, ଅର୍ପିତା ଦଳେଇ, ପୂର୍ଣ୍ଣିମା ଦଳେଇ, ମମତା ବେହେରା, ଶୁଭଶ୍ରୀ ରାଉତ, ଦୀପାଳି ଦାସ, ସୁଭଦ୍ରା ପଣ୍ଡା, ବିଜୟଲକ୍ଷ୍ମୀ ପାଢ଼ୀ ଓ ନଫିସା ଫିର୍ଦୋଷ ପ୍ରମୁଖ ସହଯୋଗ କରିଥିଲେ।

**ସୁକିନ୍ଦା:** ଶ୍ରାବଣ ସରିଛି, ପାର୍ବଣ ଆସିଛି। ଆଜିଠାରୁ ପାର୍ବଣ ଋତୁର ଆଗମନରେ ଚଳଚଞ୍ଚଳ ହୋଇଉଠିଛି ଧରାପୃଷ୍ଠ। ଆଜିଠାରୁ ହି ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା। ସୁକିନ୍ଦାରେ ପାର୍ବଣ ଋତୁ ଏକ ପ୍ରକାର ଆରମ୍ଭ ହୋଇଯାଇଛି। ସେଇଥିପାଇଁ ସୁକିନ୍ଦା ଅଞ୍ଚଳ ଚଳଚଞ୍ଚଳ। ଏହି ଅବସରରେ ସୁକିନ୍ଦା ଅଞ୍ଚଳ କୋଣ ଅନୁକୋଣରେ ଗଣେଶ ପୂଜା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶେଷ ଆଗ୍ରହ ଦେଖିବାକୁ ମିଳିଥିବା ବେଳେ ସୁକିନ୍ଦା ଅଞ୍ଚର ବିଭିନ୍ନ ମନ୍ଦିର, ଯୁବ ଅନୁଷ୍ଠାନ, ସୁକିନ୍ଦା ବନବିଭାଗ କାର୍ଯ୍ୟାଳୟ, ସ୍କୁଲ, କଲେଜ, କ୍ଲବ୍‌ଗୁଡ଼ିକରେ ଗଜାନନଙ୍କ ପୂଜା ମହାଆଡ଼ମ୍ବରରେ ପାଳିତ ହେଉଛି। ବିଭିନ୍ନ ଅନୁଷ୍ଠାନର ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ଆଜି ଗଣେଷ ପୂଜା ବୁଧବାର ସକାଳୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହିଥିବା ବେଳେ ରଙ୍ଗୀନ ଆଲୋକରେ ଝଲସି ଉଠିଛି ପୂଜା ମଣ୍ଡପ। ବିଭିନ୍ନ ପୂଜା କ୍ଲବ୍ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଥିବା ଦେଖିବାକୁ ମିଳିଛି।



## ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ



କବାଟବନ୍ଧ,୨୮।୮ (ସମିସ): ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତ କୁସୁନପୁର ଗ୍ରାମରେ ଅଗ୍ନିକାଣ୍ଡ ଯୋଗୁଁ ୩ ବଖରା ଘର ଜଳି ଯାଇଥିବା ଜଣାପଡ଼ିଛି। ଏଥିରେ ବ୍ୟାପକ ଜିନିଷପତ୍ର ନଷ୍ଟ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ କୁସୁନପୁର ଗ୍ରାମର ଚେମା ମଳିକଙ୍କ ପୁଅ ଭାନୁ ପ୍ରତାପ ମଳିକଙ୍କ ପରିବାର ବୁଧବାର ରାତିରେ ଖାଇ ପିଇ ଶୋଇଥିଲେ। ନିଆଁ ତାତି ଲାଗିବାରୁ ସେମାନେ ଉଠିଥିଲେ। ହଠାତ ଘର ଜଳିବା ଦେଖିବାକୁ ପାଇ ଭୟଭୀତ ହୋଇ ଘରୁ ବାହାରି ଆସିଥିଲେ। ପାଟି କରିବାରୁ ଗ୍ରାମବାସୀ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ମାତ୍ର ପାଖରେ ପାଣି ଆଣିବାକୁ କୌଣସି ସୁବିଧା ନ ଥିବାରୁ ନଳକୂଅରୁ ପାଣି ଆଣି ଲିଭାଇବା ସମ୍ଭବ ହୋଇ ନଥିଲା। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘର ଜଳିବା ସହିତ, ଧାନ, ଚାଉଳ, ଆସବାପାତ୍ର, ପିଲାଙ୍କ ପାଠପଢ଼ା ବହି, ଅନେକ ଜିନିଷ ପତ୍ର ଏବଂ ନଗଦ ଟଙ୍କା ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ; ଜଣେ ଅଟକ

ବିଞ୍ଝାରପୁର,୨୮।୮ (ସମିସ): ବିଞ୍ଝାରପୁର ଥାନା ଅଧୀନ କଲ୍ୟାଣପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଅଜୟ ବଳଙ୍କ ଝିଅ ଇପ୍ସିତା ବଳ (୨୨)ଙ୍କ ବୁଧବାର ସନ୍ଦେହ ଜନକ ମୃତ୍ୟୁ ଘଟିଥିଲା। ବିଞ୍ଝାରପୁର ପୁଲିସ ଏହି ଘଟଣାରେ ଜରୀ ଗ୍ରାମର ମନୋଜ କୁମାର ସାମଲ (୨୬)ଙ୍କୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ପ୍ରକାଶ ଥାଉ କି ବିଞ୍ଝାରପୁର ଥାନା ଅଧୀନ କଲ୍ୟାଣପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଅଜୟଙ୍କ ଝିଅ ଇପ୍ସିତା ସିଂହପୁର ନିକଟବର୍ତ୍ତୀ ଖରସ୍ରୋତା କଲେଜ ଛକ ନିକଟରେ ଥିବା ଏକ ଭଡ଼ା ଘରେ ବିୟୁଟି ପାର୍ଲର ପରିଚାଳନା କରୁଥିଲେ। ସବୁଦିନ ପରି ବୁଧବାର ସକାଳୁ ଇପ୍ସିତା ପାର୍ଲର ଖୋଲିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ଇପ୍ସିତାଙ୍କୁ ଫୋନ କରିବାରୁ ସେ ଫୋନ ଉଠାଇ ନଥିଲେ। ପରିବାର ଲୋକେ ପାର୍ଲର ନିକଟରେ ପହଞ୍ଚି ଦେଖିଲା ବେଳକୁ ଇପ୍ସିତା ଫ୍ୟାନରେ ରଶିରେ ଝୁଲିଥିବାର ଦେଖିବାକୁ ପାଇଥିଲେ। ତାଙ୍କ ଝିଅକୁ କେହି ମାରି ଫ୍ୟାନରେ ଟାଙ୍ଗି ଦେଇଥିବା ବିଞ୍ଝାରପୁର ଥାନାରେ ସେମାନେ ଅଭିଯୋଗ କରିଥିଲେ। ଅଭିଯୋଗ ଗ୍ରହଣ କରି ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରୁ ଇପ୍ସିତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେଶ ନଂ ୩୯୦/୨୫ରେ ମାମଲା ରୁଜ କରି ତଦନ୍ତ ଚଳାଇଛି।

## ଦୁଇଟି ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଧର୍ମଶାଳା,୨୮।୮ (ସମିସ): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡମଙ୍ଗଳପୁର ଗଡାସ୍ଥିତ ୨ଟି ଦୋକନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବଡମଙ୍ଗଳପୁର ଗ୍ରାମର ମଦନ ମୋହନ ନାୟକ ନିଜ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାମୁଣ୍ଡରେ ନିଜ ଜାଗାରେ ଘର କରି ସିମେଣ୍ଟ ଦୋକାନ କରିବା ସହ ଏକ ଦୋକାନଘରକୁ ଭଡାସୂତ୍ରରେ ସ୍ଥାନୀୟ ଚୋରମୁହାଁ ଗ୍ରାମର ମନୋଜ କୁମାର ମହାରଣାଙ୍କୁ ଦେଇଛନ୍ତି। ମଦନ ସିମେଣ୍ଟ ଦୋକାନ କରିଥିବା ବେଳେ ଭଡାସୂତ୍ରରେ ଘର ନେଇଥିବା ମନୋଜ ଏକ ଫର୍ଣିଚର୍ସ ତିଆରୀ ଦୋକାନ କରିଛନ୍ତି। ଉଭୟ ଦୋକାନୀ ଦୋକାନ ବନ୍ଦ କରି ରାତିରେ ଘରକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ଗତକାଲି ବିଳମ୍ବିତ ରାତିରେ ସିମେଣ୍ଟ ଦୋକାନ ଗ୍ରିଲର ତାଲା ଭାଙ୍ଗି ୨୦ ହଜାର ଟଙ୍କା କ୍ୟାସ ଚୋରି କରିବା ସହ ସେଠାରେ ଥିବା ଫର୍ଣିଚର୍ସ ଦୋକାନରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ଇଲେକ୍ଟ୍ରି କଲର ମେସିନ ସାଇଁଣ୍ଡର, ଡ୍ରିଲ ମେସିନ ଓ ରନ୍ଦା ମାରିବା ମେସିନ ଆଦି ବିଭିନ୍ନ ହତିଆର ଚୋରି କରି ନେଇଛନ୍ତି। ଆଜି ଜଣାପଡିବା ପରେ ଉଭୟ ଦୋକାନୀ ମଦନ ଓ ମନୋଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ତେବେ ବାରମ୍ବାର ଧର୍ମଶାଳା ଅଞ୍ଚଳରେ ଏଭଳି ଚୋରି ବୃଦ୍ଧି ପାଉଥିବା ବେଳେ ଚୋରକୁ ଧରିବାରେ ପୁଲିସ ସକ୍ଷମ ହୋଇପାରୁ ନାହିଁ ବୋଲି ଅଭିଯୋଗ ହେଉଛି। ଫଳରେ ଚୋରମାନଙ୍କ ମନୋବଳ ବୃଦ୍ଧି ପାଉଥିବା ବେଳେ ବାରମ୍ବାର ଏଭଳି ଭାବେ ଚୋରି ବଢ଼ିବାରେ ଲାଗିଛି।

## ଯାଦବ ମହାସଭା ପକ୍ଷରୁ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



ଦାନଗଦି,୨୮।୮ (ସମିସ): ଯାଜପୁର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦାନଗଦି ବ୍ଲକ ସଭାପତି ରବୀନ୍ଦ୍ର ବାରିକଙ୍କ ଆହ୍ୱାନ କ୍ରମେ ଯାଜପୁର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ବ୍ଲକ କାର୍ଯ୍ୟକାରିଣୀ ଓ କର୍ମକର୍ତ୍ତା ଚୟନ ବୈଠକ ଚିତ୍ରୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାକୁ କାର୍ଯ୍ୟକାରୀ ସଭାପତି ନିର୍ମଳ କୁମାର ଜୋତି ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସଭାପତି ରାମଚନ୍ଦ୍ର ବେହେରା ଯୋଗଦେଇଥିଲେ। ଯାଦବ ସଂଗଠନ କିପରି ଆହୁରି ସୁଦୃଢ଼ ଓ ସଶକ୍ତ ହୋଇପାରିବ ଏହି ବିଷୟରେ ଜିଲ୍ଲା ସଭାପତି ଶ୍ରୀ ବେହେରା ଆହ୍ୱାନ ଦେବା ସହିତ ହଜିଯାଉଥିବା ଯାଦବ ବଂଶର ପରମ୍ପରା ଓ ସଂସ୍କୃତି କିପରି ଉଜ୍ଜୀବିତ ରହିପାରିବ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଉପଦେଷ୍ଟା ପଦ୍ମାକର ଗୁରୁ, ସାଧାରଣ ସମ୍ପାଦକ ମନୋଜ କୁମାର ଦାସ, ମହିଳା ସଭାପତି ସ୍ନେହଲତା ବାରିକ, ପ୍ରସନ୍ନ କୁମାର ବେହେରା, ଉପସଭାପତି ନିତ୍ୟାନନ୍ଦ ବେହେରା, ଉପସଭାପତି କପିଳ ଚରଣ ବେହେରା, ସହ ସମ୍ପାଦକ ପ୍ରଦ୍ୟୁମ୍ନ ବାରିକ ପ୍ରମୁଖ ସହ ୧୦ବ୍ଲକର ସଭାପତି,୨ଟି ମ୍ୟୁନିସିପାଲିଟି, ଅନ୍ୟ କର୍ମକର୍ତ୍ତା ଓ ଜିଲ୍ଲାରୁ ଆସିଥିବା ଯାଦବ ସଦସ୍ୟ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ଚାରାରୋପଣ



କୁଆଖିଆ,୨୮।୮ (ସମିସ): ପରିବେଶ ସୁରକ୍ଷା ସଂଗ୍ରାମ ସମିତି ରସୁଲପୁର ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆବାହକ କୈଳାସ ଚନ୍ଦ୍ର ମଳିକଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଡ଼କଇଁଚି ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଆରସିସି ପ୍ରଦୀପ କୁମାର ସାମଲ, ଅଧ୍ୟାପକ ସନ୍ତୋଷ କୁମାର ସାହୁ, ଶିକ୍ଷକ ବସନ୍ତ କୁମାର ସାହୁ, ବାସନ୍ତୀ ମଳିକ , ସାଗର ମଳିକ ପ୍ରମୁଖ ଯୋଗଦେଇ ବର, ନିମ ଓ କାଠ ଜାତୀୟ ଚାରାରୋପଣ କରିଥିଲେ।

## ଛନ୍ଦାମୁଣ୍ଡ ରାଜସ୍ୱ ଗ୍ରାମକୁ ନୂତନ ଗ୍ରାମ ପଞ୍ଚାୟତ ପାଇଁ ଦାବି



ପ୍ରିତିପୁର,୨୮।୮ (ସମିସ): ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ ରାଜ୍ୟରେ ପଞ୍ଚାୟତ ଓ ବ୍ଲକ ପୁନଃଗଠନ ହେବା ନେଇ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ଅଞ୍ଚଳରେ ନୂତନ ପଞ୍ଚାୟତ ଗଠନ ପାଇଁ ଦାବି ଜୋର୍‌ଧରିଛି। ବିଞ୍ଝାରପୁର ବ୍ଲକର "ଛନ୍ଦାମୁଣ୍ଡ ରାଜସ୍ୱ ଗ୍ରାମ'କୁ ନୂତନ ଗ୍ରାମ ପଞ୍ଚାୟତ ମାନ୍ୟତା ଦେବା ପାଇଁ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ମାଧ୍ୟମରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି ଗ୍ରାମବାସୀ। ଏହି ଗ୍ରାମଟି ନୂତନ ଗ୍ରାମ ପଞ୍ଚାୟତ ଗଠନ ପାଁଇ ସମସ୍ତ ସରକାରୀ ନିୟମ ମଧ୍ୟରେ ଆସୁଛି। ଏହାପୂର୍ବରୁ ଛନ୍ଦାମୁଣ୍ଡ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବାରେ ସ୍ଥାନୀୟ ବିଧାୟିକାଙ୍କର ପୂର୍ଣ୍ଣ ସହଯୋଗ ରହିଥିଲା। ଏଥିପାଇଁ ଗ୍ରାମବାସୀଙ୍କ ତରଫରୁ ଗନ୍ଧର୍ବ ଚରଣ ଦାସ, ବ୍ରହ୍ମାନନ୍ଦ ପାତ୍ର, ସୁରେଶ କୁମାର ନନ୍ଦ, ମୀନକେତନ ପରିଡା, ଅବିନାଶ ଘଡ଼ାଇ, ହୃଷିକେଶ ଦାସ, ଉମେଶ ଦାସ, କଳିଙ୍ଗ କେଶରୀ ସାହୁ, ସୁନୀଲ ଦାସ, ପ୍ରଶାନ୍ତ କୁମାର ଜେନା, ଗୋପୀନାଥ ମଲ୍ଲିକ, ସମରେଶ ସାହୁ, ମାନସ ଜେନା, ବିଷ୍ଣୁ ଘଡ଼ାଇ, ଆନନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ପଂଚାୟତ ର ମାନ୍ୟତା ଦେବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ସୁକିନ୍ଦା,୨୮।୮ (ସମିସ): ଟମକା ମଙ୍ଗଳପୁର ରାସ୍ତାର ମଠ ଛକରେ ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ ମଙ୍ଗଳପୁର ଗ୍ରାମ ଅମୂଲ୍ୟ କୁମାର ସାହୁଙ୍କ ପୁଅ ସିରିଆ ସାହୁ ବୁଧବାର ବାଇକରେ ଯାଉଥିବା ସମୟରେ ମଠ ଛକ ନିକଟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ସିରିଆକୁ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ପରିପୂର୍ତ୍ତି ଅଭିଯାନ



ବଡ଼ଚଣା,୨୮।୮ (ସମିସ): ଚଣ୍ଡିଖୋଲ ନିକଟସ୍ଥ ଇଣ୍ଡିଆନ ବ୍ୟାଙ୍କ ଚକ୍ରଧରପୁର ଶାଖା ପକ୍ଷରୁ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଜାନର ଶୁଭାରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀ ଜନଧନ, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଓ ଅଟଳ ପେନସନ ଭଳି ପ୍ରମୁଖ ଯୋଜନାଗୁଡିକ ଗାଁ ଗହଳି ଲୋକଙ୍କ ପାଖରେ ପହଞ୍ଚାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ରାଇଛନ୍ଦା ପଞ୍ଚାୟତରେ ଏଥିପାଇଁ ଏକ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ବିଭିନ୍ନ ବର୍ଗର ୫୦ରୁ ଅଧିକ ଲୋକ ଯୋଗଦେଇଥିଲେ। ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଉପ ମହାପ୍ରବନ୍ଧକ ମଧୁକର ଆନନ୍ଦ, ଜିଲ୍ଲା ଅଧିକାରୀ ଏନେଟ ଶ୍ରଦ୍ଧା ଟପନୋ, ଜିଲ୍ଲା ପ୍ରବନ୍ଧକ ରାଧାନାଥ ନାୟକ, କଟକ ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ ବି.କେ ସୁବୁଦ୍ଧି, ବରିଷ୍ଠ ପ୍ରବନ୍ଧକ ଦୀପକ ବାଉରୀ, ଚକ୍ରଧରପୁର ଶାଖା ପରିଚାଳିକା ସୁଚିତ୍ରା ବେଶ୍ରା ପ୍ରମୁଖ ଆର୍ଥିକ ସ୍ୱାକ୍ଷରତା ଉପରେ ସଚେତନ କରାଇଥିଲେ। ଜନ ସୁରକ୍ଷା ଯୋଜନା ଅଧୀନରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରାଳୟର ବିତ୍ତୀୟ ସେବା ବିଭାଗ ପକ୍ଷରୁ ଦେଶ ବ୍ୟାପି ଏହି ତିନି ମାସିଆ ଅଭିଯାନର ଆୟୋଜନ କରାଯାଉଛି।

### ଶିକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଛାତ୍ରାବାସ ମିଳିପାରୁନି

## ଅଧାରୁ ପାଠ ଛାଡ଼ିବେ ଖଣି ଅଞ୍ଚଳର ୪ଟି ପଞ୍ଚାୟତରୁ ୬୨ଜଣ ଛାତ୍ରଛାତ୍ରୀ


କାଳିଆପାଣି,୨୮।୮ (ସମିସ)

ସୁକିନ୍ଦା ବ୍ଲକ ଅଧୀନ ଖଣି ଅଞ୍ଚଳର ୪ ପଞ୍ଚାୟତର ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧାରରେ ବୋଲି ଅଭିଯୋଗ ହେଉଛି। ଶ୍ରେଣୀରେ ପାସ୍ କରି ସ୍କୁଲ କି ଛାତ୍ରାବାସରେ ରହିବାକୁ ସିଟ୍ ପାଇ ପାରୁନାହାନ୍ତି। କେଉଁଠି ସିଟ୍ ପୂରଣ ହୋଇଯାଇଛି ତ କେଉଁଠି ଆଡ୍‌ମିଶନ ନେଉନାହାନ୍ତି। ବ୍ଲକ୍‌ରେ, କାଂସ, ଟିଙ୍ଗୁଡିପାଳ, ରାଂଶୋଳ ଏବଂ କାଳିଆପାଣି ଭଳି ୪ଟି ପଞ୍ଚାୟତରୁ, ଷଷ୍ଠ ଏବଂ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ମୋଟ ୬୨ ଜଣ ଛାତ୍ରଛାତ୍ରୀ ହଷ୍ଟେଲ ସିଟ୍ ଉପଲବ୍ଧ ନ ଥିବାରୁ ନିକଟସ୍ଥ କୌଣସି ଆଶ୍ରମ ସ୍କୁଲରେ ପ୍ରବେଶ ପାଇପାରୁନାହାଁନ୍ତି ବୋଲି ଅଭିଯୋଗ ହେଉଛି। ଦୀର୍ଘ ଦୂରତା ଏବଂ ଖରାପ ଯାତାୟାତ ସୁବିଧା ଯୋଗୁଁ ଏହି ଛାତ୍ରଛାତ୍ରୀ ଦୈନିକ ନିକଟସ୍ଥ ସ୍କୁଲଗୁଡ଼ିକୁ ଯାଇପାରନ୍ତି ନାହିଁ। ଯାହାଫଳରେ ସେମାନଙ୍କର ଶିକ୍ଷା ବନ୍ଦ ହେବାର ଆଶଙ୍କା ରହିଛି। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ୩୭ ନମ୍ବର୍ ଜୋନ୍ ଜିଲ୍ଲାପରିଷଦ

**ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ୩୭ ନମ୍ବର ଜିଲ୍ଲା ପରିଷଦ**

ସଭ୍ୟା ଜେମା ଟାଖି ଜିଲ୍ଲାପାଳଙ୍କ ଜରୁରୀ ହସ୍ତକ୍ଷେପ ପାଇଁ ଅନୁରୋଧ କରୁଛନ୍ତି। ସ୍ଥାୟୀ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ଅବ୍ୟବହୃତ ସରକାରୀ କୋଠା କିମ୍ବା ସମ୍ପ୍ରଦାୟ ହଲରେ ଅସ୍ଥାୟୀ ଛାତ୍ରାବାସ ବ୍ୟବସ୍ଥା କରାଯାଉ। ଜିଲ୍ଲାରୁ ଦୈନିକ ଯାତାୟାତ ପାଇଁ ସ୍ୱତନ୍ତ୍ର ପରିବହନ ବ୍ୟବସ୍ଥା ପରିଷଦ/ଏସଏସଏ/ବ୍ଲକ୍ ପାଣ୍ଠି ଯୋଗାଇବା। ଡିଡବ୍ଲୁଓ, ଏସଟି ଏବଂ ଏସସି ଉନ୍ନୟନ ବିଭାଗ ସହିତ ସମନ୍ୱୟ ସ୍ଥାପନ କରି ସ୍ଥାୟୀ ଛାତ୍ରାବାସ ସିଟ୍ ବୃଦ୍ଧି ଏବଂ ନିକଟସ୍ଥ ଆଶ୍ରମ ସ୍କୁଲକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନତ କରିବା ନିଶ୍ଚିତ କରାନ୍ତୁ ବୋଲି ଜିଲ୍ଲାପାଳଙ୍କୁ ଗତ ୧୯ ତାରିଖରେ ଚିଠି ଲେଖିଛନ୍ତି। କିନ୍ତୁ ଅଦ୍ୟାବଧି ଏପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ସେ କହିଛନ୍ତି ତୁରନ୍ତ ପଦକ୍ଷେପ ନେଇ ସ୍କୁଲ ଡ୍ରପ୍ ରୋକିବା ଏବଂ ଏହି ପିଲାମାନଙ୍କ ପାଇଁ ଶିକ୍ଷାର ଅଧିକାର ସୁନିଶ୍ଚିତ କରିବାରେ ସାହାଯ୍ୟ କରାଇବ ବୋଲି ଆଶା ରଖିଛନ୍ତି। ଏବେ ସାଧାରଣରେ ଆଲୋଚନା ହେଉଛି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କୋଟି କୋଟି ଟଙ୍କା ବ୍ୟୟରେ ଅନେକ ଗୁଡ଼ିଏ ଛାତ୍ରାବାସ ହୋଇଛି କିପରି ସ୍ଥାନୀୟ ପିଲାମାନେ ସିଟ୍ ପାଇ ପାରିନାହାନ୍ତି ତାହା ଏକ ବିଡ଼ମ୍ବନାର ବିଷୟ। ଯାହାକୁ ନେଇ ଅଭିଭାବକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ବର୍ଷ ପାଠପଢାରେ ଡ୍ରପ୍ ହୋଇଗଲେ ଆଉ ପାଠପଢାରେ ମନ ଦେବେନାହିଁ ଛାତ୍ରଛାତ୍ରୀ। ନାଁ ଅବିବାଭକ ମାନଙ୍କର ଲଗାମ ରହିବ ନାଁ ପିଲାମାନଙ୍କର ଇଚ୍ଛାଶକ୍ତି ବଢିବ। ଯଦି ବି ଘରେ ରହି ପଢନ୍ତି ତେବେ ଗୋଟିଏ ବର୍ଷ ବିଳମ୍ବ ହୋଇଯିବ। ତେଣୁ ଏହି ପିଲାଙ୍କ ଭବିଷ୍ୟତ ଏବେ କଣ ହେବ ତାହା ଚିନ୍ତାର ବିଷୟ ହୋଇଛି ବୋଲି ସାଧାରଣରେ ଆଲୋଚ୍ୟ ହେଉଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ସମ୍ପାଦକୀୟ



ଯେତେବେଳେ ଦ୍ୱନ୍ଦ୍ୱ ମୋ ମନକୁ ବିଦୀର୍ଣ୍ଣ କରେ, ହତାଶା ବିଷଣ୍ଣ କରେ, ଦିଗବଳୟରୁ ଆଶାର କିରଣ ଅସ୍ତ ହୋଇଯାଏ, ସେତେବେଳେ ମୁଁ ଭଗବତ୍ ଗୀତାର ବାଣୀକୁ ସ୍ମରଣ କରି ସ୍ଥିତପ୍ରଜ୍ଞ ହୋଇଯାଏ।

-ମହାତ୍ମା ଗାନ୍ଧୀ

ସକାଳ THE SAKALA

## ବିକଳ୍ପ ସନ୍ଧାନର ସୁଯୋଗ

ଭାରତ ବିରୋଧରେ ବିଧିବଦ୍ଧ ଭାବେ ଆରମ୍ଭ ହୋଇସାରିଥିବା ଆମେରିକାର ବାଣିଜ୍ୟ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର ବୟନ, ରତ୍ନପଥର, ଅଳଙ୍କାର, ସାମୁଦ୍ରିକ ଖାଦ୍ୟ, ଅଟୋଯନ୍ତ୍ରାଂଶ ଶିଳ୍ପ ଗୁରୁତର ପ୍ରଭାବିତ ହୋଇଛି। ସବୁଠାରୁ ଅଧିକ ଓ ତତ୍କାଳ ପ୍ରଭାବିତ ହୋଇଛି ବୟନଶିଳ୍ପ। ଭାରତର ବୟନଶିଳ୍ପ ପେଣ୍ଠ କୁହାଯାଉଥିବା ଗୁଜରାଟର ସୁରତ, ତାମିଲ୍‌ନାଡୁର ତିରିପୁର ଓ ନୋଇଡ଼ାରେ କାରଖାନାମାନ ବନ୍ଦ ହୋଇଯାଇଛି। ଲକ୍ଷ ଲକ୍ଷ କାରିଗର ଚାକିରି ହରାଇଛନ୍ତି। କୋଭିଡ୍ ମହାମାରୀ ଜନିତ ଲକ୍‌ଡାଉନ୍ ଘୋଷଣା ପରେ ସୃଷ୍ଟି ହୋଇଥିବା ପରିସ୍ଥିତିର ଏକପ୍ରକାର ପୁନରାବୃତ୍ତି ଘଟିଛି। ଏବେ ବୟନ ଶିଳ୍ପ କ୍ଷେତ୍ରରେ ଅନୁଭୂତ ପ୍ରଭାବ ଖୁବ୍‌ଶୀଘ୍ର ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରକୁ ସଂଚରିଯିବା ସ୍ୱାଭାବିକ ଥିବାରୁ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ହ୍ରାସ ପାଇବା ଏକପ୍ରକାର ସୁନିଶ୍ଚିତ। ସାମଗ୍ରିକ ଭାବେ ଆମେରିକାର ବାଣିଜ୍ୟ ଶୁଳ୍କ ବୃଦ୍ଧି ଯୋଗୁଁ ଭାରତୀୟ ନିଯୁକ୍ତି ବଜାରରେ ପ୍ରାୟ ୩୦ ଲକ୍ଷ ଛଟେଇ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶାର ସର୍ବାଧିକ ପ୍ରବାସୀ ଶ୍ରମିକ ସୁରତର ବୟନଶିଳ୍ପରେ ନିୟୋଜିତ ଥିବାରୁ ସେଠାରେ କାମଧନ୍ଦା ବନ୍ଦ ହେଲେ ପ୍ରବାସୀ ଶ୍ରମିକଙ୍କ ଘରବାହୁଡ଼ା ଓଡ଼ିଶାରେ ଆଉ ଏକ ସଙ୍କଟକୁ ଜନ୍ମ ଦେବ। ତେଣୁ ରାଜ୍ୟ ସରକାର ଏଥିପ୍ରତି ସତର୍କ ଓ ସଜାଗ ହେବା ଆବଶ୍ୟକ।

ରୁଷ୍‌ରୁ ଭାରତ ତୁଳନାରେ ଚୀନ୍ ଅଧିକ ତୈଳ ଆମଦାନୀ କରୁଛି। କିନ୍ତୁ ଚୀନ୍ ଉପରେ ଟ୍ରମ୍ପ ସେଭଳି କଠୋର ହୋଇନାହାନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ ଭାରତୀୟ ଉତ୍ପାଦ ଉପରେ ଟ୍ରମ୍ପଙ୍କ ବର୍ଦ୍ଧିତ ଶୁଳ୍କ ଲାଗୁ ବା ବାଣିଜ୍ୟ ଯୁଦ୍ଧ ଘୋଷଣା ପଛରେ କେବଳ ରୁଷ୍‌ରୁ ତୈଳ ଆମଦାନୀ ଏକମାତ୍ର କାରଣ ନୁହେଁ। ଏହି କାରଣକୁ ଭାରତ ସାମ୍ନାକୁ ଆଣି ବିଶ୍ୱ ଦରବାରରେ ସ୍ୱାର୍ଥପର ଆମେରିକାର ମୁଖା ଖୋଲିବା ଉଚିତ। ଭାରତୀୟ ଉତ୍ପାଦର ଅନୁପସ୍ଥିତିରେ ଆମେରିକାର ଖାଉଟି ମଧ୍ୟ ପ୍ରଭାବିତ ହେବେ, ଯାହା ଚୀନ୍ ଦ୍ୱାରା ତତ୍କାଳ ପୂରଣ ହେବା ସମ୍ଭବ ନୁହେଁ। ତେଣୁ ଯେସାକୁ ତେସା ନୀତିରେ ଭାରତ ଆମେରିକାକୁ ଔଷଧ ରପ୍ତାନୀକୁ କାଣ୍ଟଛାଣ୍ଟ କରି ଆମ ବଜାରରେ ଆମେରିକା ଉତ୍ପାଦ ଉପରେ ଦ୍ୱିଗୁଣା ଶୁଳ୍କ ଲାଗୁ କରିବା ଉଚିତ ହେବ।

ସର୍ବୋପରି ଆମେରିକାର ଶୁଳ୍କ ବୃଦ୍ଧିର ଅଲଂଘ୍ୟ ପ୍ରଭାବ ଭାରତୀୟ ଅର୍ଥନୀତିର ଅନ୍ୟାନ୍ୟ ଦିଗକୁ ସଞ୍ଚରିଯିବା ପୂର୍ବରୁ ଭାରତ ସରକାର ଆଶୁ ପଦକ୍ଷେପ ନେବା ଜରୁରୀ। ଭାରତୀୟ ଉତ୍ପାଦ ପାଇଁ ଆମେରିକା ଏକମାତ୍ର ବିକଳ୍ପ ନୁହେଁ। କିନ୍ତୁ ଆମେରିକା ବଜାର ଉପରେ ଆମର ମାତ୍ରାଧିକ ନିର୍ଭରଶୀଳତା ଏବଂ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ରର ସହାଚାର୍ଯ୍ୟର ଆସକ୍ତି ଯୋଗୁଁ ଆଜି ଆମ ରପ୍ତାନୀ ଶିଳ୍ପକୁ ଏ ଦଶା ଭୋଗିବାକୁ ପଡୁଛି। ଯଦି ବେଳ ଥାଉଁ ବିକଳ୍ପ ବଜାର ଖୋଜିବାର ଚେଷ୍ଟା କରିଥା'ନ୍ତେ ତେବେ ଆଜି ଆମେ ମଧ୍ୟ ଆମେରିକାକୁ ଚୀନ୍ ସୁଲଭ ନାଲି ଆଖି ଦେଖାଇ ନମନୀୟ କରିପାରିଥା'ନ୍ତେ। ଏବେ ମଧ୍ୟ ବେଶୀ ବିଳମ୍ବ ହୋଇନାହିଁ। ଆମର ବାଣିଜ୍ୟ-ଅର୍ଥନୀତିକୁ ନିଜ ଗୋଡ଼ରେ ଠିଆ ହେବାର ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାରେ ଆମେରିକାର ବାଣିଜ୍ୟ ଯୁଦ୍ଧ ଆମକୁ ଏକ ସୁଯୋଗ ଦେଇଛି। ଓଡ଼ିଶା ମଧ୍ୟ ଦାଦନ-ଶ୍ରମିକ ରଣନୀତିରେ ଯୁଗୋପଯୋଗୀ ପରିବର୍ତ୍ତନ ଆଣିବା ଲାଗି ମାନସ ମନ୍ଥନ ଆରମ୍ଭ କରିବାର ଅବକାଶ ସୃଷ୍ଟି ହୋଇଛି। ଏହି ସମୟର ସଦୁପଯୋଗ କରି ସୁଯୋଗର ସନ୍ଧାନ ଆମେ ଯେତେଶୀଘ୍ର କରିପାରିବା ଆମେରିକାକୁ ଉଚିତ ଶିକ୍ଷା ତ ମିଳିବ, ଭାରତୀୟ ଅର୍ଥନୀତି ମଧ୍ୟ ଅଦମନୀୟ ହୋଇପାରିବ। ●

## ଅରଣ୍ୟର ରୋଦନ

ବିକାଶ ଆଳରେ ବ୍ୟାପକ ବୃକ୍ଷଚ୍ଛେଦନର ପରିବେଶ ଉପରେ ପ୍ରତ୍ୟକ୍ଷ ପ୍ରଭାବ ବିଷୟରେ ପରିବେଶବିତ୍‌ମାନେ ସପ୍ରମାଣ ଚେତାବନୀ ଦେଇ ଆସୁଛନ୍ତି। ଜଙ୍ଗଲକ୍ଷୟ ପ୍ରାଣୀମାନଙ୍କ ଜୀବନଚକ୍ରକୁ ପରୋକ୍ଷ ପ୍ରଭାବିତ କରୁଥିବା ଅନେକ ଗବେଷଣାରୁ ଜଣାପଡ଼ିଛି। ଏବେ କିନ୍ତୁ ଜଙ୍ଗଲକ୍ଷୟର ମଣିଷମାନଙ୍କ ଉପରେ ପ୍ରତ୍ୟକ୍ଷ ପ୍ରଭାବର ପ୍ରମାଣ ମିଳିଛି। ବିଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର୍'ର ଗତ ୨୭ ତାରିଖରେ ପ୍ରକାଶିତ ସଂଖ୍ୟାରେ ଉଲ୍ଲେଖିତ ଏକ ଗବେଷଣାଲବ୍ଧ ସନ୍ଦର୍ଭର ତଥ୍ୟ ଅନୁଯାୟୀ ଗତ ଦୁଇ ଦଶନ୍ଧିରେ ଜଙ୍ଗଲ କ୍ଷୟ ଯୋଗୁଁ ବାର୍ଷିକ ହାରାହାରି ୨୮ ହଜାର ଲୋକଙ୍କ ଜୀବନ ହାନି ଘଟିଛି। ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି ଦକ୍ଷିଣ-ଏସିଆରେ। ଉକ୍ତ ସନ୍ଦର୍ଭର ଦାବି ଅନୁଯାୟୀ ଚଳିତ ଶତାବ୍ଦୀର ଦୁଇ ଦଶନ୍ଧି ମଧ୍ୟରେ କୃଷି ଓ ବାସସ୍ଥାନ ନିର୍ମାଣ ପାଇଁ ୧୬୦ ଲକ୍ଷ ବର୍ଗ କିମି ଜଙ୍ଗଲ ନଷ୍ଟ ହୋଇଛି। ଫଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ଏବଂ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଘଟିଛି, ଯାହାର ସିଧାସଳଖ ପ୍ରଭାବ ମଣିଷ ଜୀବନ ଉପରେ ପଡ଼ିଛି।

ଏକପକ୍ଷରେ ବିଶ୍ୱ ତାପମାତ୍ରାକୁ ଶିଳ୍ପ ବିପ୍ଳବ ପୂର୍ବବର୍ତ୍ତୀ ସମୟର ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବାକୁ ପରିବେଶ ଶିଖର ସମ୍ମିଳନୀମାନଙ୍କରେ ସଂକଳ୍ପ ପାରିତ ହେଉଛି। ଅପରପକ୍ଷରେ ପରିବେଶର ସୁରକ୍ଷାର କବଚ ଜଙ୍ଗଲକୁ ଅତି ନିଷ୍ଠୁର ଭାବେ ନଷ୍ଟ କରାଯାଉଛି। ବିକାଶର ମାୟାଜାଲରେ ମଣିଷ ଏତେ ଅନ୍ଧ ହୋଇଯାଇଛି ଯେ ନିଜ ସହିତ ମାନବ ସଭ୍ୟତାକୁ ବିଲୟ ଆଡ଼କୁ ନେଇଯାଉଛି, ତାହା ସେ ନିଜେ ଜାଣିପାରୁନାହିଁ। ବିକାଶ ପାଇଁ ଆଇନକାନୁନ୍‌କୁ ଦଳିଚକଟି ଚାଲିଛି। ନୂତନ ବନାଞ୍ଚଳ ଯେ ସୃଷ୍ଟି ହେଉନାହିଁ ତା' ନୁହେଁ। କିନ୍ତୁ ବନୀକରଣ ତୁଳନାରେ ଅରଣ୍ୟ ଉଭାନ୍‌ର ପରିମାଣ ବଢ଼ି ଚାଲିଛି। ଭିତ୍ତିଭୂମି ବିକାଶ ନାମରେ ଶହଶହ ବର୍ଷ ପୁରୁଣା ଗଛ ବଦଳରେ କାଗଜଫୁଲ, କନିଅର ଫୁଲ ଗଛ ଶୋଭା ପାଉଛି। ପରିସଂଖ୍ୟାନରେ ଯେଉଁ ସବୁଜ ବଳୟ ଅଞ୍ଚଳ ବୃଦ୍ଧି ପାଇଥିବା ଦର୍ଶାଯାଇଛି ତାହା କେବଳ ଉପଗ୍ରହ ମାଧ୍ୟମରେ ଉତ୍ତୋଳିତ ଚିତ୍ର ଆଧାରରେ ପ୍ରସ୍ତୁତ ହେଉଥିବାରୁ ଯାହା କିଛି ଉପଗ୍ରହ କ୍ୟାମେରାରେ ସବୁଜ ଚିତ୍ରିତ ହେଉଛି ତାହାକୁ ପରିସଂଖ୍ୟାନବିତ୍‌ମାନେ ବନାଞ୍ଚଳ ବା ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୋଲି ଦର୍ଶାଉଛନ୍ତି। କିନ୍ତୁ ଗୋଟିଏ ବଡ଼ ଗଛର ବିକଳ୍ପ ଲକ୍ଷେ ଫୁଲଗଛ ଚାରା ନୁହେଁ, ଏହି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ।

ଅରଣ୍ୟ ଆମକୁ ବହୁବର୍ଷ ହେଲା ଆକୁଳ ନିବେଦନ କରୁଛି - ମୋତେ ମାର ନାହିଁ; ନଚେତ୍ ତୁମେ ମରିଯିବ। କିନ୍ତୁ ନିଷ୍ଠୁର ମଣିଷ ଅରଣ୍ୟର ସେହି ରୋଦନ ଶୁଣିବାର ଧୈର୍ଯ୍ୟ ଓ ଆନ୍ତରିକତା ହରାଇଛି। ●

# ବାଣିଜ୍ୟ-ଯୁଦ୍ଧ ଓ ଚିରସ୍ଥାୟୀ କୃଷିବିକାଶ

**ବିଦ୍ୟାଧର ମହାରଣା**

ଆମେରିକା ସହିତ ଭାରତର ବାଣିଜ୍ୟ ଯୁଦ୍ଧର ବିଗୁଲ୍ ବାଜିସାରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର ରପ୍ତାନି ଶିଳ୍ପ ଗୁରୁତର ବାଧାପ୍ରାପ୍ତ ହୋଇଥିବା ବେଳେ ଆଗାମୀ ଦିନରେ କୃଷି ଆମଦାନୀ ଓ ଖାଦ୍ୟ ନିରାପତ୍ତା ଉପରେ ଏହାର ପ୍ରଭାବକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଆଶଙ୍କା କଲେଣି। ତେଣୁ ଏବେଠାରୁ ଭାରତ କୃଷି ଓ ଖାଦ୍ୟ ନିରାପତ୍ତାରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଭାରତ ଆଜି ବିଶ୍ୱର ସବୁଠାରୁ ଅଧିକ ଜନବହୁଳ ରାଷ୍ଟ୍ରରୂପେ ଉଭା ହୋଇଛି। ଦେଶର ବିଶାଳକାୟ ଜନସମାଜକୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରା ନ ଗଲେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଭାରତ ବିଶ୍ୱରେ ସର୍ବାଧିକ ଡାଲି, କପା, ଝୋଟ ଓ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର। ଚାଉଳ, ଆଖୁ, ଫଳ ଓ ପନିପରିବା ଉତ୍ପାଦନରେ ଭାରତ ଦ୍ୱିତୀୟ ସ୍ଥାନରେ ଅଛି। ୨୦୨୪-୨୫ ରେ ଦେଶରେ ଖାଦ୍ୟଶସ୍ୟ(ଶସ୍ୟ ଓ ଡାଲି) ଉତ୍ପାଦନ ୩୫୩ ନିୟୁତ ଟନ୍‌ରୁ ଅଧିକ ହେଲେ ମଧ୍ୟ ବିଶ୍ୱ କ୍ଷୁଧା ଅନୁକ୍ରମଣିକାରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ବ୍ୟଥିତ କରିଛି। ବିଶ୍ୱର ତାଲିକାଭୁକ୍ତ ୧୨୭ ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୫ ଓ କ୍ଷୁଧା ସୂଚକାଙ୍କ ମାତ୍ର ୨୭.୩, ଯାହାକି ସାଂଘାତିକ। ଦେଶରେ ପ୍ରାୟ ୨୦ କୋଟି ଲୋକ ଖାଲି ପେଟରେ ଶୋଇବାକୁ ଯାଆନ୍ତି। ୧୯୫ ନିୟୁତ ଲୋକ ଅପପୁଷ୍ଟି ପ୍ରପୀଡ଼ିତ, ଯାହାକି ବିଶ୍ୱର ଏକ-ଚତୁର୍ଥାଂଶ। ତେଣୁ ଏବେଠାରୁ ଯୁଦ୍ଧକାଳୀନ ଭିତ୍ତିରେ କୃଷି ଯୋଜନା ପ୍ରସ୍ତୁତ ହେବା ଆବଶକ୍ୟକ।

ଆଗାମୀ ଦିନରେ ଭାରତର ଖାଦ୍ୟ ଦ୍ରବ୍ୟଗୁଡ଼ିକର ଆବଶ୍ୟକତା କେତେହେବ ତାକୁ ବୈଜ୍ଞାନିକ ଓ ନିତି ଆୟୋଗ ହିସାବ କରିଛନ୍ତି। ନାବାର୍ଡ ୨୦୨୩ ମସିହାରେ ଏକ ପୁସ୍ତକ ପ୍ରକାଶ କରିଥିଲା, ଯାହାର ଶୀର୍ଷକ ଥିଲା 'ପ୍ରସପେକ୍ଟସ୍ ଅଫ୍ ଇଣ୍ଡିଆସ୍ ଡିମାଣ୍ଡ ଆଣ୍ଡ ସପ୍ଲାଇସ୍ ଅଫ୍ ଏଗ୍ରିକଲ୍‌ଚର କୋମୋଡିଟିଜ୍ ଟୁଆର୍ଡସ୍ ୨୦୩୦'। ଦେଶରେ ଜନସଂଖ୍ୟା ବୃଦ୍ଧି ହାର ବାର୍ଷିକ ୦.୯ ଶତାଂଶ ହେବ ବୋଲି ଜାତିସଂଘ ଆକଳନ କରିଛି। ଏହି ସମୟ ମଧ୍ୟରେ ଭାରତର ମୁଣ୍ଡପିଛା ଆୟ ବାର୍ଷିକ ୪.୧, ୫.୧ ଓ ୬.୧ ଶତାଂଶ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇ ତଦନୁଯାୟୀ ଖାଦ୍ୟର ଆବଶ୍ୟକତା ହିସାବ କରାଯାଇଛି। ଅଧିକ ରୋଜଗାର ଯୋଗୁଁ ଲୋକମାନଙ୍କ ଚାହିଦା ନିଶ୍ଚିତ ଭାବରେ ଖାଦ୍ୟଶସ୍ୟ ସହିତ ଖାଇବା ତେଲ, ଫଳ, ପନିପରିବା, କ୍ଷୀର, ମାଛ, ମାଂସ ଓ ଅଣ୍ଡା ଆଡ଼କୁ ଯିବ। ଆମେ ଯଦି ବାର୍ଷିକ ମୁଣ୍ଡପିଛା ଆୟ ବୃଦ୍ଧିକୁ ୫.୧ ଶତାଂଶ ଧରିବା ତାହାହେଲେ ଆମ ଦେଶର ଲୋକଙ୍କ ପାଇଁ ୨୦୩୦-୩୧ ରେ ବାର୍ଷିକ ୧୧୩.୮ ନିୟୁତ ଟନ୍ ଚାଉଳ, ୧୧୧.୮ ନିୟୁତ ଟନ୍ ଗହମ, ମୋଟା ଶସ୍ୟ ୪୭.୧ ନିୟୁତ ଟନ୍, ଡାଲି ୩୪.୫ ନିୟୁତ ଟନ୍, ତୈଳବୀଜ ୪୧ ନିୟୁତ ଟନ୍, ଚିନି ୩୦.୯ ନିୟୁତ ଟନ୍, ଫଳ ୧୩୪.୬ ନିୟୁତ ଟନ୍, ପନିପରିବା ୨୩୫.୧ ନିୟୁତ ଟନ, କ୍ଷୀର ୨୬୪.୩ ନିୟୁତ ଟନ୍ ଓ ମାଛ ମାଂସ ୧୧.୭ ନିୟୁତ ଟନ୍ ଆବଶ୍ୟକ ପଡ଼ିବ।

ଏତିକି ଖାଦ୍ୟ ଦ୍ରବ୍ୟ ଆମକୁ ଉତ୍ପାଦନ କରିବାକୁ ହେବ କିମ୍ବା ନିଅଣ୍ଟ ଭରଣା କରିବା ପାଇଁ ବିଦେଶରୁ ଆମଦାନୀ କରିବାକୁ ହେବ। ବର୍ତ୍ତମାନ ଆମ ଦେଶର ଚାଉଳ ଓ ଗହମ ଉତ୍ପାଦନ ଯଥାକ୍ରମେ ୧୪୯ ଓ ୧୧୭ ନିୟୁତ ଟନ୍ ହୋଇଥିବାରୁ ଏହା ଆବଶ୍ୟକତା ଅପେକ୍ଷା ଅଧିକ ଅଛି। କିନ୍ତୁ ଆମେ ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ପଛରେ ପଡ଼ିଛୁ। ଆମ ଦେଶରେ ଯେଉଁ ହାରରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଉଛି ତାହାକୁ ବିଚାରକୁ ନେଲେ ୨୦୩୦-୩୧ ବେଳକୁ ଶସ୍ୟ ଉତ୍ପାଦନ ୩୪୨.୩ ନିୟୁତ ଟନ୍, ଡାଲି ୩୫ ନିୟୁତ ଟନ୍, ଫଳ ୧୪୫.୨ ନିୟୁତ ଟନ୍ ଓ ପନିପରିବା ୨୫୩.୫ ନିୟୁତ ଟନ୍ ହେବାର ଆଶା କରାଯାଏ। ସୁତରାଂ ଅଭାବ ପଡ଼ିବ ଡାଲି, ତୈଳବୀଜ, କ୍ଷୀର, ମାଛ ଓ ମାଂସ। କହିବାରେ ଦ୍ୱିଧା ନାହିଁ ଯେ ୧୯୬୬ ପରେ ଦେଶରେ ସବୁଜ ବିପ୍ଳବର ସଫଳ ରୂପାୟନ ଆମକୁ ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିପାରିଛି। ୧୯୫୧ ମସିହାରେ ମୁଣ୍ଡପିଛା ଖାଦ୍ୟ ଶସ୍ୟ ବାର୍ଷିକ ମାତ୍ର ୧୪୪ କିଲୋଗ୍ରାମ ଥିବା ବେଳେ ୧୯୭୧ ରେ ଏହା ୧୭୧ କିଲୋଗ୍ରାମକୁ ବୃଦ୍ଧି ପାଇଥିଲା। ଏବେତ ଏହା ୨୦୭ କିଲୋଗ୍ରାମରେ ପହଞ୍ଚିଲାଣି। କିନ୍ତୁ ଡାଲି, ତୈଳବୀଜ, କ୍ଷୀର, ଅଣ୍ଡା ଓ ମାଛ ମାଂସ ସେହି ଅନୁପାତରେ ବୃଦ୍ଧି ପାଉ ନ ଥିବା କାରଣରୁ ଅପପୁଷ୍ଟିର ଚିତ୍ର ସାମ୍ନାକୁ ଆସୁଛି।

ଖାଲି ଉତ୍ପାଦନ ହୋଇଗଲେ ଯେ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ହାସଲ ହେବ ଏହା ଭାବିବା ଭୁଲ। କାରଣ ଏପରି ନିରାପତ୍ତା ପାଇଁ ଉପଲବ୍ଧତା, କ୍ରୟଶକ୍ତି, ଖାଦ୍ୟ ଗ୍ରହଣୀୟତା ଓ ସ୍ଥାୟିତ୍ୱ ଆବଶ୍ୟକ। ରୋଜଗାର ଅଭାବରୁ ଗରିବ ଲୋକେ ଉପଯୁକ୍ତ ଖାଦ୍ୟ ପ୍ରାପ୍ତିରୁ ବଞ୍ଚିତ ହୁଅନ୍ତି। ଆଉ କେତେକ ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଅଭାବରୁ ଖାଦ୍ୟକୁ ଭଲ ଭାବେ ଗ୍ରହଣ କରି ନ ପାରି ଅପପୁଷ୍ଟିର ଶିକାର ହୁଅନ୍ତି। ସୁତରାଂ ଖାଦ୍ୟ ନିରାପତ୍ତା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଜଡ଼ିତ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଶର ଖାଦ୍ୟ ଉତ୍ପାଦନ ଅସ୍ଥିର ହେବା ସହିତ ଏହାର ପ୍ରତିକୂଳ ପ୍ରଭାବ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି। ତେଣୁ ଦୀର୍ଘମିଆଦୀ କୃଷି ଯୋଜନା ପ୍ରଣୟନ ହେବା ବେଳେ ଏ ବିଷୟକୁ ମଧ୍ୟ ବିଚାରକୁ ନିଆଯିବା ଜରୁରୀ।

ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ଦେଶର ୮୦ କୋଟି ଲୋକଙ୍କୁ ମାଗଣାରେ ରାସନ ଦିଆ ଯାଉଛି, ଯାହାର ମୁଖ୍ୟ ଆଧାର ଧାନ ଓ ଗହମ। ତେଣୁ ଧାନ ଓ ଗହମ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯାଇ ଉତ୍ପାଦ ସଂଗ୍ରହଣ କରାଯାଉଛି। ଅଣଧାନ ଫସଲ ପାଇଁ କିଛି ପ୍ରୋତ୍ସାହନ ବ୍ୟବସ୍ଥା ଓ ଅଧିକ ସହାୟକ ମୂଲ୍ୟ ସ୍ଥିର କରାଯାଇଥିଲେ ମଧ୍ୟ ସଂଗ୍ରହଣ ଅଭାବରୁ ଚାଷୀ ଏହି ଫସଲ ପାଇଁ ବିଶେଷ ଆଗ୍ରହୀ ନୁହନ୍ତି। ପନିପରିବା, ଫଳ, କ୍ଷୀର, ମାଛ, ମାଂସ ଓ ଅଣ୍ଡା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଇ ନାହିଁ। ୨୦୨୧-୨୨ ବର୍ଷରେ ଧାନ ଉତ୍ପାଦନର ୩୭ ଶତାଂଶ ଓ ଗହମ ଉତ୍ପାଦନର ୧୭ ଶତାଂଶ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରାଯାଇଥିଲା ଏବଂ ମାତ୍ର ୬ ଶତାଂଶ କୃଷକ ଏହି ଫାଇଦା ହାସଲ କରିଥିଲେ। ଏଥିରୁ ସନ୍ଦେଶ ମିଳୁଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟ କେବଳ ବଡ଼ ଚାଷୀଙ୍କୁ ଉପକୃତ କରୁଛି ଏବଂ ପଞ୍ଜାବ, ହରିଆଣା ଓ ଉତ୍ତରପ୍ରଦେଶ ପରି ଅଧିକ ଉତ୍ପାଦନ କରୁଥିବା ରାଜ୍ୟ ବିଶେଷ ଲାଭବାନ୍ ହେଉଛନ୍ତି। ଏପରି ବ୍ୟବସ୍ଥା ଯୋଗୁଁ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅବଶ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଫସଲ ବିବିଧିକରଣ ପାଇଁ କୃଷକମାନଙ୍କୁ କେତେକ ପ୍ରୋତ୍ସାହନ ଦେଉଛନ୍ତି। ଉଦାହରଣ ସ୍ୱରୂପ ଭାରତ ସରକାର ଖାଇବା ତେଲ ଓ ପାମ୍ ତେଲ ମିସନ୍ ବାବଦରେ ୧୧୦୪୦ କୋଟି ଟଙ୍କାର ବ୍ୟୟବରାଦ କରି ୨୦୩୦-୩୧ ସୁଦ୍ଧା ୨.୮ ନିୟୁତ ଟନ୍ ପାମ୍ ତେଲ ଉତ୍ପାଦନ ଲକ୍ଷ୍ୟ ରଖିଛନ୍ତି।

ଧାନ ଓ ଗହମ ଫସଲରେ ଅଧିକ ସାର ଓ ଜଳ ବ୍ୟବହାର ଯୋଗୁଁ ପରିବେଶ ଉପରେ କୁପ୍ରଭାବ ପଡୁଥିବାରୁ ଏ କ୍ଷେତ୍ରରେ ରିହାତି ପରିମାଣ ସୀମିତ କରିବା ଉଚିତ ମନେହୁଏ। ବରଂ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା, ସେଚନ ଜଳର ଉତ୍ପାଦକତା ବୃଦ୍ଧି, ଧାରଣକ୍ଷମ କୃଷି ବିକାଶ, ଗବେଷଣା ଓ ଉନ୍ନୟନ ଉପରେ ଅଧିକ ବ୍ୟୟ ବରାଦ ହେବା ଆବଶ୍ୟକ। ଯଥାସମ୍ଭବ ଜୈବିକ କୃଷି, ପ୍ରାକୃତିକ କୃଷି ଓ ସମନ୍ୱିତ କୃଷିକୁ ପ୍ରାଧାନ୍ୟ ଦେବାକୁ ହେବ। କୃଷି ଭିତ୍ତିଭୂମି ବିକାଶ (ଜଳ ସେଚନ, ଭଣ୍ଡାରଣ, ରାସ୍ତା, ବିଜୁଳି ଶକ୍ତି), ସଂରକ୍ଷଣ, ପ୍ରକ୍ରିୟାକରଣ ଓ ବିପଣନରେ ସରକାରୀ-ଘରୋଇ ସହଭାଗିତାରେ ଅଧିକ ପୁଞ୍ଜି ନିବେଶ ଜରୁରୀ। ବିଶେଷ କରି ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଏହି ସହଭାଗିତା ଅତ୍ୟନ୍ତ ଜରୁରୀ।

ଉତ୍ପାଦନଠାରୁ ପରିବହନ ଓ ଯୋଗାଣ ସହିତ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ମୂଲ୍ୟ ସଂଯୋଗ ଓ ଦକ୍ଷତାର ଆବଶ୍ୟକତା ଉପଲବ୍ଧି କରି ଯୋଜନା ପ୍ରଣୟନ କରିବାକୁ ହେବ। ସ୍ୱଚ୍ଛଳ ବର୍ଗର କୃଷକ ଡ୍ରୋନ, ରୋବୋଟ୍, ସେନସର ଏଆଇ, ମେସିନ୍ ଲର୍ଣ୍ଣିଂ, ହାଇଡ୍ରୋପୋନିକ, ଜୈବ ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ହାଇଟେକ୍ ଓ ପରିଶୁଦ୍ଧ କୃଷି ପଦ୍ଧତି ଗ୍ରହଣ କରିବା ଆବଶ୍ୟକ। କୃଷି ପରିବେଶ ଉନ୍ନତିକରଣ, କାର୍ବନ ଫାର୍ମିଙ୍ଗ, ସଂରକ୍ଷଣ କୃଷି, ଜୈବିକ କୃଷି, ପାରିବାରିକ କୃଷି ଓ ଧାରଣକ୍ଷମ କୃଷି ପଦ୍ଧତି ଅନୁସରଣ କଲେ ପରିବେଶ ସୁରକ୍ଷା ସହିତ ଆମର ଆବଶ୍ୟକତା ଅନୁସାରେ ଖାଦ୍ୟ ଉତ୍ପାଦନ ହୋଇପାରିବ। କୃଷି ସହିତ ପଶୁପାଳନ, ମହୁଚାଷ, ଟସର ଚାଷ, ମତ୍ସ୍ୟ ଚାଷ ଓ ଦ୍ୱିତୀୟକ କୃଷି (ପ୍ରକ୍ରିୟାକରଣ) ଉପରେ ଧ୍ୟାନ କେନ୍ଦ୍ରିତ ମଧ୍ୟ ହେବା ଆବଶ୍ୟକ। ସଘନ କୃଷି ବିକାଶ ପାଇଁ ପିପିପି ମୋଡ୍‌ରେ ଆବଶ୍ୟକ ଏକ ଦକ୍ଷ ସମ୍ପ୍ରସାରଣ ସେବା ଓ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ସହାୟତା। ଏହାହିଁ ହେବ ଭବିଷ୍ୟତ ପାଇଁ ଆମ ଦେଶର କୃଷି ଯୋଜନା। ଭାରତ କୃଷିରେ ଆତ୍ମନିର୍ଭର ହେବାର ଏହା ହିଁ ସର୍ବୋତ୍ତମ ପନ୍ଥା। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ବିଷାଦ ଓ ବିଷାଦମନସ୍କତା

**ପ୍ରଫେସର ଫକୀର ମୋହନ ସାହୁ**

ବିଷାଦ(ଡିପ୍ରେସନ୍) ଓ ବିଷାଦମନସ୍କତା ଏକାକଥା ନୁହେଁ। ଅବଶ୍ୟ ବିଷାଦ ବା ଡିପ୍ରେସନ୍ ଶବ୍ଦଟି ଆମ ଦୈନନ୍ଦିନ ଜୀବନର ଏକ ନିତ୍ୟବ୍ୟବହୃତ ପରିଭାଷାର ରୂପ ନେଇଛି। ଆମର ଶାରୀରିକ ଅସୁସ୍ଥତା ପରିପ୍ରେକ୍ଷୀରେ ଥଣ୍ଡା, କାଶ ପରି ମାନସିକ ସ୍ୱାସ୍ଥ୍ୟ ଇଲାକାରେ ବିଷାଦ ସେପରି ଏକ ନକାରାତ୍ମକ ଅନୁଭବ। ବିଷାଦର ଲକ୍ଷଣ ଓ ନିରାକରଣ ଜାଣିବା ପୂର୍ବରୁ ଏହାର ସଂଜ୍ଞା ସଂପର୍କରେ ପରିଚିତ ରହିବାକୁ ପଡ଼ିବ। ବିଷାଦର ବିଭାଗୀକରଣ ମଧ୍ୟ ବୁଝିବାକୁ ହେବ।

ପ୍ରଥମେ ମନେରଖିବାକୁ ହେବ ଯେ ବିଷାଦ ହେଉଛି ଏକ ମାନସିକ ବିକୃତି। ବିଶ୍ୱର ଯେଉଁ ମାର୍ଗଦର୍ଶକ ପୁସ୍ତିକା ଅନୁଯାୟୀ ବିଷାଦକୁ ମାନସିକ ବିକୃତିର ଆଖ୍ୟା ଦିଆଯାଇଛି, ସେହି ମାନଦଣ୍ଡ ଅନୁଯାୟୀ ବିଷାଦ ହେଉଛି ମିଜାଜର ବିପର୍ଯ୍ୟୟ। ପ୍ରଶ୍ନ ଉଠିପାରେ ମାନସିକ ବିପର୍ଯ୍ୟୟ କ'ଣ? ଅତି ସରଳ ଭାଷାରେ କୁହାଯିବ ଯେ ଗୋଟିଏ ପରିସ୍ଥିତି ବା ପରିବେଶ ଯେଉଁ ମାତ୍ରାର ପ୍ରତିକ୍ରିୟା ଦର୍ଶାଇବା ଆବଶ୍ୟକ କରୁଛି, ତାହାଠାରୁ ମାତ୍ରାଧିକ ପ୍ରତିକ୍ରିୟା ଦର୍ଶାଇବା ହେଉଛି ମାନସିକ ବିପର୍ଯ୍ୟୟ। ଧରାଯାଉ ଜଣେ ବ୍ୟକ୍ତି ରାସ୍ତାରେ ଯାଉଥିବା ସମୟରେ ଗୋଟିଏ ଲୋକ ଦୁର୍ଘଟଣାଗ୍ରସ୍ତ ହୋଇ କ୍ଷତବିକ୍ଷତ ହୋଇଥିବାର ଦେଖିଲେ। ଏ କ୍ଷେତ୍ରରେ ସେ ଦୁଃଖ ଅନୁଭବ କରିବା ଏବଂ କିଛି ପରିମାଣରେ ବିଷାଦଗ୍ରସ୍ତ ହେବା, ମାନବୋଚିତ ନୁହେଁ କି? ଏ କ୍ଷେତ୍ରରେ ତାଙ୍କର ଦୁଃଖାନୁଭୂତି ପୂରାପୂରି ସ୍ୱାଭାବିକ ବିଚାର କରାଯିବ। କିନ୍ତୁ ସେ ଯଦି ଘରକୁ ଆସି ନିଜର ଖାଦ୍ୟପାନୀୟ ତ୍ୟାଗ କରନ୍ତି, ସ୍ନାନାଦି କର୍ମ ତ୍ୟାଗ କରନ୍ତି ଏବଂ ନିଜର ଯତ୍ନ ନ ନିଅନ୍ତି ତେବେ ବ୍ୟବହାରଟି ଅସ୍ୱାଭାବୀ ଧରାଯିବ। ଏପରି ମାନସିକ ସ୍ଥିତି ବିକୃତିସମ୍ପନ୍ନ ବିଚାର କରାଯିବ।

ସ୍ଥୂଳତଃ ପରିସ୍ଥିତିକୁ ଚାହିଁ ପ୍ରତିକ୍ରିୟା ମାତ୍ରାଧିକ ରହିବା ବିକୃତିର ମୁଖ୍ୟ ଚିହ୍ନ। ବିଷାଦ ବା ଡିପ୍ରେସନ୍ ପରିପ୍ରେକ୍ଷୀରେ ଯେଉଁ ବିଭାଗୀକରଣ ପରିକଳ୍ପନା କରାଯାଇଛି, ତାହା ଦୁଇଟି ଉପାଦାନ ଉପରେ ପର୍ଯ୍ୟବସିତ। ଗୋଟିଏ ଉପାଦାନ ହେଉଛି ବିଷାଦର ତୀବ୍ରତା। ଏହା ବେଶୀ କିମ୍ବା କମ୍ ହୋଇପାରେ। ମନୋବୈଜ୍ଞାନିକ ଭାଷାରେ ପ୍ରଥମଟିକୁ ବୃହତ୍ ବା ମେଜର୍ ଡିପ୍ରେସନ୍ କୁହାଯିବା ସ୍ଥଳେ ଅଳ୍ପମାତ୍ରାର ବିଷାଦକୁ ବିଷାଦମନସ୍କତା ବା ଡିସ୍‌ଥେମିଆ କୁହନ୍ତି। ଦ୍ୱିତୀୟ ଉପାଦାନଟି ହେଉଛି ବିଷାଦର ଦିଗ। ଦିଗ ବିଚାରରେ କେତେକ ବିଷାଦ ଏକପ୍ରାନ୍ତୀୟ ହେବା ସ୍ଥଳେ ଅନ୍ୟପ୍ରକାରର ବିଷାଦ ହେଉଛି ଦୁଇପ୍ରାନ୍ତୀୟ। ଏକପ୍ରାନ୍ତୀୟ ପରିଭାଷା ତାତ୍ପର୍ଯ୍ୟ ହେଉଛି ଯେ ଏପରି ବିଷାଦଗ୍ରସ୍ତ ବ୍ୟକ୍ତିମାନେ ହୁଏତ ଅତିଶୟ ଦୁଃଖର ମାନସିକତା ଦର୍ଶାନ୍ତି କିମ୍ବା ଉନ୍ମତ୍ତ ଅବସ୍ଥା (ଚିତ୍କାର କରିବା, ପାଟିକରିବା ମନୋଭାବ) ଦେଖାନ୍ତି; କିନ୍ତୁ ଦୁଇଟିଯାକ ଲକ୍ଷଣ ଦେଖାନ୍ତି ନାହିଁ। ଅନ୍ୟପକ୍ଷରେ ଦୁଇପ୍ରାନ୍ତୀୟ ବିଷାଦରେ ମାନସିକ ରୋଗୀ ବେଳେବେଳେ ଉନ୍ମତ୍ତଭାବ ଦର୍ଶାଇବା ସ୍ଥଳେ ଅନ୍ୟ ସମୟରେ ବିଷଣ୍ଣତା ଦର୍ଶାନ୍ତି। ମିଜାଜର ଦୋଳନ ଗୋଟିଏ ପଟରୁ ଅନ୍ୟପଟକୁ ଯାଉଥିବାରୁ ଏହାକୁ ଦୁଇପ୍ରାନ୍ତୀୟ ବିଷାଦ କୁହାଯାଏ। ଗୋଟିଏ ସଂକ୍ଷିପ୍ତ ଲେଖାର କଳେବର ମଧ୍ୟରେ ସବୁପ୍ରକାର ବିଷାଦର ଆଲୋଚନା ସମ୍ଭବପର ନୁହେଁ। ଏଠାରେ କେବଳ ବିଷାଦମନସ୍କତାର ଆଲୋଚନା କରାଯାଉଛି। ବାରାନ୍ତରେ ଅନ୍ୟଗୁଡ଼ିକ ଆଲୋଚିତ ହୋଇପାରେ।

ପୂର୍ବରୁ ସୂଚନା ଦିଆଯାଇଛି ଯେ ବିଷାଦମନସ୍କତାର ପୂରାପୂରି ବଡ଼ ଧରଣର ବିଷାଦ ବା ଡିପ୍ରେସନ୍ ନୁହେଁ। ଏଥିରେ ବିଷାଦର ଲକ୍ଷଣସବୁ ଥାଏ; ମାତ୍ର କମ୍ ମାତ୍ରାରେ ରହିଥାଏ। କିନ୍ତୁ ଏହା ଦୀର୍ଘକାଳୀନ। ଶିଶୁ ଓ କିଶୋର କିଶୋରୀ ପ୍ରାୟ ଏକବର୍ଷ ଏପରି ଲକ୍ଷଣ ଦର୍ଶାନ୍ତି। ଯୁବକଯୁବତୀ ଏବଂ ବର୍ଷୀୟାନ୍ ବ୍ୟକ୍ତି ଦୁଇବର୍ଷ କିମ୍ବା ତତୋଧିକ ସମୟ ଏପରି ଅସ୍ୱାଭାବୀ ବ୍ୟବହାର ଦର୍ଶାନ୍ତି। ମନ ସଦାସର୍ବଦା ଉଦାସିଆ ରହିବା, ମୁଖ୍ୟକାର୍ଯ୍ୟରେ ଆଗ୍ରହହୀନତା, ଅସ୍ଥିରତା, ଶୀଘ୍ର କ୍ଳାନ୍ତ ହୋଇପଡ଼ିବା, ନିଦ୍ରାହୀନତା କିମ୍ବା ବେଶୀ ନିଦ୍ରାଳୁତା ଏବଂ ଏକାଗ୍ରତାର ଅଭାବ ଓ ନିଷ୍ପତ୍ତି ଗ୍ରହଣର ଅସୁବିଧା ଏ ମାନସିକ ରୋଗ ଲକ୍ଷଣ। ପୁନଶ୍ଚ କୁହାଯିବ ଯେ ଏପରି ଲକ୍ଷଣସବୁର ତୀବ୍ରତା ଖୁବ୍ ବେଶୀ ନ ଥାଏ। ଅବଶ୍ୟ ମଝିରେ ମଝିରେ ବ୍ୟକ୍ତିର ଜୀବନ ସ୍ୱାଭାବିକ ହୋଇଉଠେ ଏବଂ ସେ ସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରନ୍ତି। ବିଷାଦକବଳିତ ଜୀବନ ମଧ୍ୟରେ ମଝିରେ ମଝିରେ ସ୍ୱାଭାବିକ ଜୀବନଯାତ୍ରାର ଘଟଣାଟି ବିଷାଦମନସ୍କତାର ଏକ ବିଶେଷ ଲକ୍ଷଣ। ମଝିରେ ମଝିରେ ସ୍ୱାଭାବିକତା ସତ୍ତ୍ୱେ ବିଷାଦର ବାଦଲ ଦୀର୍ଘସ୍ଥାୟୀ ହେଉଥିବାରୁ ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନରେ କିଛି କ୍ଷତିସାଧିତ ହୁଏ। ଏତଦ୍‌ବ୍ୟତୀତ ମଝିରେ ମଝିରେ ଆସୁଥିବା ସ୍ୱାଭାବିକତା ଅଳ୍ପସ୍ଥାୟୀ(ଅଳ୍ପ କିଛିଦିନରୁ ଆରମ୍ଭ କରି ସର୍ବାଧିକ ଦୁଇମାସ ପର୍ଯ୍ୟନ୍ତ) ହୋଇଥାଏ।

ବିଷାଦମନସ୍କତାର ତୀବ୍ରତା ଓ ପରିଣତି ଭୟାନକ ହୋଇ ନ ଥିବାରୁ ଏ ଦିଗରେ ଆତଙ୍କିତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି। ନିଜର ପ୍ରିୟକାର୍ଯ୍ୟରେ ମନୋନିବେଶ କରିବା ଏବଂ କର୍ମବ୍ୟସ୍ତ ରହିବା ସ୍ୱାଭାବିକ ଜୀବନ ପାଇଁ ଖୁବ୍ ସହାୟକ। ଅବଶ୍ୟ ମାନସିକ ଚାପ ବିଷାଦ ମନସ୍କତାକୁ ବୃଦ୍ଧି କରୁଥିବାରୁ ଚାପ ଏଡ଼ାଇବା ପାଇଁ ମନୋରଞ୍ଜନ, ଶାରୀରିକ ବ୍ୟାୟମ, ଯୋଗ ଓ ଧ୍ୟାନର ସକାରାତ୍ମକ ଭୂମିକାକୁ ଗୁରୁତ୍ୱ ଦିଆଯାଇଛି। ●

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

## ଲଙ୍କିନୀ ମନ୍ଦିର

**ଓଜସ୍ୱିନୀ**

ଦେବୀ ଲଙ୍କିନୀ ଥିଲେ ରାବଣଙ୍କ ସୁବର୍ଣ୍ଣ ଲଙ୍କାର ରକ୍ଷାକର୍ତ୍ତୀ। ପୌରାଣିକ କାହାଣୀ ଅନୁଯାୟୀ ଦେବୀ ଲଙ୍କିନୀ ପୂର୍ବଜନ୍ମରେ ବ୍ରହ୍ମଲୋକର ମୁଖ୍ୟ ଦ୍ୱାରପାଳ ଥିଲେ। ଅସୀମ ବଳଶାଳୀ କାରଣରୁ ଗର୍ବ ଓ ଅହଂକାର ବଶତଃ ସେ ବ୍ରହ୍ମଲୋକର ଅନ୍ୟ ପାରିଷଦମାନଙ୍କୁ ହତାଦର କରିବାକୁ ଲାଗିଲେ। ସୃଷ୍ଟିକର୍ତ୍ତା ବ୍ରହ୍ମା ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଅଭିଶାପ ଦେଇ କହିଲେ - 'ବ୍ରହ୍ମଲୋକରେ ରହି ରହି ମଧ୍ୟ ତୁମ ମନରେ ଅହଂକାର ଭଳି ଆସୁରିକ ପ୍ରବୃତ୍ତି ଜନ୍ମ ନେଇସାରିଛି। ତେଣୁ ତୁମେ ଅସୁର ରାଜ୍ୟର ରକ୍ଷାକର୍ତ୍ତୀ ଭାବେ ରହିବ।' ଦେବୀ ଲଙ୍କିନୀ ନିଜର ଭୁଲ୍ ବୁଝିପାରି ପ୍ରାୟଶ୍ଚିତ କରିବାକୁ ଚାହିଁଲେ। ବ୍ରହ୍ମା କହିଲେ, 'ତ୍ରେତୟା ଯୁଗରେ ଜଣେ ବାନର ତୁମକୁ ପରାସ୍ତ କରିବ। ସେହିଦିନ ତୁମେ ପୁଣିଥରେ ବ୍ରହ୍ମଲୋକକୁ ଫେରିଆସିବ।' ବ୍ରହ୍ମବାକ୍ୟ ଅନୁସାରେ ସୁବର୍ଣ୍ଣ ଲଙ୍କାର ଦ୍ୱାରପାଳ ଭାବେ ଲଙ୍କିନୀ ରହିଲେ ଏବଂ ମାତାସୀତାଙ୍କୁ ଠାବ କରିବାକୁ ଯାଇଥିବା ହନୁମାନଙ୍କ ଦ୍ୱାରା ପରାସ୍ତ ହୋଇ ବ୍ରହ୍ମଲୋକକୁ ଗମନ କରିଥିଲେ। ତେଣୁ ପୁରାଣ କଥା ଅନୁସାରେ ଲଙ୍କିନୀଙ୍କୁ ବ୍ରହ୍ମଲୋକ ନିବାସୀ, ଦିବ୍ୟଗୁଣରେ ପରିପୂର୍ଣ୍ଣା ଦେବୀ ଭାବେ ଭାରତର କେତେକ ସ୍ଥାନରେ ପୂଜା କରାଯାଉଛି।

ଛତିଶଗଡ଼ ଗରିଆବନ୍ଧ ଜିଲ୍ଲାର ଦେବଭୋଗ ଅଞ୍ଚଳରେ ଥିବା ଗାନ୍ଧୀ ଚୌକ୍‌ରେ ରହିଛି ଲଙ୍କିନୀ ଦେବୀଙ୍କ ମନ୍ଦିର। ବର୍ଷକୁ ଥରେ, କେବଳ ବିଜୟାଦଶମୀ ଦିନ ଏହି ମନ୍ଦିର ଖୋଲାଯାଏ। ଅନ୍ୟ ଦିନମାନଙ୍କରେ ଶ୍ରଦ୍ଧାଳୁମାନେ ମା'ଙ୍କ ମନ୍ଦିର ବାହାରେ ଭୋଗ ଲଗାଇ ପୂଜାର୍ଚ୍ଚନା କରିଥା'ନ୍ତି। ବିଶେଷଭାବେ ମଙ୍ଗଳବାର ଦିନ ଏଠାରେ ଅଧିକ ଭିଡ଼ ହୋଇଥାଏ। ଭାରତରେ ଲଙ୍କିନୀଙ୍କୁ ଦୁର୍ଗା ଓ ମା'କାଳୀଙ୍କ ସ୍ୱରୂପରେ ପୂଜା କରାଯାଉଛି। ଅନନ୍ୟ ପରମ୍ପରା ପାଇଁ ବିଖ୍ୟାତ ଛତିଶଗଡ଼ରେ ରାବଣ ପୋଡ଼ିକୁ 'ଶାହି ଦଶହରା' ଭାବେ ମାନ୍ୟତା ମିଳିଛି। ବିଜୟାଦଶମୀ ଦିନ ଦେବୀ ଲଙ୍କିନୀ ରାବଣଙ୍କ ବିଶାଳକାୟ କୁଶପୁତ୍ତଳିକାକୁ ପରିକ୍ରମା କରିବା ପରେ ରାବଣଙ୍କ ଦହନ ହୋଇଥାଏ। ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ପରମ୍ପରାରେ ପ୍ରଥମେ ବିଜୟାଦଶମୀ ଦିନ ଆଖପାଖ ଗାଁରେ ବିରାଜିତ ଦେବଦେବୀଙ୍କୁ ରାବଣ ଦହନର ସୂଚନା ଦିଆଯାଏ। ତା'ପରେ ବିଗ୍ରହଙ୍କ ପ୍ରତୀକ ସ୍ୱରୂପ ଗାଁର ମୁଖିଆମାନେ ପତାକାକୁ ଆଣି ଦେବଭୋଗରେ ପହଞ୍ଚିଥା'ନ୍ତି। ମୁଖ୍ୟ ଦେବୀ ଭାବରେ ଲଙ୍କିନୀଙ୍କ ସ୍ୱରୂପ ପତାକା ସହିତ ଅନ୍ୟ ପତାକା ବହନ କରିଥିବା ମୁଖିଆମାନେ ରାବଣଙ୍କ ପୁତ୍ତଳିକାକୁ ପରିକ୍ରମା କରନ୍ତି। ଏହାପରେ ଜମିଦାରମାନଙ୍କର ଇଷ୍ଟଦେବ କଞ୍ଚନା ଧ୍ରୁବାଙ୍କ ପ୍ରତିନିଧି ଭାବେ ଜଣେ ବ୍ୟକ୍ତି ନିଜର ପତାକା ଦ୍ୱାରା ରାବଣଙ୍କ ଶରୀରରେ ଅଗ୍ନି ସଂଯୋଗ କରନ୍ତି। ଦେବୀ ଲଙ୍କିନୀଙ୍କ ଅନୁମତି ମିଳିବା ପରେ ହିଁ ରାବଣ ଦହନ କରାଯାଏ। 'ଦାଉ' ନାମକ ଜମିଦାରଙ୍କ ବଂଶଜ ପରିବାର ଏହି ଦାୟିତ୍ୱ ବହନ କରିଥା'ନ୍ତି।

## ବିଚିତ୍ର ବିଶ୍ୱାସ

ଜନଶ୍ରୁତି ଅନୁଯାୟୀ, ନାରାୟଣ ଅବସ୍ତି ନାମକ ଜଣେ ବ୍ୟକ୍ତି ତାଙ୍କର ପୁତ୍ର ଜୀବନଲାଲ୍‌ଙ୍କ ନାମରେ ଦେବଭୋଗର ମୁଖ୍ୟ ସ୍ଥାନ (ଗାନ୍ଧୀ ଚୌକ)ରେ ୨ ଏକର ଜାଗା କିଣିଥିଲେ। ଏହାର କିଛିଦିନ ଭିତରେ ପରିବାରର ସମସ୍ତ ସଦସ୍ୟ ରୋଗଗ୍ରସ୍ତ ହେବାକୁ ଲାଗିଲେ। ପ୍ରତି ଦଶହରା ଦିନ ଘରର ବଡ଼ବୋହୂର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଥିଲା। ଏକଦା ବଡ଼ବୋହୂକୁ ସ୍ୱପ୍ନ ଦେଖିଲେ ଯେ, ସେହି ଜମିରେ ପୂର୍ବରୁ ଜମିଦାରମାନଙ୍କର ଜମିଦାରୀ ଥିଲା। ତେଣୁ ସେହି ସ୍ଥାନରେ ଦେବୀ ଲଙ୍କିନୀଙ୍କ ମନ୍ଦିର ପ୍ରତିଷ୍ଠା ହେବା ଉଚିତ। ବଡ଼ବୋହୂଙ୍କ ପୁଅଙ୍କ ଉଦ୍ୟମରେ ଉକ୍ତ ସ୍ଥାନରେ ମନ୍ଦିର ନିର୍ମାଣ ପାଇଁ ମୂଳଦୁଆ ଖୋଳିବା ସମୟରେ ଦେଖାଗଲା ଯେ, ପୂର୍ବରୁ ସେଠାରେ ଗୋଟିଏ ମନ୍ଦିରର ନକ୍ସା ବା ଢାଞ୍ଚା ପ୍ରସ୍ତୁତ ହୋଇ ରହିଛି। ସେହି ଢାଞ୍ଚା ଅନୁସାରେ ମନ୍ଦିର ନିର୍ମାଣ କରାଯାଇ ମା' ଲଙ୍କେଶ୍ୱରୀଙ୍କୁ ସ୍ଥାପନା କରାଗଲା।

ଲୋକକଥା ଅନୁସାରେ ଦଣ୍ଡକାରଣ୍ୟ କ୍ଷେତ୍ର ବସ୍ତର ଅଞ୍ଚଳର ଗୋଟିଏ ବଡ଼ ଅଂଶରେ ଏବଂ ଏଠାରୁ ପ୍ରାୟ ୧୫୦ କିଲୋମିଟର ଦୂର ଦେବଭୋଗ ଅଞ୍ଚଳରେ ରାବଣ ସେନାର ଦୁଇ ପରାକ୍ରମୀ ଅସୁର ଖର ଓ ଦୁଷଣଙ୍କ ଆଧିପତ୍ୟ ଥିଲା। ତେଣୁ ଦେବଭୋଗ ଏବଂ କାନ୍ଦାଡୋଙ୍ଗ ନାମକ ଅଞ୍ଚଳରେ ମଧ୍ୟ ଏଭଳି ଅନନ୍ୟ ପରମ୍ପରା ସହିତ ଦଶହରା ପାଳିତ ହୋଇଥାଏ। ଦେବୀଙ୍କ ଅନ୍ୟ ଏକ ଆସ୍ଥାନ ବରହୀ ଗାଁରେ ମଧ୍ୟ ରହିଛି ବୋଲି ବିଶ୍ୱାସ କରାଯାଏ। ପୂର୍ବରୁ ବରହୀ ମନ୍ଦିରେ ବଳିପ୍ରଥା ଥିଲା। ତେଣୁ ଏହି ମନ୍ଦିରକୁ ଜନସାଧାରଣଙ୍କ ପ୍ରବେଶ ନିଷେଧ ଅଛି। ମନ୍ଦିରରେ କବାଟ ନାହିଁ। କେବଳ ଆୟତକାର ଭାବେ ଗୋଟିଏ ଛୋଟ ଦ୍ୱାର ଅଛି, ଯାହା ମଧ୍ୟ ଦେଇ ଜଣେ ପୂଜାରୀ ଯିବାଆସିବା କରିପାରିବେ। ଓଡ଼ିଶାର କଳାହାଣ୍ଡିସ୍ଥିତ ଜୁନାଗଡ଼ ଏବଂ ସୁବର୍ଣ୍ଣପୁରରେ ମଧ୍ୟ ଦେବୀ ଲଙ୍କିନୀ ପ୍ରତ୍ୟକ୍ଷ ଦେବୀ ଲଙ୍କେଶ୍ୱରୀ ଭାବେ ପୂଜା ପାଇ ଆସୁଥିବା ଜନଶ୍ରୁତି ରହିଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩


ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଡାକ୍ତରଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ଶିଶୁ ଗୁରୁତର

## ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ଉତ୍ତେଜନା ଓ ଧାରଣା



ପଟ୍ଟାମୁଣ୍ଡାଇ,୨୮।୮(ସମିସ): ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁଁ ଜଣେ ଶିଶୁ ଗୁରୁତର ହେବା ଘଟଣାରେ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଧାରଣା ଦିଆଯାଇଥିଲା। ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ ଗ୍ରାମର ଆନନ୍ଦ ମଲିକ ତାଙ୍କ ୪ ବର୍ଷର ପୁଅ ରୋହନଙ୍କୁ ଥଣ୍ଡା ଜ୍ୱର ହୋଇଥିବାରୁ ଚିକିତ୍ସା ପାଇଁ ୨୩ ତାରିଖରେ ପଟ୍ଟାମୁଣ୍ଡାଇ ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ରୋହନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଓ ଇଞ୍ଜେକ୍ସନ ନେବା ପାଇଁ ପ୍ରେସକ୍ରିପସନ ଲେଖିଥିଲେ। ଏହାପରେ ରୋହଙ୍କୁ ଇଞ୍ଜେକ୍ସନ ଦେବାରୁ ସେ ହଠାତ ଅସୁସ୍ଥ ହୋଇପଡ଼ିବା ସହିତ ବାମ ଗୋଡ଼ ତଳେ ଲାଗି ନ ଥିଲା। ଏ ନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଡାକ୍ତରଙ୍କ ଭୁଲ ଔଷଧ ଓ ଇଞ୍ଜେକ୍ସନ ଦ୍ୱାରା ରୋହନର ଏଭଳି ଅବସ୍ଥା ହୋଇଥିବା ରୋହନଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ରୋହନର ପରିବାର ଲୋକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲଠାରୁ ଆରମ୍ଭ କରି ଥାନା ଓ ଜିଲ୍ଲାସ୍ତରୀୟ ହସ୍ପିଟାଲ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ କେହି ଶୁଣି ନ ଥିଲେ। ଉପଯୁକ୍ତ ତଦନ୍ତ ଓ ନ୍ୟାୟ ଦାବିରେ ଆଜି ରୋହନଙ୍କ ପରିବାର ସହିତ ମାଟିଆ ଗ୍ରାମର ଶତାଧିକ ଲୋକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପରିସରରେ ଧାରଣା ଦେଇଥିଲେ। ଫଳରେ ସବଡିଭିଜନ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଗଣ୍ଡଗୋଳ ଆଶଙ୍କାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ସବଡିଭିଜନ ହସ୍ପିଟାଲ ପରିସରରେ ପୁଲିସ ମୃତୟନ କରାଯାଇଥିଲା। ଶେଷରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଡାକ୍ତର ଚନ୍ଦ୍ରଶେଖର ଦାଶ ଧାରଣାସ୍ଥଳକୁ ଆସି ରୋହନଙ୍କୁ ଦୁଇଜଣ ମେଡିକାଲ ଷ୍ଟାଫଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ କଟକ ଶିଶୁ ଭବନକୁ ପଠାଇବା ଓ ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ମତ୍ସ୍ୟଜୀବୀଙ୍କ ପାଇଁ କାଳ ସାଜିଛି ପଥର ବନ୍ଧ

# ଋଷିକୁଲ୍ୟା ମୁହାଣରେ ଓଲଟିଲା ଡ଼ଙ୍ଗା; ଜଣେ ମୃତ

**ଅଳେଶ୍ୱର ବେଳାଭୂମିରୁ ମିଳିଲା ମୃତଦେହ**

ଛତ୍ରପୁର/ଗଞ୍ଜାମ,୨୮।୮(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ନିକଟରେ ଅବସ୍ଥିତ ଋଷିକୁଲ୍ୟା ମୁହାଣରେ ଡ଼ଙ୍ଗା ଓଲଟି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତ୍ରପୁର ବ୍ଲକ ସାନନୋଲିଆ ନୂଆଗାଁର ଏ. କାଲେୟା (୪୯)। ବୁଧବାର ରାତିରୁ ସେ ନିଖୋଜ ଥିବାବେଳେ ଗୁରୁବାର ସନ୍ଧ୍ୟାରେ ଅଳେଶ୍ୱର-ସିଦ୍ଧାନ୍ତନଗର ମଧ୍ୟଭାଗ ବେଳାଭୂମିରୁ ତାଙ୍କ ମୃତଦେହ ମିଳିଛି।

ସୂଚନା ପ୍ରକାରେ ବୁଧବାର ଭୋରରୁ ନୋଳିଆନୂଆଗାଁର ୭ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ଋଷିକୁଲ୍ୟା ମୁହାଣ ଦେଇ ସମୁଦ୍ର ଭିତରକୁ ଯିବାବେଳେ ଏକ ଉଚ୍ଚ ଲହଡ଼ି ମାଡ଼ରେ ଡଙ୍ଗାଟି ଓଲଟି ପଡ଼ିଥିଲା। ପି. ଏରେୟା, ଏମ. ବାବାଜୀ, ପି. କାମେୟା, ପି. ରଘୁନାଥ, ଏମ୍. ମୋହନ ଓ ପି. ରାମେୟା ୬ ଜଣ ପହଁରି ପହଁରି କୂଳକୁ ଚାଲି ଆସିଥିବାବେଳେ କାଲେୟା ଡ଼ଙ୍ଗା ତଳେ ଚାପିହୋଇ ରହି ଯାଇଥିଲେ। ଅନ୍ଧାର ରାତିରେ ତାଙ୍କୁ ଉଦ୍ଧାର କରାଯାଇପାରିନଥିଲା। ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇନଥିଲେ। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଅଧିକାରୀଙ୍କୁ କହିବା ସହ ନିଜେ ମତ୍ସଜୀବୀଙ୍କ ସହ ଡଙ୍ଗାରେ ସମୁଦ୍ରକୁ ଯାଇ ଖୋଜାଖୋଜି କରିଥିଲେ। ଗୁରୁବାର ସନ୍ଧ୍ୟାରେ ଅଳେଶ୍ୱର ବେଳାଭୂମିରେ କାଲେୟାଙ୍କ ମୃତଦେହ ଲାଗିଥିବା ସ୍ଥାନୀୟ ଜଣେ ଯୁବକ ଦେଖିଥିଲେ। ଖବର ପାଇ ରମ୍ଭା ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର



ମେଡ଼ିକାଲକୁ ପଠାଇଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ହେଲା ଗୋପାଳପୁର ପୋର୍ଟକୁ ସୁରକ୍ଷା ଦେବା ନିମନ୍ତେ ସମୁଦ୍ର ମଧ୍ୟରେ ପଥର ବନ୍ଧ ନିର୍ମାଣ ହୋଇଛି। ଫଳରେ ଦକ୍ଷିଣରେ ରାମେୟାପାଟଣାଠାରୁ ଉତ୍ତରରେ ପ୍ରାୟଗୀ ମଧ୍ୟରେ ଉଚ୍ଚ ଲହଡ଼ି ସୃଷ୍ଟି ହେଉଛି, ଯାହା ଆମ ପାଇଁ କାଳ ସାଜୁଛି ବୋଲି ମତ୍ସ୍ୟଜୀବୀ ଅଭିଯୋଗ କରି ଆସୁଛନ୍ତି। ସ୍ଥାନୀୟ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ରମ୍ଭା ଥାନା ଅଧିକାରୀ କୁମର ମୁଦୁଲି, ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ହୁମ୍ମା ଫାଣ୍ଡି ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।

# ହୀରାକୁଦ ଡ୍ୟାମ୍‌ର ସବୁ ଗେଟ୍ ବନ୍ଦ

ସମ୍ବଲପୁର, ୨୮।୮ (ସମିସ):ହୀରାକୁଦ ନଦୀବନ୍ଧକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବାରୁ ଆଜି ଅପରାହ୍ଣରେ ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୬୫ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୬,୮୮୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୧୮୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ପ୍ରବାହିତ ହେଉନଥିବାବେଳେ ପାୱାର ଚେନାଲ ଦେଇ ୩୧,୯୨୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୩,୬୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୨,୦୭୦ ଘନଫୁଟ୍, ଖଇରମାଲଠାରେ ୧,୨୪,୦୦୦ ଘନଫୁଟ୍, ବାରମୁଲଠାରେ ୧,୨୫,୨୫୦ଘନଫୁଟ୍ ଏବଂ ମୁଣ୍ଡଲୀଠାରେ୨,୧୩,୩୪୪ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୮.୩୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୮.୦୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୪୭ ଫୁଟ୍ ରହିଥିଲା।

# ଅଧାରେ ଅଟକିଛି ପ୍ରାଥମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା

- ■ ନିର୍ଦ୍ଧାରିତ ସମୟରେ ସରିଲା ନାହିଁ ବଦଳି
- ■ ଏସ୍‌ଆଇଆର୍ ପାଇଁ ବଦଳି ପ୍ରକ୍ରିୟାରେ ଲାଗିଲା ରୋକ୍
- ■ ଆଶା ଓ ଆଶଙ୍କାରେ ଆଶାୟୀ ଶିକ୍ଷକ/ଶିକ୍ଷୟତ୍ରୀ

ଭୁବନେଶ୍ୱର,୨୮।୮(ସମିସ): ଚଳିତ ଶିକ୍ଷାବର୍ଷ ଅଧା ପୂରିବାକୁ ବସିଥିବାବେଳେ ପ୍ରାଥମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ସରୁନାହିଁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତାରିଖ ପରେ ତାରିଖ ଦିଆଯାଉଛି, ହେଲେ ବଦଳି ପ୍ରକ୍ରିୟା କରାଯାଉ ନାହିଁ। ଆବେଦନ ସରିବାକୁ ତିନିମାସ ବିତିଥିଲେ ମଧ୍ୟ ଆଶାୟୀଙ୍କ ଆଶା ପୂରଣ ହୋଇପାରୁନି। ଅନେକ ଶିକ୍ଷକ/ଶିକ୍ଷୟିତ୍ରୀ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ଅପରପକ୍ଷରେ ରାଜ୍ୟରେ ଏସ୍‌ଆଇଆର୍ ଲାଗୁ ପାଇଁ ବଦଳି ପ୍ରକ୍ରିୟାରେ ରୋକ୍ ଲାଗିଥିବାରୁ ବଦଳି ଆଶା ଆଶଙ୍କାରେ ପରିଣତ ହୋଇଛି।

ବଦଳି ପ୍ରକ୍ରିୟା ପାଇଁ ପ୍ରଥମେ ମେ ୧୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତହିଁରେ ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ ଅବଧି ଦିଆଯାଇଥିଲା। ଜୁନ୍ ୩ ତାରିଖରେ ବଦଳି ପାଇଁ ରାଜ୍ୟ ସ୍ତରୀୟ କମିଟି (ଏସ୍‌ଏଲ୍‌ସି) ଚୁଡ଼ାନ୍ତ ନିଷ୍ପତ୍ତି ନେବାପରେ ୧୦ ତାରିଖରେ ତାଲିକା ପ୍ରକାଶ ପାଇବ। ଜୁନ୍ ୧୩ ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ଧାର୍ଯ୍ୟ କରାଯାଇଥିଲା। ଏହାପରେ ମେ ୨୮ ତାରିଖରେ ପୂର୍ବ ବିଜ୍ଞପ୍ତିକୁ ପରିବର୍ତ୍ତନ କରି ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ଆବେଦନ ଅବଧିକୁ ବୃଦ୍ଧି କରାଗଲା। ପରିବର୍ତ୍ତିତ ବିଜ୍ଞପ୍ତି ଅନୁଯାୟୀ ସମସ୍ତ ବଦଳି ପ୍ରକ୍ରିୟା ସାରି ଜୁଲାଇ ୨୫ ତାରିଖ ସୁଦ୍ଧା ନୂତନ ବିଦ୍ୟାଳୟରେ ଯୋଗଦେବାକୁ ଧାର୍ଯ୍ୟ କରାଗଲା। ହେଲେ ନିଜର ଟାଇମ୍‌ଲାଇନ୍‌କୁ ନିଜେ ପାଳନ କରିପାରିଲାନି ଗଣଶିକ୍ଷା ବିଭାଗ।

ସବୁଠାରୁ ରୋଚକ କଥା ହେଲା, ପ୍ରଥମ କରି ବିଧାୟକ ଓ ସାଂସଦଙ୍କ ସୁପାରିଶ ଆଧାରରେ ୧୫ ଜଣ ଶିକ୍ଷକଙ୍କୁ ବଦଳି କରବା ପାଇଁ ଗଣଶିକ୍ଷା ବିଭାଗ ନିୟମ କରିଥିଲା। ଏହି ନିଷ୍ପତ୍ତି ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିବ ବୋଲି ବହୁ ବିଧାୟକ ଅଭିଯୋଗ କରିବା ପରେ ବିଭାଗ ହରଡଘଣାରେ ପଡ଼ିଥିଲା। ପୁଣି ଏହି ନିଷ୍ପତ୍ତି ଉପରେ ଉଚ୍ଚ ନ୍ୟାୟାଳୟ ରୋକ୍ ଲଗାଇବା, ବିଭାଗକୁ ଅଠାକାଠିରେ ପକାଇଛି। ଫଳରେ ସମ୍ପୂର୍ଣ୍ଣ ବଦଳି ପ୍ରକ୍ରିୟା ସେହିଠାରେ ହିଁ ଅଟକି ରହିଛି।

ଅପରପକ୍ଷରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପାଇଁ ସ୍ପେସିଆଲ୍ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍) ଲାଗୁ ହେଉଥିବାରୁ ଶିକ୍ଷକଙ୍କ ବଦଳି ଉପରେ ରୋକ୍ ଲଗାଯାଇଛି। କାରଣ ବୁଥ୍ ଲେଭେଲ୍ ଅଫିସର୍ (ବିଏଲ୍‌ଓ) ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କ ବଦଳି ହେଲେ ବା ସେହି ସ୍ଥାନ ଖାଲି ରହିଲେ ଏସ୍‌ଆଇଆର୍ ପ୍ରକ୍ରିୟା ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଣୁ ଏସ୍‌ଆଇଆର୍ ସହିତ ଜଡ଼ିତ କୌଣସି ଅଧିକାରୀଙ୍କୁ ବଦଳି ନ କରିବାକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏନେଇ ମୁଖ୍ୟ ସଚିବ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ନିର୍ଦ୍ଦେଶନାମା ଜାରି ହୋଇଥିବାରୁ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ଏକ ପ୍ରକାର ଠପ୍ ହୋଇଯାଇଛି। କେବେ ବଦଳି ପ୍ରକ୍ରିୟା ସରିବ ସେନେଇ କାହା ପାଖରେ ସ୍ପଷ୍ଟ ଉତ୍ତର ନ ଥିବାବେଳେ ବିଏଲ୍‌ଓଙ୍କୁ ବାଦ୍ ଦେଇ ବଦଳି ପ୍ରକ୍ରିୟା ସାରିବାକୁ ବିଭିନ୍ନ ଶିକ୍ଷକ ସଂଗଠନ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪ ମହଲା କୋଠା...

ହୋଇଥିବା ୯ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କ ଚିକିତ୍ସା ଚାଲିଛି। ଏବେ ଭଗ୍ନାବଶେଷ ତଥା ଆବର୍ଜନା ତଳେ କୌଣସି ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଭସାଇ ବିରାର ମ୍ୟୁନିସପାଲ କର୍ପୋରେସନ (ଭିଭିଏମ୍‌ସି)ର ଦମକଳ ବିଭାଗ ଓ ଏନ୍‌ଡିଆରଏଫ୍‌ର ଦୁଇଟି ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଏହି ଘଟଣା ପାଇଁ ସ୍ଥାନୀୟ ଲୋକେ ବିଲ୍ଡର ଓ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି। ଭିଭିଏମ୍‌ସି ପୁଲିସ ସମ୍ପୃକ୍ତ ବିଲ୍ଡରଙ୍କୁ ଗିରଫ କରି ପଚରା ଉଚରା କରୁଛି। ଗତ ୩୬ ଘଣ୍ଟା ଧରି ଉଦ୍ଧାରକାର୍ଯ୍ୟ ଜାରି ରହିଥିବା ବେଳେ ଆଉ କେତେ ଘଣ୍ଟା ପରେ ଏହା ଶେଷ ହେବ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି।

୨୦୧୨ରେ ଏହି ନିର୍ମିତ ଏହି କୋଠାରେ ୫୦ଟି ଫ୍ଲାଟ ରହିଥିଲା। କିନ୍ତୁ କୋଠାରେ ଯେଉଁ ଅଂଶ ଭୁଶୁଡିଛି ସେଥିରେ ୧୨ଟି ଫ୍ଲାଟ୍ ଥିଲା। କୋଠାର ଆଖାପାଖ ଅଞ୍ଚଳକୁ ଖାଲି କରିଦିଆଯାଇଛି ଓ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଏବେ ଦୁଇଜଣ ନିଖୋଜ ଅଛନ୍ତି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରହିଛି। ପ୍ରଭାବିତ ପରିବାରଗୁଡିକୁ ଏବେ ଚନ୍ଦନସର ସମାଜମନ୍ଦିରରେ ଅସ୍ଥାୟୀରୂପେ ଥଇଥାନ କରାଯାଇଛି। ଏହି ପରିବାରଗୁଡିକୁ ଖାଇବା, ପିଇବା, ଚିକିତ୍ସା ସହାୟତା ସହ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପ୍ରଦାନ କରାଯାଉଛି।

### ୫.୮%କୁ ଖସିବ...

ସେମିକଣ୍ଡକ୍ଟର, ଇଲେକ୍‌ଟ୍ରୋନିକ୍ସ, ଔଷଧ, କାଠ, ଶକ୍ତି କ୍ଷେତ୍ରରେ ବର୍ତ୍ତମାନ ପାଇଁ କୌଣସି ଶୁଳ୍କ ଲାଗୁ କରିନାହିଁ। ମାତ୍ର ଅନ୍ୟ କ୍ଷେତ୍ର ଏହାଦ୍ୱାରା ପ୍ରଭାବିତ ହେବ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର ଏହାଦ୍ୱାରା କ୍ଷତିଗ୍ରସ୍ତ ହେବ।

ଅନ୍ୟପକ୍ଷରେ ଭାରତ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିବା କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବୈଦେଶିକ ବିଭାଗର ଏହି ଅଧିକାରୀଙ୍କ ସୂଚନା ଅନୁସାରେ ଟାରିଫ୍ ଆହ୍ୱାନ ସମ୍ପର୍କରେ ଉଭୟ ଦେଶ ସମାଧାନ ଖୋଜିବା ଆରମ୍ଭ କରିଛନ୍ତି। ଉଭୟ ପକ୍ଷରୁ ଯୋଗାଯୋଗ ପଥ ଖୋଲା ରହିଛି। ଏହାର ଏକ ନିଷ୍କର୍ଷ ବାହାର କରିବାକୁ ଉଦ୍ୟମ ଚାଲିଛି। ଏହା ଏକ ଦୀର୍ଘକାଳୀନ ସମ୍ପର୍କରେ ଏକ ଅସ୍ଥାୟୀ ପର୍ଯ୍ୟାୟ। ଆଲୋଚନାର ବିକଳ୍ପ ଖୋଲା ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ ସଭାପତି ଏସ.ସି. ରାଲହାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ପରିସ୍ଥିତି ଓ ଆହ୍ୱାନ ସମ୍ପର୍କରେ ଅବଗତ କରିଛନ୍ତି। ଅର୍ଥମନ୍ତ୍ରୀ ସେମାନଙ୍କ ସହ ସରକାର ଦୃଢ଼ ଭାବରେ ଠିଆ ହେବେ ବୋଲି ଆଶ୍ୱାସନା ଦେଇଛନ୍ତି। ଏହା ସହ ଏହି ଶୁଳ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହେଉଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### ଜେଡିୟୁ ପୁଣି...

ହୋଇନାହିଁ। ଖୁବଶୀଘ୍ର ଏନ୍‌ଡିଏ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସ୍ପଷ୍ଟ କରିବ ବୋଲି ଆଶା କରାଯାଉଛି।

୨୦୨୦ ବିଧାନସଭା ନିର୍ବାଚନରେ ଜେଡ଼ିୟୁ ୧୧୫ଟି ଆସନରେ ନିର୍ବାଚନ ଲଢ଼ି ୪୩ଟି ସ୍ଥାନରେ ବିଜୟୀ ହୋଇଥିଲା। ମାତ୍ର ମେଣ୍ଟର ଅନ୍ୟତମ ଅଂଶୀଦାର ବିଜେପି ୧୧୦ଟି ଆସନରେ ନିର୍ବାଚନ ଲଢ଼ିଥିଲଶ ଓ ୭୪ଟି ଆସନରେ ବିଜୟୀ ହୋଇଥିଲା। ହାମ୍ ୭ଟିରେ ଲଢ଼ି ୪ଟି ଓ ଭିଆଇପି ୧୧ଟି ସ୍ଥାନରେ ଲଢ଼ି ୪ଟି ଆସନ ପାଇଥିଲା। ସେତେବେଳେ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି ମେଣ୍ଟରେ ଅଂଶୀଦାର ନ ଥିଲା ଓ ୧୩୫ଟି ଆସନରେ ଏକାକୀ ନିର୍ବାଚନ ଲଢ଼ି ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିଲା।

### ମାଁ ସମଲେଇଙ୍କୁ...

ଗମ୍ଭୀରା ତଥା ପାଶ୍ୱର୍ ଦେବାଦେବୀଙ୍କଠାରେ ବନା (ଝୋଟି) ଦେଇଥିଲେ। ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କ ସହ ପୂଜକ ଗଙ୍ଗାଧର ରାୟ, କୋଦଣ୍ଡରାମ ରାୟ, ସୁଧାଂଶୁ ରାୟ ଓ ପ୍ରଶାନ୍ତ ରାୟଙ୍କ ପରିବାର ସହିତ ବେହେରା ପରିବାରରୁ ନବାନ୍ନ ଭୋଗ ଆସିଥିଲା। ପୂଜକମାନେ ପ୍ରାୟ ୧୦ଟା ୨୫ ମିନିଟ ପର୍ଯ୍ୟନ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାପରେ ଶୁଭ ଶଙ୍ଖ ନାଦ କରାଯାଇଥିଲା। ଏହା ଗୁପ୍ତ ପୂଜା ହୋଇଥିବାରୁ କାହାରିକୁ ଭିତରକୁ ଛଡ଼ା ଯାଇନଥାଏ। ବ୍ରହ୍ମପଣ୍ଡିତ ମହାସଭା ଦ୍ୱାରା ନିର୍ଦ୍ଧାରିତ ଲଗ୍ନ ୧୦ଟା ୩୩ରୁ ୧୦ଟା ୫୫ ମିନିଟ ମଧ୍ୟରେ ନୂଆ ଚାଉଳ, କ୍ଷୀରି, ପିଠା, ସାରୁ ଶାଗ ଆଦି ଭୋଗ ଲାଗି ହୋଇଥିଲା। ଭୋଗ ଲାଗି ସମୟରେ ଢୋଲ, ଶଙ୍ଖ, ଘଣ୍ଟ ବାଦ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମା'ଙ୍କ ଠାରେ ନୂଆଁ ଭୋଗ ଲାଗି ହେଲାପରେ ଗମ୍ଭୀରା ଭିତରୁ ପୂଜକମାନେ ବାହାରି ମନ୍ଦିର ପରିସରସ୍ଥ ୧୧୫ ପାଶ୍ୱର୍ ଦେବାଦେବୀଙ୍କୁ ନବାନ୍ନ ଲାଗି କରିଥିଲେ। ଶ୍ରୀ ଗଣେଶଙ୍କଠାରୁ ଆରମ୍ଭ କରି ଶେଷରେ ମାଉଳୀ ଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଇଥିଲା। ଏହାପରେ ବଡ଼ବଜାର କେଉଟପଡ଼ାର ଘୁଡ଼ାଘାଟ ମନ୍ଦିର, ଧୋବାପଡ଼ାର ଘିକୁଣ୍ଡି ମନ୍ଦିର ଓ ସୁନାରିପଡ଼ାର ହନୁମାନ ମନ୍ଦିରକୁ କେଇଜଣ ପୂଜକ ଯାଇ ନବାନ୍ନ ଲାଗି କରିଥିଲେ। ଏହାପରେ ମଙ୍ଗଳ ଆଳତୀ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ସମୟରେ ମା' ସମଲେଶ୍ୱରୀଙ୍କ ଅନ୍ନଭୋଗ ଲାଗି ହୋଇଥିଲା। ଏହାପରେ ପ୍ରାୟ ସାଢ଼େ ୧୨ଟାରୁ ଅପେକ୍ଷାରତ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ।

ମା'ଙ୍କ ନୂଆ ଚାଉଳ ଭୋଗ ନେଇ ଲୋକେ ଘରେ ଘରେ ନୂଆଁ ଖାଇଥିଲେ। ନୂଆଁ ଖାଇବା ପରେ ନିଜଠୁ ବଡ଼ ମାନଙ୍କୁ ମୁଣ୍ଡିଆ ମାରି ଜୁହାର ଭେଟ୍ ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ। ବହୁ ସ୍ଥାନରେ ସାମୂହିକ ନୂଆଁଖାଇ ପାଳିତ ହୋଇଯାଇଛି। ଦିନତମାମ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରୁ ଆସି ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟା ଆଳତୀ ପାଇଁ ୭ଟା ୪୫ରୁ ୮ଟା ୧୫ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହାପରେ ପୁଣି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ସମଲେଶ୍ୱରୀ ଯୁବକ ସଂଘ, ତ୍ରିତ୍ରୋପ୍ଲା ଯୁବକ ସଂଘ ଓ ଲକ୍ଷ୍ମୀନାରାୟଣ ସାହିତ୍ୟ ସଂସଦ, ଓଡ଼ିଶା ସାଂସ୍କୃତିକ ସମାଜ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ "ନୂଆଁଖାଇ ଭେଟ୍‌ଘାଟ୍" କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

### ଚା' ଦୋକାନକୁ...

ଏକ କାରକୁ ଧକ୍କା ଦେଇ ବସ୍‌ଟି ଚା' ଦୋକାନକୁ ମାଡ଼ିଯାଇଥିଲା। ସେଠାରେ ଚା' ପିଉଥିବା ବଣ୍ଡାସାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଚା' ଦୋକାନ ମାଲିକାଣୀ ବଣ୍ଡାଗୁଡ଼ି ଗୁରୁତର ଆହତ ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଦୁଇଟି ବସ୍‌କୁ ଭଙ୍ଗାରୁଜା କରିବା ସହ ଦୋକାନ ବଜାର ବନ୍ଦ କରି ରାସ୍ତାରୋକ କରିଥିଲେ। ମୃତକ ଓ ଆହତଙ୍କୁ କ୍ଷତିପୂରଣ ନିମିଳିବା ପର୍ଯ୍ୟନ୍ତ ମୃତଦେହ ଛାଡ଼ିବେ ନାହିଁ ବୋଲି ଅଡ଼ି ବସିଥିଲେ। ଖବର ପାଇ ଦାରିଙ୍ଗବାଡ଼ି ତହସିଲଦାର ଫାଲ୍‌ଗୁନ କୁମାର, ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଓ ବ୍ଲକ ଅଧ୍ୟକ୍ଷ ଦିନ ପ୍ରାୟ ୧୨ଟାରେ ପହଞ୍ଚି କ୍ଷତିପୂରଣ ବାବଦ ୪ ଲକ୍ଷ ଟଙ୍କା, ବାସପୋଯୋଗୀ ଜମି ସହିତ ଗୃହ ଇତ୍ୟାଦି ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରିବା ପରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ପଡ଼ିଥିଲେ। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ଓ ସନ୍ଧ୍ୟାରେ ଦୋକାନ ବଜାର ଖୋଲିଥିଲା।

### ସେପ୍ଟେମ୍ବରରେ ଦିଲ୍ଲୀରେ...

ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ସହମତିକୁ ବୈଠକରେ ସ୍ୱାଗତ କରାଯାଇଛି। ମାତ୍ର ଆପୋସ ଆଲୋଚନାକୁ ଯିବା ପୂର୍ବରୁ ଅଣ ମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ରହିଛି ତାକୁ ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଦୁଇ ସରକାରଙ୍କ ଭିତରେ ଆପୋସ ସମାଧାନକୁ ସୀମିତ ନ ରଖି ନଦୀ ସହିତ ସଂଶ୍ଲିଷ୍ଟ ଅଂଶୀଦାରମାନଙ୍କୁ ଏଥିରେ ସାମିଲ କରିବା ପାଇଁ ଦୁଇ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ମହାନଦୀ ଏବେ ସଙ୍କଟରେ ଏବଂ ଏହି ସଙ୍କଟରୁ ମୁକ୍ତି ପାଇଁ ଲୋକଙ୍କୁ ନଦୀ ସହିତ ଯୋଡିବା ଆବଶ୍ୟକ ବୋଲି ବିଚାର କରି ଆସନ୍ତା ନୂଆ ବର୍ଷରେ ମହାନଦୀ ମହୋତ୍ସବ ଆୟୋଜନ କରିବାର ନିଷ୍ପତ୍ତି ହୋଇଛି। ଏଥିରେ ଦୁଇ ରାଜ୍ୟର ସଂସ୍କୃତି, ସାହିତ୍ୟ, ଅର୍ଥନୀତି ଓ ସାମାଜିକ ଜୀବନ ସମ୍ପର୍କରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏଥିପାଇଁ ସେପ୍ଟେମ୍ବର ମାସରେ ମହାନଦୀ ଚେତନା ଯାତ୍ରା ମଧ୍ୟ ଆୟୋଜିତ ହେବ। ମହାନଦୀ ଜଳ ବିବାଦର ଆପୋସ ସମାଧାନ ସମ୍ପର୍କରେ ଦିଲ୍ଲୀଠାରେ ମହାନଦୀ ସଂସଦ ଅନୁଷ୍ଠିତ ହେବ। ସେପ୍ଟେମ୍ବର ଶେଷ ସପ୍ତାହରେ ଏଥିରେ ଓଡ଼ିଶା, ଛତିଶଗଡ଼ ସମେତ ଦେଶର ନଦୀ ବିଶେଷଜ୍ଞମାନେ ଯୋଗ ଦେବେ। କେନ୍ଦ୍ର ତଥା ଦୁଇ ରାଜ୍ୟ ସରକାରଙ୍କ ପ୍ରତିନିଧିମାନଙ୍କୁ ମଧ୍ୟ ଏହି ସଂସଦକୁ ଆମନ୍ତ୍ରଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଆଜିର ବୈଠକକୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ନଦୀ ଘାଟି ମୋର୍ଚ୍ଚାର ଆବାହକ ଗୌତମ ବନ୍ଦୋପାଧ୍ୟାୟ, ରାଷ୍ଟ୍ରୀୟ ଜଳ ବିରାଦରିର ନିର୍ଦ୍ଦେଶକ ଡଃ ସଞ୍ଜୟ ସିଂହ ଆୟୋଜନ କରିଥିଲେ। ଓଡ଼ିଶାରୁ ଏଥିରେ ବିଜୟ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ, ଅର୍ଜୁନ ସାମନ୍ତରାୟ, ଅଶୋକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ଛତିଶଗଡ଼ର ବିଭିନ୍ନ ନଦୀ ଅବବାହିକାରୁ ଅନେକ ସାମାଜିକ କର୍ମୀ, ଲୋକ ପ୍ରତିନିଧି, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଶୋୟୀ ଗଣମାଧ୍ୟମକୁ କହିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Sukinda. no 1497 dated 19/05/2025 declare that My name and D.O.B is wrongly printed in Aadhar card as Mili lenka (30.03.2001) in place of Lili lenka (28.04.1995). Hence forth I shall be known as Lili lenka and My correct D.O.B is 28.04.1995 for all purposes.
Sd/-Lili lenka

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No- 37, dated 27-02-2025 I, **RUBI PARIDA**, W/o Chiranjeeb Parida permanent resident of Plot No: 248/A, Lane-3, Aerodrome Area, PO- Aerodrome Area, PS- Airport, Bhubaneswar, DIST- Khurda, State- Odisha, PIN- 751020, declare that I have changed my name from **RUBI MANDAL** (Old name) to **RUBI PARIDA** (New name), Henceforth, I shall be known as **RUBI PARIDA** for all purposes.
Sd-( **RUBI PARIDA** )

**AFFIDAVIT**

I, Vijoy Kedia, S/o-Janki Prasad Kedia, resident of At - Kali Tower, H B Road, Lalpur, PS -Lalpur Thana, Ranchi, Pin -834001,Dist-Ranchi, Jharkhand, declare by this affidavit No -480,dated- 30.06.2025,that now onwards I shall be known as **VIJAY KUMAR KEDIA** for all future purposes.

**AFFIDAVIT**

I, Amrita Mohanty, W/o- Amit Kumar Mohanty, resident of vill - Tunga, PO / PS - Aul, Dist - Kendrapara, Pin - 754219, Odisha,declare by this affidavit No -1363, dated- 14.08.2025, that now onwards I shall be known as **BARNAPRIYA BEHERA** for all future purposes.

**AFFIDAVIT**

An affidavit before the Executive Magistrate, Chillika, Dist- Khordha, Odisha that Swarnamayee Behera, W/o- Jitendra Behera and Suhagini Behera, D/o- Gunduchi Behera. That both the names are related to one and same person for all purposes.

**AFFIDAVIT**

By Virtue of an affidavit sworn before Mr. D. Gopal Reddy (ORS) Executive Magistrate, Khordha on Dt.- 26.08.2025, I Purna Chandra Sahoo, S/o- Late Kangali Sahoo, At/Po.- Dingar, Ps.- Begunia, Dist.- Khordha, as per my Aadhar No.-3795 4674 6525 with above noted address but in my LIC policy No.- 585558703 my name recorded as Bhajamana Sahoo. So, I declared Purna Chandra Sahoo and Bhajamana Sahoo is one and same person by virtue of an affidavit. Henceforth I shall be known as **Purna Chandra Sahoo** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Sukinda. no 1498 dated 19/05/2025 declare that My name and D.O.B is wrongly printed in Aadhar card as Lili lenka (12.09.1996) in place of Mili lenka (11.05.2001) .Hence forth I shall be known as Mili Lenka and My correct D.O.B is 11.05.2001 for all purposes.
Sd/-Mili Lenka

**AFFIDAVIT**

**By virtue of an affidavit before Executive Magistrate Balasore I Shaikh Azad Alli S/o Sk Maphijuddin, At- khaparapada P/s Sahadevkhunta Dist- Balasore pin-756001 Odisha declared by this affidavit No-8395 dt22/07/2025 now onwards I shall be known as Shaikh Azad Alli instead of Shaikh Ajad Alli.**

**AFFIDAVIT**

By virtue of an affidavit before Executive Magistrate, Khordha | Satyabhama Baliarsingh (63) yrs. W/o- Rankanath Baliarsingh At-Indipur, Po.-Siko, Ps.-Jankia, Dist.- Khordha, wrongly my name as **Satya Bhawa** in my husband's pension book, PPO No. 212199700071 vide Pension Book No. 1021958. Henceforth I shall be known as **Satyabhama Baliarsingh** for all purposes.

**WALK-IN-INTERVIEW**

Educated, well-mannered, & Smart Male/Female required for the role of Receptionist / Tele-Caller at an Automobile Detailing Workshop. Prior Experience / Knowledge of Detailing Work shall be given preference. Salary negotiable.
Interview timings: **Dt. 31.08.2025 (Sunday) between 10:00 AM to 01:00 PM.**
Candidates are advised to contact the day prior and carry their Resume before coming for Interview.
**Contact: Odisha Detailing Empire, Near Twin City Gate No.1, Trisulia-Baranga Road, Baranga, Cuttack.**
**Mobile No: +91 83288 51843**

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No. TPWODL/IA/O/SITC/2500001051**
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
**SITC for construction of 33KV double circuit Joda-Tensa Transmission lines and Underground cable system.**
Interested bidders are to submit Tender Participation Fee and Authorization Letter through email on or before **08th September 2025, 15:00Hrs.**, after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- **Head- Contracts & Procurement**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAO-C-RSP-BBS-20-2025, ତା.08.08.2025ରିଖ

**କାର୍ଯ୍ୟର ନାମ :** "ମୁଖ୍ୟ ପ୍ରଶାସନିକ ଅଧିକାରୀ, ନିର୍ମାଣ, ସଡ଼କ ସୁରକ୍ଷା ପ୍ରକଳ୍ପ (RSP), ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ପରିସୀମାରେ ROBs (ରୋଡ୍ ଓଭର ବ୍ରିଜ୍) / FOBs (ଫୁଟ୍ ଓଭର ବ୍ରିଜ୍)/ LHS (ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ)ର ବିଭିନ୍ନ ନିର୍ମାଣ ସ୍ଥଳ ଏବଂ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟର ନିର୍ମାଣ" ନିମନ୍ତେ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ (PSS) ପ୍ରଦାନ ପାଇଁ ପ୍ରସ୍ତାବ ନିମନ୍ତେ ଅନୁରୋଧ (RFP)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 52.89 କୋଟି, **EMD :** ₹ 27,94,700/-, କାର୍ଯ୍ୟ ଶେଷ ହେବା ଅବଧି: 48 (ଅଠଚାଳିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇ-ଟେଣ୍ଡର ନଥିପତ୍ରରେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) / RSP / ଭୁବନେଶ୍ୱର
PR-87/CI/25-26

## ବୈତରଣୀ ବନ୍ୟାରେ ଚାନ୍ଦବାଲି ବ୍ଲକ୍‌ର ୨୦ଟି ଗାଁ ପ୍ରଭାବିତ

# ୬ ଦିନ ହେଲା କ୍ଷେତରେ ଲହଡ଼ି ଭାଙ୍ଗୁଛି

## ପାନୀୟ ଜଳ ଅଭାବ: ଦୂଷିତ ନଳକୂପ ପାଣି ପିଉଛନ୍ତି ବିପନ୍ନ








**ଭଦ୍ରକ/ଆରଡି, ୨୮।୮(ସମିସ):** ବୈତରଣୀ ନଦୀରେ ବନ୍ୟା ଆସିବା ଫଳରେ ଦୀର୍ଘ ୬ ଦିନ କରାଳ ରୂପ ଦେଖାଦେଇଥିଲା। ହେଲେ ବୁଧବାରଠାରୁ ପାଣି ହ୍ରାସ ପାଇବାରେ ଲାଗିଛି। ବିଶେଷ କରି ଏହି ବନ୍ୟାରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ୪ଟି ପଞ୍ଚାୟତର ୨୦ ଗାଁ ପ୍ରଭାବିତ ହୋଇଛି। କ୍ଷେତ ଓ ପଥରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଏବେବି ଅନେକ ଗାଁ ଲୋକମାନେ ପାଣିରେ ପଶି ଯାତାୟତ କରୁଛନ୍ତି। ୬ଦିନ ହେଲା ଶହଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି। ତାହା ଶହ ବେଶି ପ୍ରଭାବିତ ହୋଇଛନ୍ତି ଗୃହପାଳିତ ପଶୁ। ଦୀର୍ଘ ୬/୭ଦିନ ଧରି ଗାଁ ଦାଣ୍ଡ ଓ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ସେହିପରି ବନ୍ୟାର ୫ଦିନ ପରେ ଜିଲା ପ୍ରଶାସନ ଅଧିକାରୀ ବନ୍ୟାଞ୍ଚଳକୁ ଯାଇ ବିପନ୍ନଙ୍କୁ ଭେଟିବା ସହ ଜଳବନ୍ଦୀ ହୋଇ ରହିଥିବା ବିପନ୍ନଙ୍କ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଇଥିଲେ ମଧ୍ୟ ଗୋଟିଏ ଓଳି ରନ୍ଧାଖାଦ୍ୟ ଦେଇ ପ୍ରଶାସନ ତା'ର କାମ ସାରିଛି। ଏପରିକି ବନ୍ୟା ର ୫ଦିନ ପରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥିବାରୁ ବହୁ ବିପନ୍ନ ଖାଦ୍ୟ ଗ୍ରହଣ ନକରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପାଣି ଛାଡିବା ଯାଏଁ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ପ୍ରେସ ବିବୃତ୍ତି ଦେଇଥିଲେ। ହେଲେ ଏପଟେ ବିପନ୍ନ ଭୋକ ଉପାସରେ ସ୍କୁଲ ଘରେ ଦୀର୍ଘ ୫ଦିନ ରହିବା ପରେ ବନ୍ୟାପାଣି କମିବାରୁ ନିଜ ଘରକୁ ଫେରି ସଜାଡୁଛନ୍ତି। ବନ୍ୟାପାଣି ଗାଁ ଦାଣ୍ଡ ଓ ଘରେ ପଶିବାରୁ ବେଶି ପ୍ରଭାବିତ ହୋଇଛି କଚ୍ଚାଘର। କେଉଁଠି ପାଣି ପଶି କାନ୍ଥ ଭୁଶୁଡ଼ି ପଡ଼ିଛି ତ ଆଉ କେଉଁଠି ଘରର ଆସବାବପତ୍ର ଓ ଦରକାରୀ କାଗଜପତ୍ର ବତୁରିଯାଇ ନଷ୍ଟ ହୋଇଯାଇଛି। ଏପରିକି ବନ୍ୟାଞ୍ଚଳରେ ଅଧିକାଂଶ ନଳକୂପ ବୁଡିଯାଇଥିବାରୁ ବିପନ୍ନମାନେ ଶୋଷ ମେଣ୍ଟାଇବା ପାଇଁ ନଳକୂପର ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି।

## ବର୍ଷାରେ ଧୋଇଗଲା ଗ୍ରାମ୍ୟ ରାସ୍ତା



**ବାରିକପୁର, ୨୮।୮(ସମିସ):** ବୈତରଣୀ ନଦୀରେ ଆସିଥିବା ତୃତୀୟ ବନ୍ୟା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର କିଛି ଗ୍ରାମ୍ୟ ରାସ୍ତା ଆଂଶିକ ଧୋଇଯାଇଛି। ମଣିନାଥପୁର ନିକଟସ୍ଥ ବଲ୍ଲଭୀଘାଟ ସେତୁଠାରୁ ଧାମନଗର ବ୍ଲକ ଦେହୁଡି ଆନନ୍ଦପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ୩ ଫୁଟର ପାଣି ପ୍ରବାହିତ ହୋଇଥିଲା। ବିଶେଷ କରି ରାସ୍ତାର ଦାଣ୍ଡ କୂଳ ଶେଷ ଭାଗରେ ଥିବା କିଛି ଅଂଶ ଧୋଇହୋଇଯାଇଛି। ବିରୋଳୀ ଜଳହରି ଗ୍ରାମ୍ୟ ଉନ୍ନୟନ ରାସ୍ତାର କିଛି ଭାଗରେ ଥିବା ମାଟି ମଧ୍ୟ ଖସି ଯାଇଛି। ରାସ୍ତାରେ ପ୍ରାୟ ୨୪ ଘଣ୍ଟାଧରି ପାଣି ପ୍ରବାହିତ ହେବା ଯୋଗୁଁ ମାଟି ଧୋଇହୋଇଛି। ଅନୁରୂପ ଭାବେ ତିଖିଲିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା ମଧ୍ୟ ପ୍ରଭାବିତ ହୋଇଛି।

## ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଧରିଲା ପୁଲିସ

**ତିହିଡି, ୨୮।୮(ସମିସ):** ତିହିଡିରେ ବାଇକ ଚୋରି ହେବାର ଅଭିଯୋଗ ହୋଇ ଆସୁଥିଲା ୫ ମାସ ଭିତରେ ଦଶରୁ ଅଧିକ ବାଇକ ଚୋରି ହୋଇଥିବା ସୂଚନା ମିଳିଥିଲା; ହେଲେ ପୁଲିସ ଆଜି ଧରିବାରେ ସକ୍ଷମ ହୋଇଛି। ପୁଲିସ ୫ଟି ବାଇକ, ଲେଡ଼ି ସାଇକେଲ ଜବତ କରିବା ସହିତ ଗ୍ୟାଙ୍ଗର ୩ ଅଭିଯୁକ୍ତ ଗିରଫ କରାଯାଇଛି। ପୁଲିସ ଭାଟପଡ଼ା ପଞ୍ଚାୟତ କେଳାସାହି ଗ୍ରାମର ସିପୁନଦାସ ମକୁରୁ ନାଁରେ ଛ'ରୁ ଅଧିକ ମାମଲା ରହିଛି। ସେହିପରି ତାଳପଦା ପଞ୍ଚାୟତ ବଇକୁଣ୍ଠ ସାହିର ରାଜା ନାୟକ ଏବଂ ଅନ୍ୟଜଣେ ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲାର ସିଙ୍ଗଳା, ଶଙ୍କର ମଣ୍ଡଳକୁ କୋର୍ଟ ଚାଲାଣ କରିଛି ପୁଲିସ।



## ୫୧ ଲକ୍ଷ ଟଙ୍କାର ଧାନ ନେଇ କମ୍ପାନୀ ଛୁ', ଧାରଣାରେ ଚାଷୀ

**ଭଦ୍ରକ, ୨୮।୮(ସମିସ):** ଚାଷୀଙ୍କଠାରୁ ୫୧ ଲକ୍ଷ ଟଙ୍କାର ଧନ ନେଇ କମ୍ପାନୀ ଫେରାର ହୋଇଯାଇଛି। ନିଜର ଅର୍ଜିତ ଟଙ୍କା ପାଇବାକୁ ପୁଲିସଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଆମରଣ ଅନଶନରେ ବସିଛନ୍ତି ଚାଷୀ। ଏଭଳି ଏକ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ପିରାହାଟ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଓ ବାରସର ପଞ୍ଚାୟତରେ। ଏହି ଦୁଇ ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଚାଷୀ ଦୀର୍ଘ ୫ବର୍ଷ ହେବ ଭିଭିଆର ସିଡ୍‌ସ ପ୍ରାଇଭେଟ ଲିମିଟେଡ଼ ହାଇଦ୍ରାବାଦ ଓ ଟାଟା ରେଳସ କୋ ଏହି ଦୁଇଟି କମ୍ପାନୀ ମାଧ୍ୟମରେ ରବି ଋତୁରେ ବହୁମୂଲ୍ୟ ମେଲ ଫିମେଲ ଧାନ ଚାଷ କରିଆସୁଥିଲେ। ଯାଜପୁର ମଙ୍ଗଳପୁରର ଅର୍ଦ୍ଧେନ୍ଦୁ ଶେଖର ରାଉତଙ୍କ ଜରିଆରେ ଏହି ଚାଷ କରାଯାଉଥିଲା। ତେବେ ଗତ ରବି ଋତୁରେ ଚାଷୀମାନେ ୨୬୪ ଏକରରୁ ଅଧିକ ଜମିରେ ଚାଷ କରିଥିଲେ। ତେବେ ଚାଷ ଶେଷ ହେବା ପରେ କମ୍ପାନୀ ଧାନ ନେଇଛି ହେଲେ ଚାଷୀଙ୍କ ପ୍ରାପ୍ୟ ୫୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେବାର ନାମ ଧରୁନାହିଁ। ଫଳରେ ଗତ ୪ମାସ ହେଲା ନିଜ ଧାନ ବିକା ଅର୍ଥ ପାଇବାକୁ ଚାଷୀମାନେ ପୀରାହାଟ ଥାନାରେ ଅଭିଯୋଗ କରିବା ସହିତ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ ଦେବା ପରେ କୌଣସି ସୁଫଳ ନମିଳିବାରୁ ଆଜିଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି ବୋଲି ଚାଷୀ ହୃଷିକେଶ ପଣଶ୍ରୀ ଓ ଆନନ୍ଦ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି।




## ଧାମନଗରରେ ସାର କଳାବଜାରୀ; ଚଢ଼ାଦରରେ ବିକ୍ରି

**ଧାମନଗର, ୨୮।୮(ସମିସ):** ଧାମନଗର ବ୍ଲକ ଓ ସହରାଞ୍ଚଳ ଏବଂ ଏହାର ଆଖପାଖରେ ସରକାରୀ ସାରର କଳାବଜାରୀ ବହୁଳ ମାତ୍ରାରେ ବଢ଼ିଚାଲିଛି। ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଦିନକୁ ଦିନ ଗଡ଼ି ଚାଲୁଛି ଫଳରେ ଚାଷୀ ଭାଇଟିଏ ତାର ଧାନ କ୍ଷେତରେ ସାର ପକାଇବା ପାଇଁ ଚଢା ଦରରେ କିଣିବା ପାଇଁ ବାଧ ହେଉଛି।ଯେଉଁ ସାରଟିକୁ କିଣୁଛି ସେଇଟା ମଧ ଅସଲି କି ନକଲି ତାହା ମଧ ସନ୍ଦେହ ଘେରରେ। ଏହି ଖରିଫ ଚାଷ ହିଁ କୃଷକ ଭାଇର ଜୀବନ ଜୀବିକା ଉପରେ ପ୍ରଭାବ ପକାଇଥାଏ ଯଦି ଚାଷ ଖରାପ ହୋଇଯାଏ ତାହାହେଲେ ପରିବାରର ମେରୁଦଣ୍ଡ ଦୋହଲି ଯାଏ। ସରକାର ଚାଷ ପାଇଁ ବହୁ ସୁବିଧା ସୁଯୋଗ ସୃଷ୍ଟି କରୁଛନ୍ତି। କଥାରେ ଅଛି 'ଚାଷ କାମ ଯାହାର କେତେ ସବୁସୁଖ ତାହାର ସେହି ଚାଷୀଟିଏ ଦୁନିଆକୁ ଯୋଗାଉଛି ଆହାର' ତେଣୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ନହେବେ ଏଥିପ୍ରତି କୃଷି ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏବଂ ଅଧିକାରୀ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି।




### ଜାଲ ପ୍ରମାଣପତ୍ର ଦେଇ ଚାକିରି କରିବା ପ୍ରସଙ୍ଗ

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ସୂଚନା ଅଧିକାର କର୍ମୀ

**ଭଦ୍ରକ, ୨୮।୮(ସମିସ):** ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ ଅଫିସରେ ସୂଚନା ଅଧିକାର ଆଇନ ବଳରେ ଶିକ୍ଷାଗତ ପ୍ରମାଣପତ୍ର, ବାସସ୍ଥାନ, ଜାତିଗତ ପ୍ରମାଣପତ୍ର, ନିଯୁକ୍ତି ପ୍ରମାଣପତ୍ର ଆଦିରେ ଜାଲିଆତି କରି ଚାକିରି କରୁଥିବା କର୍ମଚାରୀଙ୍କ ବିରୋଧରେ ସୂଚନା ହସ୍ତଗତ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଲାନି। ଫଳରେ ସୂଚନା ଅଧିକାର କର୍ମୀ ବିକାଶ ଧଳ, ବିପ୍ଳବ ହୋତା, ପ୍ରକାଶ ଜେନା, ରତିକାନ୍ତ ସାହୁ ଏବଂ ବିନୋଦ ଧଳ ସାମନ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଭଦ୍ରକ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନ ସୁକନାଳିଆ ପ୍ରାଇମେରୀ ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ସୁମିତ୍ରା ସିଂହଙ୍କ ପ୍ରକୃତ ବାସସ୍ଥାନ ମୟୂରଭଞ୍ଜ ଜିଲ୍ଲା ବଡ଼ସୋଲେ ଗ୍ରାମରେ। ସେ ଚାକିରି ସମୟରେ ଭଦ୍ରକ ଜିଲ୍ଲା ବାସିନ୍ଦା ବୋଲି ଉଲ୍ଲେଖ କରି ଜାଲପ୍ରମାଣପତ୍ର ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ତଦନ୍ତରୁ ଜାଣିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିବେଦନ କରିଥିଲେ; କିନ୍ତୁ ଜିଲ୍ଲା ଶିକ୍ଷାଧିକାରୀ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସେହିପରି ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନ ବିବିଦାସ ନୋଡ଼ାଲ ୟୁପି ସ୍କୁଲର ଶିକ୍ଷୟିତ୍ରୀ ଆରତୀ ସେଠୀ ଏକା ସମୟରେ ୨ଟି ସିଏଲସି ହାତେଇ ଏକା ବର୍ଷରେ ସିଟି ଓ +୨କଳାର ଶିକ୍ଷାଗତ ପ୍ରମାଣପତ୍ର ହାତେଇଥିବା ଓ ପରେ ଅଧିକାରୀଙ୍କ ତଦନ୍ତରୁ ଉକ୍ତ ଜାଲିଆତିର ସତ୍ୟତା ପ୍ରମାଣିତ ହେବା ପରେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଚାନ୍ଦବାଲି ବ୍ଲକର କରଣପୋଖରୀ ପ୍ରାଇମେରୀ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ବିଦ୍ୟାଧର ନାୟକ ଥରେ ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ପରେ ଜନ୍ମତାରିଖରେ ଜାଲିଆତିକରି ପୁଣି ମାଟ୍ରିକ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ। ବସନ୍ତିଆ ମଇ ବିଦ୍ୟାଳୟର ଶିକ୍ଷକ ଜାଲ ମେଡ଼ିକାଲ ଫିଟନେସ ପ୍ରମାଣପତ୍ର ମାଧ୍ୟମରେ ବେତନ ହାତେଇଛନ୍ତି। ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନ ବଡ଼ସିଂହପୁର ପ୍ରକଳ୍ପ ପ୍ରାଇମେରୀ ଶିକ୍ଷକ ଦୀନବନ୍ଧୁ ସେଠୀ ଜାଲ ବିଇଡ଼ି ପ୍ରମାଣପତ୍ର, ଭଣ୍ଡାରିପୋଖରୀ ତହସିଲରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ସୁବ୍ରତ ମଲ୍ଲିକ ଏବଂ ଚାନ୍ଦବାଲି ତହସିଲରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ସୌଭାଗ୍ୟ ସିଂହ ଜାଲ ଶିକ୍ଷାଗତ ଯୋଗ୍ୟତା, ମା' ସରସଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଠାରରେ କାର୍ଯ୍ୟରତ କର୍ମଚାରୀ ବଂଶୀଧର ବେହେରା, ବୀଣାପାଣି ମହାପାତ୍ର, ଶଙ୍କର୍ଷଣ ଖଟୁଆ ଏବଂ ଚକ୍ରଧର ବେହେରା ପ୍ରମୁଖ ବୟସ ଜାଲିଆତି, ତିହିଡ଼ି ବ୍ଲକ ଅନ୍ତର୍ଗତ ଦହପାଣିଆ (ଏସଏସଡ଼ି) ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଶଶିକାନ୍ତ ପଣ୍ଡା ଜାଲ ଶିକ୍ଷାଗତ ଯୋଗ୍ୟତା ଦେଇଛନ୍ତି। ସେହିପରି ଆଗରପଡ଼ା ମହାବିଦ୍ୟାଳୟରେ ବର୍ତ୍ତମାନ ମୁଖ୍ୟ ସହାୟକ ଭାବେ କାର୍ଯ୍ୟରତ ଅଶୋକ କୁମାର ସାହୁ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ତଥ୍ୟ ଅନୁସାରେ ନିଜ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଇଲେକ୍ଟ୍ରିସିଆନ ପଦବୀରେ ନିଯୁକ୍ତି ପାଇଥିବା ବେଳେ ପରବର୍ତ୍ତୀ ସମୟରେ କିପରି ଓ କେମିତି ଏବଂ କେଉଁ ପରିଚାଳନା କମିଟି ଦ୍ୱାରା ମେକାନିକାଲ ପଦବୀରେ ନିଯୁକ୍ତି ପାଇଲେ ତାହା ତଦନ୍ତ ପରିସରଭୁକ୍ତ ହୋଇଛି। ସେ ଏବେ କଲେଜର ମୁଖ୍ୟ ସହାୟକ ପଦରେ ଅବସ୍ଥାପିତ। ତେଣୁ ସେ ବିଭିନ୍ନ ପ୍ରମାଣପତ୍ରରେ ଜାଲିଆତି କରି ପଦବୀ ଅକ୍ତିଆର କରିଥିବାରୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

### ଏନ୍‌ଏସି ଦାବିରେ ବିଜେଡିର ଆଗରପଡ଼ା ବନ୍ଦ

# ବିଧାୟକ ସମେତ ବହୁ ଦଳୀୟ କର୍ମକର୍ତ୍ତା ସାମିଲ

**ବନ୍ତ/ଆଗରପଡ଼ା, ୨୮।୮(ସମିସ):** ଭଦ୍ରକ ଜିଲ୍ଲା ଆଗରପଡ଼ାକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ବା ଏନଏସି ରାଜ୍ୟ ସରକାରଙ୍କ ପ୍ରକାଶିତ ତାଲିକାରେ ବାଦ୍ ଦିଆଯାଇଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ବିଜୁ ଜନତାଦଳ ପକ୍ଷରୁ ଆଗରପଡ଼ା ବନ୍ଦ ଡ଼ାକରା ଦିଆଯାଇଥିଲା। ଏହି ବନ୍ଦ ଡାକରାରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସମେତ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବରିଷ୍ଠ ନାଗରିକ, ବ୍ୟବସାୟୀ, ମହିଳା ଓ ଯୁବଛାତ୍ର ସକାଳ ୬ରୁ ଅପରାହ୍ନ ୪ଟା ଯାଏ ଶୋଭାଯାତ୍ରା, ପଥପ୍ରାନ୍ତ ସଭା ଓ ଗଣଧାରଣାରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟ ବଜାର କଲେଜଛକରେ ବିଜେଡି ବରିଷ୍ଠ ନେତା ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲ୍ଲାପରିଷଦ ସଭ୍ୟା ରୁନିତା ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ଶତପଥୀ, ସମ୍ପାଦକ ରବୀନ୍ଦ୍ର ଆଇଚ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ମହାନ୍ତି, ସରପଞ୍ଚ ପ୍ରକାଶ ବିଶ୍ୱାଳ, ନିହାର ରଞ୍ଜନ ପଣ୍ଡା, ବିନୋଦିନୀ ମହାନ୍ତି, ମାଳତୀ ଲତା ପୃଷ୍ଟି, ମୀନାରାଣୀ ଜେନା, ଗୀତିକା ଭୋଇ, ସମିତିସଭ୍ୟା ଜ୍ୟୋର୍ତିମୟୀ ପଣ୍ଡା, ଶୁଶୀଳା ଜେନା, ସମିତିସଭ୍ୟ ନିର୍ମଳ ନାୟକ, ବରିଷ୍ଠ ନେତା ଶ୍ରୀନାଥ ମହାନ୍ତି, ଅଶୋକ ପାଣିଗ୍ରାହୀ, ସେକ୍ ଜଇନୁଲ ଆବେଦିନ, ନନ୍ଦକିଶୋର ନାୟକ, ଲିଙ୍ଗରାଜ ତ୍ରିପାଠୀ, ବିଷ୍ଣୁ ମୋହନ ଜେନା, ବାବୁରାମ ମଲ୍ଲୀକ, ଗଗନ ସିଂହ, ଯୁବନେତା ସତ୍ୟସାଧନ ବେଜ, ପ୍ରଦ୍ୟୁମ୍ନ ପୁହାଣ, ସୁରେଶ ପୃଷ୍ଟି, ଜିତେନ୍ଦ୍ର ଶତପଥି ପ୍ରମୁଖ ଐତିହ୍ୟ ସମ୍ପନ୍ନ ମାଟି ଆଗରପଡ଼ାକୁ ଏନଏସି କରିବାକୁ ଦାବି କରିଥିଲେ। ନୂତନ ଏନଏସି ଗଠନ ପାଇଁ ଆଗରପଡ଼ା ସମସ୍ତ ସର୍ତ୍ତାବଳୀ ପୂରଣ କରୁଛି। ପୂର୍ବରୁ ବିଜେଡ଼ି ସରକାର ସମ୍ପୃକ୍ତ ଅଞ୍ଚଳକୁ ବିଜ୍ଞାପିତ ପରିଷଦ ନେଇ ପ୍ରସ୍ତାବ ଘୋଷଣା କରିବା ପରେ ବର୍ତ୍ତମାନ ସରକାରଙ୍କୁ ଜିଲ୍ଲା ପ୍ରଶାସନଙ୍କ ଜରିଆରେ ସମସ୍ତ ପ୍ରକାର ଆବଶ୍ୟକୀୟ କାଗଜପତ୍ର ଦିଆଯାଇ ସାରିଛି; କିନ୍ତୁ ଆଗରପଡ଼ା ଏଥିରୁ ବାଦ ପଡ଼ିଲା। ବରପୁତ୍ରଙ୍କ ମାଟି ପ୍ରତି ଏହା ଅସମ୍ମାନ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ଆଗରପଡ଼ା କୁଆଁସମଡ଼ିଆ ଛକରୁ ଶତାଧିକ କର୍ମୀ ଏକ ବାଇକ୍ ଶୋଭାଯାତ୍ରାରେ ଆସି ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଶେଷରେ ଗଣଧାରଣା ସ୍ଥାନରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବନେତା ବସନ୍ତ ପତି, ଧରଣୀ ପୃଷ୍ଟି, ମାନସ ରଞ୍ଜନ ପଟ୍ଟନାୟକ, ଦୀପକ ମହାନ୍ତି, ଜୟଦେବ ସିଂହ, ଜିତେନ୍ଦ୍ର ଶଡ଼ଙ୍ଗୀ, ଭିସ୍ମେଶ୍ୱର ଦାସ, ବିଷ୍ଣୁ ମୋହନ ସାହୁ, ବ୍ରଜମୋହନ ମହାନ୍ତି, ଦିପ୍ତିରଞ୍ଜନ ଜେନା, ଦିଲ୍ଲୀପ ପୁହାଣ, ପରେଶ ନାୟକ, ଶଙ୍କର୍ଷଣ ରଥ, ଅକ୍ଷୟ ସାମଲ, ରମାକାନ୍ତ ବାରିକ, ମାମୁନ ସିଂହ, ସୁକାନ୍ତ ଦାସ, ଛାତ୍ରନେତା ହିମାଦ୍ରୀ ମହାନ୍ତି, ଦିପ୍ତିରଞ୍ଜନ ଦାଶ, ଗଜେନ୍ଦ୍ର ମଲ୍ଲୀକ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।




## ସମୁଦ୍ରରେ ବୁଡିଲା ଭୁଟ୍‌ଭୁଟି; ଅଳ୍ପକେ ବର୍ତ୍ତିଲେ ୪ ମତ୍ସ୍ୟଜୀବୀ

**ଭଦ୍ରକ/ବାସୁଦେବପୁର, ୨୮।୮(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଚୁଡାମଣି ମୁହାଣକୁ ମାଛ ଧରିବାକୁ ଯାଇଥିବା ଭୁଟ୍‌ଭୁଟି ସମୁଦ୍ର ମଧ୍ୟରେ ବୁଡିଯାଇଥିଲା; ହେଲେ ୪ ମତ୍ସ୍ୟଜୀବୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମତ୍ସ୍ୟଜୀବୀଙ୍କୁ ବାସୁଦେବପୁର ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡି ପଠାଇ ଦିଆଯାଇଛି। ଚୁଡାମଣି ମୁହାଣରୁ ମା' ହିଡିମ୍ବା ଭୁଟ୍‌ଭୁଟି ୨୧ ତାରିଖରେ ମାଛ ଧରିବାକୁ ସମୁଦ୍ର ଅଭିମୁଖେ ଯାଇଥିଲା। ଭୁଟ୍‌ଭୁଟିରେ ୪ ଜଣ ମତ୍ସ୍ୟଜୀବୀ-ସପନ ମଳିକ, ପବନା ମଳିକ, ବନ ମଳିକ ଓ ପ୍ରକାଶ ମଳିକ ଥିଲେ। ଗତ ୨୩ ତାରିଖ ସମୁଦ୍ରରେ ଲଙ୍ଗର ପକାଇ ମାଛ ଧରୁଥିଲେ। ହେଲେ ଏତିକି ବେଳେ ଲଙ୍ଗର ଛିଡି ଯାଇଥିଲା। ମତ୍ସ୍ୟଜୀବୀମାନେ ପାଲ୍ ଟାଣି ଭୁଟ୍‌ଭୁଟିକୁ ଅଟକାଇ ଥିଲେ; କିନ୍ତୁ ୨୪ ତାରିଖରେ ଭୁଟ୍‌ଭୁଟି ବୁଡିଗଲା। ଜୀବନ ବିକଳରେ ମାଛ ସିଣ୍ଟେକ୍ସ, ମାଛ ବାକ୍ସ ସୋଲ ସାହାଯ୍ୟରେ ସମୁଦ୍ରରେ ମତ୍ସ୍ୟଜୀବୀ ଭାସିଥିଲେ। ଭାସି ଭାସି ଆସି ଗତକାଲି କସିଆଠାରୁ କିଛି ଦୂରରେ ଥିବା ବନି ଜଙ୍ଗଲ ପାଖରେ ପହଞ୍ଚି ଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଭୁଟ୍‌ଭୁଟିର ମାଲିକ ନଟବର ମଳିକଙ୍କ ପୁଅ ପବନା ମଳିକ ମଧ୍ୟ ଥିଲେ। ଚାରି ଦିନ ଧରି ଚାରି ମତ୍ସ୍ୟଜୀବୀ ପାଣିରେ ଜୀବନ ସହିତ ଲଢେଇ କରି ଶେଷରେ କୂଳରେ ପହଞ୍ଚି ଥିଲେ ବୋଲି କହିଛନ୍ତି ମତ୍ସ୍ୟଜୀବୀ।

# କେନାଲ ଗର୍ଭକୁ ମାଡ଼ିଗଲାଣି ଗୁଳ୍ମଲତା



ବାରିକପୁର,୨୮ ।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବିଭିନ୍ନ କେନାଲ ବେଡ ଓ ଗର୍ଭରେ ଗୁଳ୍ମ ଲତା ଛାଇଗଲାଣି। ଧାମନଗର ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ଘାସ କାଟିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଠିକ୍ ବେଳକୁ କେନାଲ ଅବସ୍ଥା ଶୋଚନୀୟ ହେଉଛି। ଯେଉଁଥିପାଇଁ କେନାଲ ଗୁଡ଼ିକରେ ଆବଶ୍ୟକ ଅନୁଯାୟୀ ପାଣି ଆସୁନାହିଁ। ଚଳିତ ବର୍ଷ ୩ ନମ୍ବର ମୁଖ୍ୟ କେନାଲ ସହିତ ଏହାର ଦୁଇଟି ଶାଖା କେନାଲରେ ଘାସଲତା ସଫା ପାଇଁ ପ୍ରାୟ ୧୫ରୁ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ତିନୋଟି କେନାଲର ପ୍ରାୟ ୨୦ କିମି ଯାଏଁ ପରିଷ୍କାର ପାଇଁ ଏକ କିମି ପିଛା ପାଖାପାଖି ୧ ଲକ୍ଷ ଟଙ୍କା ଖର୍ଚ୍ଚ ପାଇଁ ବ୍ୟବସ୍ଥା ରହିଛି। ଟେଣ୍ଡର ଜରିଆରେ ଗତ ଜୁଲାଇ ମାସରେ ଏହି ତିନୋଟି କେନାଲ କୁ ଅଧିକାଂଶ ସମୟରେ ଯନ୍ତ୍ରୀଙ୍କ ତଦାରଖ ବିନା ସଫା କରା ଯାଇଥିଲା। ଗୋଟିଏ ମାସ ନଯାଉଣୁ କେନାଲ ମଧ୍ୟରେ ପୁଣି ବଣୁଆ ଘାସ ଜୀବନଦାନ ପାଇଁ କାୟା ବିସ୍ତାର କରୁଥିବା ବେଳେ ବେଡ଼ରେ ମଧ୍ୟ ତଦ୍ରୂପ ଅବସ୍ଥା ହୋଇଛି। ଏହି କେନାଲ ଗୁଡିକ ଉପରେ ରହଣିଆ, ସରସଦା, କୋରିଗାଁ, ମାଳଦା ପ୍ରମୁଖ ପଞ୍ଚାୟତ ଅଧୀନ ୨୦/୨୫ ଖଣ୍ଡ ଗାଁର ଚାଷୀ ନିର୍ଭର କରି ଖରିଫ୍ ଧାନ ଚାଷ କରିଥାନ୍ତି। ଏବେ ପ୍ରାୟତଃ ଚାଷ ଜମିରେ ଧାନ ରୁଆପୋତା କାର୍ଯ୍ୟ ସରିଥିବା ବେଳେ ପଛକୁ ପଛ ପର୍ଯ୍ୟାୟ କ୍ରମେ କେନାଲ ପାଣିର ଢେର ଆବଶ୍ୟକତା ରହିଛି। ଏପରି ସ୍ଥଳେ କେନାଲ ଗୁଡ଼ିକରେ ଘାସଲତା ମାଡ଼ିଯିବା ଯୋଗୁଁ ଜଳ ଧାରଣ କ୍ଷମତା ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି। କେବଳ ଏହି ତିନୋଟି ମୁଖ୍ୟ କେନାଲ କୁ ଛାଡିଦେଲେ ମାଇନର ଓ ସବମାଇନର ଅବସ୍ଥା ମଧ୍ୟ ସମାନ ଦେଖା ଯାଇଛି। କେନାଲ ସଂଲଗ୍ନ କାଡାନାଳ ମଧ୍ୟ ସଂପୂର୍ଣ୍ଣ ପୋତି ହୋଇ ନଷ୍ଟଭ୍ରଷ୍ଟ ହୋଇଗଲାଣି। ତେଣୁ ଧାନ ଥୋଡ ସମୟରେ ଜଳ ଯୋଗାଣ ଜନିତ ଉତ୍କଟ ସମସ୍ୟା ଦେଖା ଦେବା ପୂର୍ବରୁ ଏହା ଉପରେ ବିଭାଗୀୟ ଅଧିକାରୀ ମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ବଜ୍ରପାତରୁ ରକ୍ଷା ପାଇଁ ତାଳ ମଞ୍ଜି ଲଗାଇଲା ତିହିଡି ଯୁବମଞ୍ଚ

# ୪୦୦ ଗୋଟମା ରୋପଣ କରିବ ସଂଗଠନ

ତିହିଡି,୨୮ ।୮ (ସମିସ)




ସାମ୍ପ୍ରତିକ ସମୟରେ ବଜ୍ରପାତ ପ୍ରଭାବରେ ବହୁ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏଥିସହ ବହୁ ଧନ ସମ୍ପତ୍ତି ମଧ୍ୟ ନଷ୍ଟ ହେଉଛି। ଏହାର ମାତ୍ରାକୁ କମ କରିବା ପାଇଁ ତାଳଗଛ ହିଁ ମାଧ୍ୟମ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି। ସରକାର ମଧ୍ୟ ତାଳଗଛ ଲଗାଇବାକୁ ପ୍ରାଥମିକତା ଦେବା ସହ ତାଳଗଛ କାଟିବାକୁ ନିଷେଧ କରିଛନ୍ତି। ଅଗ୍ରଣୀ ସାମାଜିକ ସଂଗଠନ "ତିହିଡ଼ି ଯୁବମଞ୍ଚ' ତରଫରୁ ଚଳିତ ବର୍ଷ ତିହିଡ଼ି ବ୍ଲକରେ ପ୍ରଥମେ ତାଳ ଗୋଟମା ରୋପଣ ଆରମ୍ଭ କରିଛି। ସଂଗଠନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ବୋଡ଼କ ଗ୍ରାମ ପଂଚାୟତର ବିଭିନ୍ନ ସ୍ଥାନରେ ବଜ୍ରପାତର ମାତ୍ରାକୁ କମ କରିବା ଏବଂ ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ୧୦୦ ପାଖା ପାଖି ତାଳ ଗୋଟମା ରୋପଣ କରାଯାଇଥିଲା। ଚଳିତ ବର୍ଷ ୪୦୦ ତାଳ ଗୋଟମା ବିଭିନ୍ନ ସ୍ଥାନରେ ରୋପଣ କରାଯିବା କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଜାରି ରହିବ ଏବଂ ତାଳ ଗୋଟମା ଲଗାଇବା ସହ ତାଳଗଛ ସଂରକ୍ଷଣ ପାଇଁ ଜନ ସଚେତନତା ମଧ୍ୟ ସୃଷ୍ଟି କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନ ପକ୍ଷରୁ ସଭାପତି କୈଳାସ ବେହେରା, ସମ୍ପାଦକ ନିରଂଜନ ବାରିକ, ସମାଜସେବୀ ରବିନ୍ଦ୍ର ମହାକୁଳ, କୋଷାଧ୍ୟକ୍ଷ ସାକିରୁଦ୍ଦିନ ଖାଁ, ସୟଦ ରଫିକ, ବାସ୍ତବ ପଣ୍ଡ, ବଳରାମ ବାରିକ ପ୍ରମୁଖ ସାମିଲ ହୋଇ ତାଳ ଗୋଟମା ରୋପଣ କରିଥିଲେ।

## ମଣ୍ଡପରେ ଗଣପତିଙ୍କ ପୂଜାର୍ଚ୍ଚନା



ବାରିକପୁର,୨୮ ।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ବିଘ୍ନନାଶକ ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ଭାବ ଭକ୍ତିର ସହିତ ଆରମ୍ଭ ହୋଇଛି। ରହଣିଆ ପଞ୍ଚାୟତ ରାଢୋପୋଖରୀ ଆଡିଠାରେ ସ୍ଥାନୀୟ ଯୁବକଙ୍କ ତରଫରୁ ତିନିଦିନ ଧରି ପୂଜକ ନୃସିଂହ ତ୍ରିପାଠୀ ବୈଦିକ ରୀତିନୀତି ଅନୁଯାୟୀ ଗଜାନନଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ସନ୍ତୋଷ କୁମାର ନାୟକ ଦାୟିତ୍ୱ ନିର୍ବାହ କରିଛନ୍ତି। ଆୟୋଜକ କମିଟି ସଦସ୍ୟ ଜଗନ୍ନାଥ ନାୟକ, ଅଜିତ ସାମଲ, ଚିରଞ୍ଜିବୀ ନାୟକ, ସ୍ମୃତିରଞ୍ଜନ କୁଅଁର, ଜ୍ଞାନରଞ୍ଜନ ରାଉତ, ସତ୍ୟରଞ୍ଜନ ମହାପାତ୍ର, ଶଶାଙ୍କ ଶେଖର ନାୟକ ଉତ୍ସବ ପରିଚାଳନା କରିଛନ୍ତି। ଅନୁରୂପ ଭାବେ ଗ୍ରାମର ଗୋଡିପଦି ଓ ମାଳଦା ସ୍କୁଲ ନିକଟରେ ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ମଧ୍ୟ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ମଞ୍ଜୁରୀ ରୋଡ ବଜାର, ରାଜେନ୍ଦ୍ରପୁର, ଥଇଲା, ସାନଶାସନ ପ୍ରମୁଖ ସ୍ଥାନରେ ମଧ୍ୟ ଗଣେଶଙ୍କ ପୂଜା ଆୟୋଜିତ ହୋଇଥିବା ଜଣାପଡିଛି।

## ପାଣି ଟାଙ୍କି ଉପରୁ ଷଣ୍ଢ ଉଦ୍ଧାର



ତିହିଡି, ୨୮ ।୮ (ସମିସ): ତିହିଡି ବ୍ଲକ ସୟା ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ତଳବନ୍ଧସ୍ଥିତ ଏକ ୬୦ଫୁଟ ଉଚ୍ଚତା ବିଶିଷ୍ଟ ପାଣି ଟାଙ୍କି ଉପରକୁ ଏକ ଷଣ୍ଢ ଚଢ଼ି ଯାଇ ଫସି ରହିଥିଲା। ଉକ୍ତ ଷଣ୍ଢଟିକୁ ଉଦ୍ଧାର କରିବା ପାଇଁ ତିହିଡିର ଦମକଳବାହିନୀକୁ ଲଗାଇ ୪ଟି ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ପଶୁ ବିଭାଗର ଏକ ଡାକ୍ତରୀ ଟିମ, ବ୍ଲକ ପ୍ରଶାସନ ଓ ପୁଲିସ ଅଧିକାରୀଙ୍କ ସହଯୋଗରେ ପୂର୍ବାହ୍ନ ୧୧ଟାରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ସାଢେ ୭ଟାରେ ଉକ୍ତ ଷଣ୍ଢଟିକୁ ଉଦ୍ଧାର କରାଯାଇଛି। ପାଣି ଟାଙ୍କି ଦାୟିତ୍ୱରେ ଥିବା ଅଧିକାରୀ ଗେଟ ତାଲା କାହିଁକି ଚାବି ପକାଇ ନ ଥିଲେ ଏବଂ ପ୍ରଶାସନ ନାକେଦମ ହେବାକୁ ପଡିଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି ହୋଇଛି।

# ବିପଦସଂକୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର



ବାରିକପୁର,୨୮ ।୮ (ସମିସ): ବିଦ୍ୟୁତ୍ ବିଭାଗ ଟାଟା କମ୍ପାନୀ ଦ୍ୱାରା ପରିଚାଳିତ ହେବାପରେ ଆଧୁନିକ ଢଙ୍ଗରେ ଭିତ୍ତିଭୂମି ବିକାଶ ହେବ ବୋଲି ହିତାଧିକାରୀ ବିଶ୍ୱାସ କରିଥିଲେ। ହେଲେ ପରିତାପର ବିଷୟ ଯେ, କମ୍ପାନୀ କେବଳ ଦେୟଆଦାୟକରିବା ପାଇଁ ତତ୍ପର ହେଉଛି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ଜଳହରି ଗୋଚାରଣ ପଡ଼ିଆରେ ଏକ ୬୩ କେଭି ବିଦ୍ୟୁତ୍ ଟ୍ରାନ୍ସଫରମ ଦୀର୍ଘ ଦିନ ଧରି ମୁକୁଳା ପଡ଼ିଛି। ଏହି ଟ୍ରାନ୍ସଫର୍ମର ଜରିଆରେ କମ୍ପାନୀ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଲାଭବାନ ହେଉଥିବା ବେଳେ ଏହାର ସୁରକ୍ଷା ପାଇଁ ନଜର ଦେଉନାହିଁ। ନପଙ୍ଗ ମାଳଦା ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରେ ଏହି ଟ୍ରାନ୍ସଫର୍ମରଟି ବସିଥିବା ବେଳେ ଦୀର୍ଘ ବର୍ଷ ହେବ ଏହାର ସୁରକ୍ଷା ପାଚେରି ନିର୍ମାଣ ହୋଇନାହିଁ। ବିଦ୍ୟୁତ୍ ଖୁଣ୍ଟ ପାଖରେ ଦୈନିକ ଗାଈଗୋରୁ ଓ ଛେଳି ମେଣ୍ଢା ମଧ୍ୟ ଚାରଣ କରୁଛନ୍ତି। ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଯୋଗୁଁ କେତେବେଳେ ଦୁର୍ଘଟଣା ଘଟିବ କହିହେବ ନାହିଁ। ତେଣୁ ତୁରନ୍ତ ଏଠାରେ ସୁରକ୍ଷା ବାଡ ନିର୍ମାଣ ପାଇଁ ଉପଭୋକ୍ତା ଦାବି କରିଛନ୍ତି। ବିଦ୍ୟୁତ୍ କାର୍ଯ୍ୟାଳୟ ଠାରୁ ମାତ୍ର ଶହେ ଦୁଇ ଶହ ମିଟର ଭଣ୍ଡାରିପୋଖରୀ ବସଷ୍ଟାଣ୍ଡରେ ଥିବା ଟ୍ରାନ୍ସଫର୍ମର ମଧ୍ୟ ମୁକୁଳା ପଡିଛି। ବ୍ଲକ ଅଞ୍ଚଳରେ ପାଖାପାଖି ୫୦୦ରୁ ଅଧିକ ୬୩ ଓ ୧୦୦ କେଭି ଟ୍ରାନ୍ସଫର୍ମର ଥିବାବେଳେ ସେଥିରୁ ମାତ୍ର ୬୦/୭୦ଟିର ସୁରକ୍ଷା ପାଚେରି ନିର୍ମାଣ ହୋଇଛି। ଅନ୍ୟ ସମସ୍ତ ସ୍ଥାନରେ ଦୀର୍ଘ ବର୍ଷ ହେବ ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ୍ ଯୋଗାଣ ହେଉଛି। ପ୍ରାୟ ତିନି ବର୍ଷରୁ ଅଧିକ ହେବ କମ୍ପାନୀ ବିଦ୍ୟୁତ୍ ବିତରଣ ଓ ପରିଚାଳନା ଦାୟିତ୍ୱ ନେଇଥିଲେ ମଧ୍ୟ ଆଜିଯାଏ ସୁରକ୍ଷା ପାଚେରି ହୋଇପାରିନାହିଁ। ଫଳରେ ଏହି ଟ୍ରାନ୍ସଫର୍ମର ବିପଦକୁ ଆମନ୍ତ୍ରଣ କରୁଛି।

# ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବନ୍ତ/ଆଗରପଡ଼ା,୨୮ ।୮ (ସମିସ): ଆଗରପଡା କୃଷ୍ଣଚରଣ ବିଦ୍ୟା ମନ୍ଦିରରେ ଜୋନ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଆଗରପଡ଼ା ଜୋନରେ ୧୩ଟି ବିଦ୍ୟାଳୟର ୧୯୬ ଛାତ୍ରଛାତ୍ରୀ କବାଡି, ଖୋଖୋ, ଭଲିବଲ୍, ବ୍ୟାଡ୍‌ମିଣ୍ଟନ୍, ଚେସ୍, ଯୋଗ, ସାଇକଲ୍‌ରେସ୍ ଓ ବିଚ୍ ଭଲିରେ ଭାଗ ନେଇଥିଲେ। ଆଗରପଡା ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିତରଞ୍ଜନ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କୃଷ୍ଣଚରଣ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ଶରତ ଜେନା, ସାଧନକେନ୍ଦ୍ର ସଂଯୋଜକ ନିରଞ୍ଜନ ଖିଲାର ଅତିଥି ଭାବେ ଯୋଗ ଦେଇଥିଲେ। ଜୋନ୍ ସମ୍ପାଦକ କ୍ରୀଡା ଶିକ୍ଷକ ସୁବୋଧ ପାତ୍ରଙ୍କ ତତ୍ତ୍ୱାବଧାନରେ ଆଶାମଣି ଉଚ୍ଚ ବିଦ୍ୟାପୀଠର ବରିଷ୍ଠ କ୍ରୀଡ଼ା ଶିକ୍ଷକ ଧୃରେନ୍ଦ୍ର ଷଡଙ୍ଗୀ, ବଳଭଦ୍ରକିଙ୍କର ଜେନା, ନିରଞ୍ଜନ ଜେନା, ବିଦ୍ୟୁତ୍ ଲତା ଦାସ, ସଙ୍ଗୀତା ବେହେରା, ଉମାକାନ୍ତ ଜେନା, ଉପମନ୍ୟୁ ଖୁଣ୍ଟିଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

ବନ୍ତ ବ୍ଲକ ପଧାନପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବନ୍ତ ଜୋନ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ୧୭ ବିଦ୍ୟାଳୟର ୨୧୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୭୧ ପ୍ରତିଯୋଗୀ ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଘାଟନୀ ସଭାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶୁଭେନ୍ଦୁ ଶେଖର ମହାନ୍ତି ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସେକ ୟାକତ ଅଲ୍ଲୀ, ମୁଖ୍ୟଅତିଥି ଭାବେ ବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉତ୍ତମ କୁମାର ଦତ୍ତ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ସମ୍ମାନିତ ଅତିଥି ଭାବେ ବନବିହାରୀ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ପୃଷ୍ଟି ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ହେମନ୍ତ ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ଅରୁଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଜୋନ କ୍ରୀଡା ସଂଯୋଜକ ଜଗନ୍ନାଥ ଦିବେଦୀ ଓ ଜୋନ କ୍ରୀଡା ସମ୍ପାଦକ ବିଜୟଲକ୍ଷ୍ମୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ସେକ ଆଜାରୁଦ୍ଦିନ, ଗଙ୍ଗାଧର ରାଉତ, ଚିତ୍ରାବତୀ ବେହେରା, ମନୁବାଳ ସ୍ୱାଇଁ, ସୁଷମା ମଲ୍ଲିକ, ସ୍ନେହଲତା ଖମାରି, ଗୌରୀବାଳା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ସରକାରୀ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସେବା ସମବାୟ ସଭାପତି ରଞ୍ଜନ ସାହୁ, ମୁଖ୍ୟବକ୍ତା ପରିଚାଳନା କମିଟି ସଭାପତି ପଞ୍ଚାନନ ଦାସ, ସମ୍ମାନିତ ଅତିଥି ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ ଦାସ, ସରମରା ହାଇସ୍କୁଲର ଶିକ୍ଷକ ଯଶୋବନ୍ତ ସିଂ, ବିବି ହାଇସ୍କୁଲ ଶିକ୍ଷକ ବୀରେନ୍ଦ୍ର ପଣ୍ଡା, କ୍ରୀଡା ଶିକ୍ଷୟିତ୍ରୀ ଡଳିରାଣୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ଶିକ୍ଷକ ପ୍ରକାଶ ପରିଡା ଅତିଥି ପରିଚୟ କରିଥିଲେ। ୧୫୦ରୁ ଅଧିକ ଖେଳାଳି ବିଭିନ୍ନ କ୍ରୀଡାରେ ଭାଗ ନେଇଥିଲେ। ଶିକ୍ଷୟିତ୍ରୀ ନିତୁସ୍ମିତା ଗିରି ମଧୁସ୍ମିତା ନାୟକ,ନମିତା ଜେନା, ସ୍ମିତାଲି ମଧୁସ୍ମିତା ପଣ୍ଡା, ଶୁଭଶ୍ରୀ ବେହେରା, ମଧୁସ୍ମିତା ରାଉତ, ଯୋଗଦୀପ୍ତା ନାୟକ, ସଂଯୁକ୍ତା ସାହୁ, ବଳରାମ ସେଠୀ, ରତିକାନ୍ତ ରାୟ,ଶରତ ନାୟକ, ଅନାଦି ନାୟକ, ପ୍ରଫୁଲ୍ଲ ନାୟକ, ପ୍ରସନ୍ନ ଜେନା, ରତ୍ନମୟୀ ବାରିକ, କରୁଣାକର ନାୟକ, ଜଗନ୍ନାଥ ପତି, ପ୍ରଶାନ୍ତ ବେହେରାଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ବାରିକପୁର,୨୮ ।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ରୋଡ ସରସ୍ୱତୀ ଶିଶୁ ମନ୍ଦିରରେ ଆଜି ଏକ ଦିନିକିଆ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ତପନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପକ ଶଶଧର ସାହୁ, ଶିକ୍ଷାବିତ କିଶୋର ଚନ୍ଦ୍ର ଦାସ, ବନମାଳୀ ପଣ୍ଡା, କରୁଣାକର ଖଣ୍ଡାଇ,ଅଭିଭାବିକା ଗୀତାଞ୍ଜଳୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମାତୃ ସମ୍ମିଳନୀର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ପୁଷ୍ପିତା ନାଥ ଓ ସ୍ନେହଲତା ସ୍ୱାଇଁ ଙ୍କ ସମେତ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

## ତିହିଡ଼ି ଥାନା କର୍ମଚାରୀ ଅଭାବରୁ ବଢୁଛି ଟ୍ରାଫିକ୍ ସମସ୍ୟା




ଦୋଲସାହି, ୨୮ ।୮ (ସମିସ): ତିହିଡି ଥାନା ଇଲାକା ୩ଟି ନିର୍ବାଚନମଣ୍ଡଳୀ (ଧାମନଗର, ବାସୁଦେବପୁର ଓ ଚାନ୍ଦବାଲି) ରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଜଣେ ମହିଳା କନେଷ୍ଟବଲଙ୍କ ଦ୍ୱାରା ଆଇନଶୃଙ୍ଖଳା ବ୍ୟବସ୍ଥା ପରିଚାଳିତ ହେଉଥିବା ଅଭିଯୋଗ ହୋଇଛି। ତିହିଡି ଥାନା ପାଖରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଜପଥ ରାସ୍ତାର ଦୁଇ ପାର୍ଶ୍ୱରେ ଛୋଟ ଯାନରୁ ବଡ଼ ଯାନ ବେଆଇନ ଭାବେ ପାର୍କିଂ କରୁଥିବା ନେଇ ଏହି ଟ୍ରାଫିକ ସମସ୍ୟା ବଢୁଥିବା ଦେଖିବାକୁ ମିଳୁଛି। ଜଣେ ମହିଳା କନେଷ୍ଟବଲ ଥିବା ବେଳେ ଆଉ ଦୁଇ ଜଣ ମହିଳା କନେଷ୍ଟବଲ ଆବଶ୍ୟକତା ଥିବାସ୍ଥଳେ ପଦ ଖାଲି ରହିଛି। ଅନ୍ୟପକ୍ଷରେ ଟ୍ରାଫିକ ସମସ୍ୟା ବଢୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ବନ୍ୟା ପୀଡ଼ିତଙ୍କୁ ମଶାରୀ ବଣ୍ଟନ



ଅସୁରାଳି, ୨୮ ।୮ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତରେ ବନ୍ୟା ପୀଡିତ ଗ୍ରାମବାସୀଙ୍କ ପାଇଁ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୬୦୫ ପୀଡିତ ପରିବାର ଲାଭାନ୍ୱିତ ହୋଇଥିଲା ବେଳେ କାର୍ଯ୍ୟକ୍ରମରେ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ବରିଷ୍ଠ ବିଜେପି ନେତା ଚତୁର୍ଭୁଜ ନାୟକ, ଧୂଷୁରୀ ମଣ୍ଡଳ ବିଜେପି ସଭାପତି ଅନିରୁଦ୍ଧ ସାହୁ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଯୁବନେତା ଫଣିଭୂଷଣ ମଲ୍ଲିକ, ଆଶିଷ ଜେନା, ନିଶିକାନ୍ତ ନାୟକ, ପୂର୍ବତନ ସରପଞ୍ଚ ପ୍ରଦୀପ ମାଝୀ, ବାଦଲ ବିଶ୍ୱାଳ, ରମାକାନ୍ତ କୁଅଁର, କମଳାକାନ୍ତ ପୁହାଣ ଓ ଦିଗମ୍ବର ମଲ୍ଲିକ ଯୋଗ ଦେଇଥିଲେ।

# ଲୋପ ପାଇବାକୁ ବସିଲାଣି ରିକ୍ସା ଓ ସାଇକଲ



ଧାମନଗର, ୨୮ ।୮ (ସମିସ): ଧାମନଗର ବ୍ଲକ ଏବଂ ସହରାଞ୍ଚଳରେ ଏବେ କାର, ଅଟୋ ଓ ଲକ୍ଷ୍ମୀ ବସ ଚଳାଚଳ ସ୍ୱାଭାବିକ ହୋଇଥିଲେ ମଧ୍ୟ ରିକ୍ସା ଓ ସାଇକଲରେ ବୁଲିବାର ଅନୁଭୂତି ସଂପୂର୍ଣ୍ଣ ଅଲଗା। ପାର୍ବଣ ଋତୁରେ ରିକ୍ସାରେ ବୁଲିବାର ମଜା ନିଆରା ସେଥିପାଇଁ ଏହି ସଂସ୍କୃତି ପରମ୍ପରାକୁ ଜୀବିତ ରଖିବା ଆବଶ୍ୟକ ବୋଲି ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀ ମହଲରେ ମତ ଦିଅନ୍ତି। ପୂର୍ବରୁ ପାର୍ବଣ ଋତୁ ଆସୁଥିଲେ ରିକ୍ସା ଚାଳକଙ୍କ ବହୁତ ଚାହିଦା ହେଉଥିଲା। ରିକ୍ସା ଚାଳକମାନେ ଭଲ ଦୁଇ ପଇସା ରୋଜଗାର କରି ସୁଖଦୁଃଖରେ ପରିବାର ପ୍ରତିପୋଷଣ କରୁଥିଲେ। ବହୁ ରିକ୍ସା ମାଲିକ ରିକ୍ସା ବଦଳରେ ଅଟୋ କିଣି ଭଡ଼ା ସୂତ୍ରରେ ନିୟୋଜିତ କରିବାରୁ ରିକ୍ସା ଚାଳକଙ୍କ ରୋଜଗାର ପନ୍ଥା ଆସ୍ତେ ଆସ୍ତେ କମିବାକୁ ଲାଗିଲା। ଧାମନଗର ସହରରେ କିଛି ହାତଗଣତି ରିକ୍ସା ଚାଳକ ଏହି ଧନ୍ଦାକୁ ସଂପ୍ରତି ଆପଣାଇ ନିଜ ଜୀବନ ନିର୍ବାହ କରୁଛନ୍ତି। ଆଗଭଳିଆ ଆଉ ଯାତ୍ରୀ ମିଳୁନାହାନ୍ତି ଭଡା ବାବଦରେ ଯାତ୍ରୀ ବହୁତ ମୂଲଚାଲ କରୁଛନ୍ତି। ଜୀବନସାରା ରିକ୍ସା ଟାଣିଥିବାରୁ ବୃଦ୍ଧ ବୟସରେ ଆଉ କେଉଁ ଧନ୍ଦାକୁ ଆପଣେଇବେ ବୋଲି ବାଷ୍ପରୁଦ୍ଧ କଣ୍ଠରେ ପ୍ରକାଶ କରିଛନ୍ତି। ସହର ମଧ୍ୟରେ ହାତଗଣତି ଜଣେ କି ଦୁଇ ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ସଂସ୍କୃତି ପରମ୍ପରାକୁ ଜୀବିତ ରଖିବା ଉଦ୍ଦେଶ୍ୟରେ ରିକ୍ସା ଉପରେ ନିର୍ଭର କରିବା ସହିତ ଘରୁ ରିକ୍ସାରେ ୟୁକୋ ବ୍ୟାଙ୍କରୁ ପେନସନ ଟଙ୍କା ଆଣିବା ପାଇଁ ଯିବାଆସିବା କରୁଛନ୍ତି। ସରକାରୀ ସ୍ତରରୁ କିଛି ସୁବିଧା ସୁଯୋଗ ମିଳିବା ସହିତ ଇ-ରିକ୍ସା ଯୋଗାଇଦେଲେ ରିକ୍ସା ଚାଳକମାନଙ୍କ ଦୁଃଖ କିଛି ମାତ୍ରାରେ ଦୂର ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ପାଳିତ ହେଲା ଆଜାଦ ଧୂଷୁରୀ ସ୍ମାରକୀ ଦିବସ ସମାରୋହ




ଅସୁରାଳି, ୨୮ ।୮ (ସମିସ): ଧାମନଗର ବ୍ଲକ ଧୂଷୁରୀ ପୂଜ୍ୟପୂଜା ସଂସଦ ହଲରେ ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ "ଆଜାଦ ଧୂଷୁରୀ ସ୍ମାରକୀ ଦିବସ ସମାରୋହ' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ସାମ୍ୟବାଦୀ ନେତା ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱ ଓ ଉପସଭାପତି ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଧୀରେନ୍ଦ୍ରନାଥ ମଲ୍ଲିକ, ଓଡିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ଭଦ୍ରକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ମହାପାତ୍ର, ବିଜେପି ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ଯୋଗ ଦେଇଥିଲେ। ୧୯୪୨ ଅଗଷ୍ଟ ୨୮ରେ ଧୂଷୁରୀ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନେ ଆଜାଦ ଧୂଷୁରୀ ଘୋଷଣା କରିଥିଲେ। ଏହାର ସ୍ମୃତି ରକ୍ଷା ପାଇଁ ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ୮ବର୍ଷ ହେଲା ପାଳନ କରିଆସୁଛି। ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅନୁଷ୍ଠାନ ସମ୍ପାଦକ ଦୁର୍ଯୋଧନ ତରେଇ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ବିରେନ୍ଦ୍ର ଆରଣ, ସେବାନିବୃତ୍ତ ପ୍ରଧାନଶିକ୍ଷକ ଅକ୍ଷୟ ଗୋସ୍ୱାମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ସହସମ୍ପାଦକ କ୍ଷୀରୋଦ ଧଳ ଧନ୍ୟବାଦ ଦେଇଥିଲେ। ଆଜାଦ ଧୂଷୁରୀ ସ୍ମାରକୀ ପାଳନର ଉଦ୍ୟୋକ୍ତା ହେମନ୍ତ ସୁତାର, ନୀରୋଦ ବେହେରା, ଆଇନଜୀବୀ ଶଶିଭୂଷଣ ପଣ୍ଡା, ନୃସିଂହ ଚରଣ ତରାଇ, ପଣ୍ଡିତ ଦୟାନିଧି ମିଶ୍ର, ଫଣିଭୂଷଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ମାଙ୍ଗେଶ୍ୱରପୁରରୁ ପୋତାଗଡ଼ିଆ ରାସ୍ତା ଶୋଚନୀୟ

ସୋର, ୨୮।୮ (ସମିସ)

ସୋର ବ୍ଲକ ମୁଳିସିଂ ପଞ୍ଚାୟତ ମାଙ୍ଗେଶ୍ୱରପୁରରୁ ପୋତାଗଡ଼ିଆ ପର୍ଯ୍ୟନ୍ତ ଯାଇଥିବା ଦୁଇ କିମି ମାଟି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବର୍ଷା ହେବା କ୍ଷଣି ଏହି ରାସ୍ତାରେ ଯାତାୟାତ କରିବା ଅସମ୍ଭବ ପ୍ରାୟ। ଦୀର୍ଘ ବର୍ଷର ଏହି ମାଟି ରାସ୍ତା ଉପରେ ମାଙ୍ଗେଶ୍ୱରପୁର, ପୋତାଗଡ଼ିଆ, ଥାଳା, ବର୍ତ୍ତନା ଓ ତେନ୍ତୁଳିଗଛି ଆଦି ଗ୍ରାମର ହଜାରେରୁ ଊର୍ଦ୍ଧ୍ୱ ଲୋକେ ନିର୍ଭରଶୀଳ ଅଟନ୍ତି। କିନ୍ତୁ ବର୍ଷା ଦିନ ଆସିବା କ୍ଷଣି ଲୋକଙ୍କ ମନରେ ରାସ୍ତାର ଛନକା। ଅନେକ ବାର ରାସ୍ତାର ଶୋଚନୀୟ ଅବସ୍ଥା କାରଣରୁ ଲୋକେ ରାସ୍ତାରେ ପଡ଼ି ଗୋଡ଼ ହାତ ଭାଙ୍ଗିବା ସହିତ ଖଣ୍ଡିଆ ଖାବରା ହୋଇଛନ୍ତି। ମାତ୍ର ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ବା ଲୋକ ପ୍ରତିନିଧିଙ୍କ ଏହି ରାସ୍ତା ଉପରେ ଦୃଷ୍ଟି ପଡୁନାହିଁ। ଯେଉଁଥି ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପୂର୍ବରୁ ଗ୍ରାମବାସୀ ମାନେ ଅନେକ ଥର ସୋର ବିଡିଓଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ନେଇ ଗତ ୨୧ ତାରିଖ ଦିନ ଗ୍ରାମର ଚିତ୍ତରଞ୍ଜନ ମହାକୁଡଙ୍କ ନେତୃତ୍ୱରେ କିଛି ଯୁବକ ଦିଲ୍ଲୀରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ଭେଟି ସମସ୍ୟା ବାବଦରେ ଲିଖିତ ଅଭିଯୋଗ କରିଛନ୍ତି। ଆଗାମୀ ମାସେ ମଧ୍ୟରେ ରାସ୍ତାକୁ ନିର୍ମାଣ ପାଇଁ ସାଂସଦ ଶ୍ରୀ ସେଠୀ ପ୍ରତିଶ୍ରୁତି ଦେଇଥିବା ଚିତ୍ତରଞ୍ଜନ କହିଛନ୍ତି। ଯଦି ତୁରନ୍ତ ଏହି ରାସ୍ତା କାମ ନ ହୁଏ ତେବେ ଆଗାମୀ ଦିନରେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।



**ସାଂସଦଙ୍କୁ ଭେଟିଲେ ଗ୍ରାମବାସୀ**

## ନକଲି ପାନ ମସଲା ବିକ୍ରି

● ପାନ ମସଲା ଜବତ, ୨ ଗିରଫ

ବସ୍ତା ବ୍ଲକ, ୨୮।୮ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା, ବାଲିଆପାଳ, ଜଳେଶ୍ୱର ଅଞ୍ଚଳରେ ଜୟପାଲ୍ ନାମକ ଏକ ପାନ ମସଲାକୁ ନକଲି କରି ବିକ୍ରି କରିବା ଅଭିଯୋଗରେ ବାଲିଆପାଳ ପୁଲିସ ୫ ଜଣ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଗିରଫ କରି ତାଙ୍କ ନିକଟରୁ ନକଲି ପାନ ମସଲା ଜବତ କରିଥିବା ଜଣା ପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ ଜୟପାଲ ପାନ ମସଲା ନକଲି ପ୍ୟାକେଟ ବାଲିଆପାଳରେ କମ୍ ଦାମରେ ବିକ୍ରି ହେଉଥିବା ଜାଣିବାକୁ ପାଇ ବାଲେଶ୍ୱର ଜିଲ୍ଲାର ଅଧିକୃତ ବିକ୍ରେତା ଥିବା କୃଷ୍ଣଚନ୍ଦ୍ର ଦତ୍ତ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବାଲିଆପାଳ ପୁଲିସ ତଦନ୍ତ ଜାରି ରଖିବା ସହିତ ଏହି ଥାନା ଅନ୍ତର୍ଗତ ଡାଙ୍ଗପିଟା ଗ୍ରାମର ଜଗନ୍ନାଥ ବାରିକଙ୍କ ଘରେ ଚଢ଼ଉ କରି ନକଲି ପାନ ମସଲା ଜବତ କରିବା ସହିତ ଅଭିଯୁକ୍ତ ଜଗନ୍ନାଥକୁ ଥାନାରେ ଅଟକ କରିଥିଲେ। ତାକୁ ଥାନାରେ ପୁଲିସ ପଚରା ଉଚୁରା କରିବା ପରେ ସେ ଏହି ମାମଲାରେ ସମ୍ପୃକ୍ତ ଥିବା ସିଂଲା ଥାନା ଅଞ୍ଚଳର ଚୈତନ୍ୟ ସାହୁ, କୁଜଙ୍ଗ ଥାନା ନରେନ୍ଦ୍ର ପୁର ଗ୍ରାମର ଅଶୋକ କୁମାର ସ୍ୱାଇଁ, ବଡ଼ବନ୍ଧ ଗ୍ରାମର ବିଚିତ୍ରାନନ୍ଦ ବିଶ୍ୱାଳ ଓ ସାମନ୍ତରାପୁର ଗ୍ରାମର ସୁବାସ ସ୍ୱାଇଁଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇ ସିଂଲାର ଚୈତନ୍ୟ ସାହୁ ଓରଫ ଶମ୍ଭୁ ଘରେ ଚଢ଼ଉ କରି ନକଲି ପାନ ମସଲା ଜବତ ସହିତ ତାକୁ ମଧ୍ୟ ଥାନାକୁ ଆଣି ୨୩୬/୨୫ ନମ୍ବର ର ଏକ ମାମଲା ରୁଜୁ କରି ଥାନାରୁ ସର୍ତ୍ତ ମୂଳକ ଜାମିନରେ ଛାଡି ଥିଲେ। ଅନ୍ୟ ୩ ଜଣଙ୍କୁ ପୁଲିସ ଗିରଫ କରି ପାରି ନ ଥିବା ଜଣାପଡ଼ିଛି।

● ଗ୍ରୋସେରୀ ଦୋକାନରୁ ଚୋରି ଘଟଣା

## ଆଉ ଦୁଇ ଅଭିଯୁକ୍ତ ଗିରଫ

ସୋର, ୨୮।୮ (ସମିସ): ସୋର ଥାନା ମଙ୍ଗଳପୁର ବଜାରରେ ଥିବା ଏକ ଗ୍ରୋସେରୀ ଦୋକାନରୁ ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସୋର ପୁଲିସ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଗୁଡ଼ି ଗ୍ରାମର ରତିକାନ୍ତ ଦାସ ଏବଂ ଠାକୁରା ଗ୍ରାମର ଭୋଳେଶ୍ୱର ଜେନା। ଗତ ଜୁଲାଇ ୨୨ରେ ମଙ୍ଗଳପୁର ଗ୍ରାମର ତାପସ ଦାସ ମଙ୍ଗଳପୁର ବଜାରରେ ଥିବା ତାଙ୍କ ଗ୍ରୋସେରୀ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। କିନ୍ତୁ ସକାଳେ ଦୋକାନ ଖୋଲିବା ସମୟରେ ଦୋକାନ ପଛପଟ ଝରକା ଭାଙ୍ଗି ଭିତରେ ଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ସେତେବେଳେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ ସୋର ପୁଲିସ ଗିରଫ କରିଥିବାବେଳେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି।

## ଅଲଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର ବୈଠକ

ବାଲେଶ୍ୱର, ୨୮।୮ (ସମିସ): ଅଲଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲା କମିଟିର ନେତୃତ୍ୱମାନଙ୍କୁ ନେଇ ଏକ ଆଞ୍ଚଳିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଇଂ. ଅନାଦି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ମାସିକ ଇପିଏଫ ସର୍ବନିମ୍ନ ପେନସନ ୯ହଜାର ଟଙ୍କା ଓ ଅଧିକ ବେତନ ପାଇଥିବା ସମସ୍ତ କର୍ମଚାରୀମାନଙ୍କୁ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ଅଧିକ ପେନସନ ଏବଂ ପେନସନ ସହ ମହଙ୍ଗାଭତା ଦାବି ଉପରେ ଆଗାମୀ ଆନ୍ଦୋଳନ ପାଇଁ ଜିଲ୍ଲା ସଙ୍ଗଠନମାନଙ୍କୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଗୃହିତ ହୋଇଛି। ରାଜ୍ୟ କମିଟିର ସଭାପତି ଇଂ ବିଜୟ କୁମାର ଜେନା, ସାଧାରଣ ସମ୍ପାଦକ ତଥା ଜାତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ରାଜ୍ୟ ଉପଦେଷ୍ଟା ନଟବର ଆଚାର୍ଯ୍ୟ ଓ ଗୌରାଙ୍ଗ ପାଣିଗ୍ରାହୀ, ସମ୍ପାଦିକା ଉର୍ବଶୀ ମିଶ୍ର ପ୍ରମୁଖ ରାଜ୍ୟ ଏବଂ ଜାତୀୟସ୍ତର ଦାବିପୂରଣ ଦିଗରେ ଆଗାମୀ ଆନ୍ଦୋଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସମ୍ପାଦକ ତଥା ବୈଠକର ଆବାହକ ବିଷ୍ଣୁ ପ୍ରସାଦ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଲୋଚନାର ବିଷୟ ବୈଠକରେ ଆଗତ କରିଥିଲେ। ବିଭିନ୍ନ ଜିଲ୍ଲା କମିଟି ପକ୍ଷରୁ ସର୍ବଶ୍ରୀ ନିରଞ୍ଜନ ପରିଡ଼ା, ମଦନ ମୋହନ ଜେନା, କୁଞ୍ଜବିହାରୀ ନାୟକ, ପରମେଶ୍ୱର ପାତ୍ର, ପଙ୍କଜ ଚରଣ ଜେନା, ବସନ୍ତ ଦାଶ, ରମେଶ ଚନ୍ଦ୍ର ଘଡାଇ ଓ ଶରତ ଚନ୍ଦ୍ର ଦଳାଇ ପ୍ରମୁଖ ଆଲୋଚନାରେ ଭାଗ ନେଇ କେନ୍ଦ୍ର ସରକାରଙ୍କର ଇପିଏଫ ପେନସନଭୋଗୀ ବରିଷ୍ଠ ନାଗରିକଙ୍କ ପ୍ରତି ଅବିଚାର ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିଥିଲେ। ମାସିକ ମାତ୍ର ଏକ ହଜାର ଟଙ୍କା ବା ତହିଁରୁ କମ ପେନସନ ପାଉଥିବା କର୍ମଚାରୀମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ବକ୍ତାମାନେ ବୈଠକରେ ଆଲୋକପାତ କରିଥିଲେ। ମାୟାଧର ନାୟକ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ସିଏମ୍ କିଷାନ ଦିବସ ପାଳିତ

ବାଲେଶ୍ୱର, ୨୮।୮ (ସମିସ): ଜିଲ୍ଲାରେ ଜିଲ୍ଲାସ୍ତରୀୟ ସିଏମ କିଷାନ ଦିବସ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିଲେ। ଏହା ସହିତ ୧୨ଟି ବ୍ଲକରୁ ୨୫୦ଜଣ କୃଷକ, ବିଭିନ୍ନ ବିଭାଗୀୟ ଅଧିକାରୀ, ବାଲିଆପାଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ, ସମସ୍ତ ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ଗ୍ରାମ କୃଷି କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ ଯୋଗଦେଇ ଦୁଇଟି ଋତୁରେ ଚାଷୀମାନଙ୍କୁ ୨ହଜାର ଟଙ୍କା ଲେଖାଏଁ ମୋଟ ୪ହଜାର ଟଙ୍କା ଆର୍ଥିକ ସହାୟତା ପ୍ରତ୍ୟକ୍ଷ ହିତାଧିକାରୀ ସ୍ଥାନାନ୍ତର ମାଧ୍ୟମରେ ପ୍ରଦାନ କରାଯିବା ଓ ଏହା ବ୍ୟତିତ ସିଏମ କିଷାନ ଯୋଜନାର ହିତାଧିକାରୀଙ୍କ ମେଧାବୀ ଛାତ୍ରଛାତ୍ରୀ ପାଇଁ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ବୈଷୟିକ ଶିକ୍ଷା ପାଇଁ ବୃତ୍ତି ପ୍ରଦାନ କରାଯାଉଛି ବୋଲି କହିଥିଲେ। ବିଶେଷ କରି ଜିଲ୍ଲାର ୩ ଲକ୍ଷ ୫୫ହଜାର ୮୮୫ ଜଣ ଭୂମିହୀନ ଏବଂ କ୍ଷୁଦ୍ର ଓ ନାମମାତ୍ର କୃଷକମାନଙ୍କୁ ଡିବିଟି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ୍ କିଷାନ କିସ୍ତି ପ୍ରଦାନ କରାଯାଇଥିଲା। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ବାଲେଶ୍ୱରର ୧୫୩୭ ଜଣ ଛାତ୍ରଛାତ୍ରୀ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ୬.୫୫ କୋଟି ଟଙ୍କାର ବୃତ୍ତି ପାଇଛନ୍ତି ବୋଲି କହିଥିଲେ। ଏଡିଓ ସରୋଜ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପ୍ରବେଶ ଉତ୍ସବ

ଭୋଗରାଇ, ୨୮।୮ (ସମିସ): ବିଦ୍ୟାର୍ଥୀ ମାନେ ଶୃଙ୍ଖଳା, ସଂଯମ, ଚରିତ୍ର ଗଠନ, ଗୁରୁଭକ୍ତି, ଏକାଗ୍ରତା ରହିଲେ ସଫଳତା ଶୀର୍ଷରେ ପହଞ୍ଚି ପାରିବେ ବୋଲି ଆଜି ଭୋଗରାଇ ବ୍ଲକ ମନ୍ଦାରସାହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅବସରରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥି ମାନେ ମତ ପ୍ରକାଶ କରିଛନ୍ତି।

ଏହି ଉତ୍ସବକୁ ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଉଦଘାଟନ କରିଥିଲେ। ଅନୁଷ୍ଠାନର ଛାତ୍ରୀ ଛାତ୍ର ମାନଙ୍କ ପକ୍ଷରୁ ଏକ ମାତୃପିତୃ ଓ ଶିକ୍ଷିକା ଶିକ୍ଷକଙ୍କୁ ଭକ୍ତି ଭାବନା ଭାବେ ପୂଜନ କରାଯାଇ ଆଶିଷ ଭିକ୍ଷା କରାଯାଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ସଭାପତି ସୁଶାନ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ମଞ୍ଚ ପରିଚାଳନା କରିଥିଲେ କବି ଡ. ଶ୍ରୀକୁମାର ଘୋଷ। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ଶିକ୍ଷା ହେଉଛି ଜ୍ଞାନ ଗନ୍ତାଘରର ଚାବିକାଠି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ନାରାୟଣ ଦାସ ମାତାପିତା ଝିଅ ପୁଅ ମାନଙ୍କୁ ସଂସ୍କାରୀ କଲେ ବୃଦ୍ଧା ମାତାପିତାଙ୍କ ଅନ୍ତରର କଥା ଓ ବ୍ୟଥାକୁ ବୃଦ୍ଧାଶ୍ରମରେ ଆଖିର ଲୁହ ରାତି ଦିନଗଣିବାକୁ ପଡ଼ିବ ନାହିଁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ମନ୍ଦାର ସାହି ସରପଞ୍ଚ ମମତା ସାହୁ, ସହୋରିଆ ସରପଞ୍ଚ ଜଗନ୍ନାଥ ସେଠୀ, ମନ୍ଦାରସାହି ସମିତି ସଦସ୍ୟ ଲକ୍ଷ୍ମୀନାରାଣ ସାହୁ, ଶିକ୍ଷକ ଭରତ ଭୂଷଣ ଦାଶ, ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ଶେଖର ଦାସ, ପଞ୍ଚାନନ ବେହେରା, କାଳାହି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଗୌତମ କୁମାର ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ଶିକ୍ଷା କେନ୍ଦ୍ରଟି ଗଢ଼ି ଉଠିଥିବା ଘରର ମାଲିକ ଉତ୍ତମ କୁମାର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଶିକ୍ଷା ଅନୁଷ୍ଠାନର ସମ୍ପାଦକ ଜୟନ୍ତ କୁମାର ତୋଳା ଧନ୍ୟବାଦ ଅର୍ପଣ କରିଥିଲେ।

**ଏସିଆନ ବଡି ବିଲ୍‌ଡିଂ ଚାମ୍ପିଅନସିପ୍**

# ବ୍ରୋଞ୍ଜ ପଦକ ହାସଲ କଲେ ବାଲେଶ୍ୱରର ମନୋଜ



ବାଲେଶ୍ୱର, ୨୮।୮ (ସମିସ)




ଅଗଷ୍ଟ ୨୨ ତାରିଖଠାରୁ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକଠାରେ ଅନୁଷ୍ଠିତ ହୋଇଥିବା ୫୭ତମ ଏସିଆନ ବଡି ବିଲଡିଂ ଚାମ୍ପିଅନସିପ୍‌ରେ ସଫଳତା ହାସଲ କରିଛନ୍ତି ବାଲେଶ୍ୱରର ମନୋଜ ବିହାରୀ ଦାସ। ଏହି ପରିପ୍ରେକ୍ଷୀରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ମାଷ୍ଟର ମେନ୍ସ ବଡି ବିଲଡିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସିଆର ୨୨ଟି ଦେଶର ୩୦ ପ୍ରତିଯୋଗୀ ଭାଗ ନେଇଥିଲେ। ୨୭ ଜଣଙ୍କୁ ପଛରେ ପକାଇ ୬୫ ବର୍ଷୀୟ ମନୋଜ ତୃତୀୟ ସ୍ଥାନ ଅଧିକାର କରିବା ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାରତ ତଥା ଓଡ଼ିଶା ପାଇଁ ଗୌରବ ଆଣିଥିବା ଶ୍ରୀ ଦାସଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଏହି ପରିପ୍ରେକ୍ଷୀରେ ମନୋଜ ବଡି ବିଲ୍‌ଡିଂ କରୁଥିବା ବିକନ ଜିମ୍ ପକ୍ଷରୁ ଆଜି ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅପରାହ୍ନରେ ଶ୍ରୀ ଦାସଙ୍କୁ ତାଙ୍କ ସୁନହଟସ୍ଥିତ ବାସଭବନରୁ ଏକ ରୋଡ଼ ଶୋ ମାଧ୍ୟମରେ ସହର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ଜିମ୍‌ର ପ୍ରତିଷ୍ଠାତା ତଥା ମାଷ୍ଟର ଟ୍ରେନର ଅଭିଷେକ ଦାଶଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ବଡି ବିଲଡିଂ ଆସସିଏସନର ସମ୍ପାଦକ ତରୁଣ ଚାଟାର୍ଜୀ, ସମ୍ମାନିତ ଅତିଥି ଭାବେ ସହ ସମ୍ପାଦକ ମନୋଜ ଦାସ, ଯୁବନେତା ବିକାଶ ପାଢ଼ୀ ପ୍ରମୁଖ ଉପସ୍ଥିତ ହୋଇ ବ୍ରୋଞ୍ଜ ବିଜେତା ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ରଞ୍ଜନ ଘଡ଼େଇ, ଚିନ୍ମୟ ପଣ୍ଡା, ବନଜ ଜେନା, କାର୍ତ୍ତିକ ମହାପାତ୍ର, ବଣ୍ଟି ନନ୍ଦ, ରୋହିତ ପଣ୍ଡା, ଦିବ୍ୟଜ୍ୟୋତି ଲେଙ୍କା, ଅଭିଜିତ ବେହେରା, ଦୀପକ ସାହୁ, ସନ୍ଦୀପ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ବିଭିନ୍ନ ସ୍ଥାନରେ ଗଜାନନ ପୂଜା




## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ । ଆର୍ଥିକ ସମସ୍ୟା ଦେଖାଦେବ । ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ । ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ । ମନ ପ୍ରସନ୍ନ ରହିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ନୂଆ କାର୍ଯ୍ୟ ଆରମ୍ଭ କରିବେ । ବିଦେଶ ଯାତ୍ରା ଯୋଗ ରହିଛି । ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ । ନିବେଶରୁ ଲାଭ ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ । ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ । ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ । ବିବାହ ପ୍ରସ୍ତାବ ସ୍ଥିର ହେବ । କଳା କ୍ଷେତ୍ରରେ ରୁଚି ବଢ଼ିବ । ଦେବ କାର୍ଯ୍ୟରେ ମନୋଯୋଗ ଦେବେ ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ । ପାରିବାରିକ ବିବାଦ ଦେଖା ଦେବ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** କାର୍ଯ୍ୟରେ ବାଧା ଆସିବ । ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ । ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ । ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ ।

**ଧନୁ:** କର୍ମ ଚଞ୍ଚଳ ରହିବେ । ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ । ସମୟ ପୂର୍ବରୁ କାମ ଶେଷ କରିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ । ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ । ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ । ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ । ପରିବାରରେ ହସଖୁସିର ପରିବେଶ ରହିବ । ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ । ଧନଲାଭ ଯୋଗ ଅଛି । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

## ଆଜିର ଇତିହାସ

- ୧୮୪୨- ଅଫିମ ଯୁଦ୍ଧ ସମାପ୍ତ ।
- ୧୯୦୫- ହକି ଯାଦୁକର ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମ ।
- ୧୯୨୨- ପ୍ରଥମ ରେଡିଓ ବିଜ୍ଞାପନ ନ୍ୟୁୟର୍କ ସହରରେ ପ୍ରସାରିତ ହେଲା ।
- ୧୯୫୭- ନାଗରିକ ଅଧିକାର ଅଧିନିୟମ ପାରିତ ହେଲା ।
- ୧୯୭୪-ଚୌଧୁରୀ ଚରଣ ସିଂହ ଲୋକଦଳ ପାର୍ଟିର ସ୍ଥାପନା କଲେ ।
- ୨୦୦୪- ଏଥେନ୍ସ ଅଲିମ୍ପିକ୍ସର ସମାପନ ।

# ମା’ ହେବେ ପରିଣୀତି

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ରାଘବ ଚଡ୍ଡାଙ୍କ ଘରକୁ ଖୁବ୍‌ଶୀଘ୍ର ନୂଆ ଅତିଥିଙ୍କ ଆଗମନ ହେବାକୁ ଯାଉଛି । ବିବାହର ଦୁଇ ବର୍ଷ ପରେ ମା’ ହେବାକୁ ଯାଉଛନ୍ତି ପରିଣୀତି । ଉଭୟ ପରିଣୀତି ଏବଂ ରାଘବ ଏହି ଖୁସି ଖବର ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି । ଦୁହେଁ ଦୁଇରୁ ତିନି ହେବାକୁ ଯାଉଥିବା କହିଛନ୍ତି । ଅବଶ୍ୟ ସେମାନଙ୍କର ଏହି ଖୁସି ଖବର ସମ୍ପର୍କରେ କପିଲ ଶର୍ମାଙ୍କ ଶୋ’ରୁ ଅନୁମାନ କରାଯାଉଥିଲା । ଶେଷରେ ସେମାନେ ଏକଥା ସମସ୍ତଙ୍କୁ ଜଣାଇଛନ୍ତି । ପରିଣୀତି ତାଙ୍କ ପୋଷ୍ଟରେ କହିଛନ୍ତି, “ଆମର ଛୋଟ ଦୁନିଆ ଏବେ ରାସ୍ତାରେ ଅଛି ।” ଶୁଭେଚ୍ଛା ଓ ଆଶୀର୍ବାଦ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହାସହ ନଜର ନ ଲାଗିବାର ଇମୋଜି ବି ସେୟାର୍ କରିଛନ୍ତି । ସେହିପରି ତାଙ୍କର ଏହି ପୋଷ୍ଟରେ କେକ୍‌ର ଫଟୋ ଅଛି । ଏଥିରେ ୧+୧=୩ ଲେଖାଯିବା ସହ ଛୋଟ ପିଲାର ପାଦ ଚିହ୍ନ ବି ଅଛି । ଏହାସହ ଏଥିରେ ଏକ ଭିଡିଓ ମଧ୍ୟ ରହିଛି । ଯେଉଁଥିରେ ପରିଣୀତି ରାଘବଙ୍କ ହାତ ଧରି ବଗିଚାରେ ଚାଲୁଥିବା ଦେଖାଯାଇଛି । ଏହି ଖବର ସାମ୍ନାକୁ ଆସିବା ପରେ ଉଭୟଙ୍କ ପରିବାର ଲୋକେ, ସାଙ୍ଗସାଥୀ ଏବଂ ପ୍ରଶଂସକ ସେମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛନ୍ତି ।



# ଜାତୀୟ କ୍ରୀଡ଼ା ଦିବସ

ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଭାରତୀୟ ହକିର ପ୍ରବାଦ ପୁରୁଷ ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମଦିବସକୁ ‘ଜାତୀୟ କ୍ରୀଡ଼ା ଦିବସ’ ଭାବେ ପାଳନ କରାଯାଉଛି । ଜୀବନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ଏହି ଦିବସ ସଚେତନ କରାଇଥାଏ । ଏହାସହ ସ୍ୱାସ୍ଥ୍ୟ ସଚେତନ ଦୃଷ୍ଟିରୁ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ନେଇ ଏହି ଦିବସ ଲୋକଙ୍କୁ ପ୍ରୋତ୍ସାହିତ କରିଥାଏ । ୧୯୦୫ ଅଗଷ୍ଟ ୨୯ରେ ପ୍ରୟାଗରାଜରେ ଧ୍ୟାନଚାନ୍ଦ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂରା ନାଁ ମେଜର ଧ୍ୟାନଚାନ୍ଦ ସିଂହ । ସେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ ୧୯୨୨ ମସିହାରେ ସୈନିକ ଭାବେ ବ୍ରିଟିଶ ସେନାରେ ସାମିଲ ହୋଇଥିଲେ । ୧୯୨୬ରୁ ୧୯୪୮ ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ହକି କ୍ୟାରିୟରରେ ଧ୍ୟାନଚାନ୍ଦ ପାଖାପାଖି ୧୮୫ଟି ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ୧୯୨୮ ର ଆର୍ମଷ୍ଟରଡ୍ୟାମ୍ ଅଲମ୍ପିକ୍ସ, ୧୯୩୨ ମସିହାର ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ଓ ୧୯୩୬ ଜର୍ମାନୀର ବର୍ଲିନ ଅଲିମ୍ପିକ୍ସରେ ଲଗାତାର ସେ ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ । ସେ ତାଙ୍କ ୨୨ ବର୍ଷର କ୍ୟାରିୟରରେ ୪୦୦ରୁ ଅଧିକ ଗୋଲ୍ ଦେଇ ଅପ୍ରତିଦ୍ୱନ୍ଦ୍ୱୀ ପାଲଟିଥିଲେ । କେବଳ ଭାରତ ନୁହେଁ, ସାରା ପୃଥିବୀରେ ତାଙ୍କ ଅଦ୍ୱିତୀୟ ଖେଳର ଅଗଣିତ ପ୍ରଶଂସକ ଥିଲେ । ଅଲମ୍ପିକ୍ସ ସଂଘ ଧ୍ୟାନଚାନ୍ଦଙ୍କୁ ଶତାବ୍ଦୀର ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରିଥିଲା । ହକି ଦୁନିଆରେ ମେଜର ଧ୍ୟାନଚାନ୍ଦ ଯେଉଁ ରୂପରେଖ ପ୍ରସ୍ତୁତ କରିଥିଲେ ତାହା ଅତୁଳନୀୟ । ଏହି ମହାନ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ୨୦୧୨ରେ ତାଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ଖେଳ ଜଗତରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଏ ।



# ଏଠି ପୁରୁଷଙ୍କୁ ରହିବା ମନା

ପ୍ରତିଟି ଗାଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ତନ୍ମଧ୍ୟରୁ କିଛି ଗାଁ ତାର ପ୍ରାକୃତିକ ଶୋଭାରାଜି ପାଇଁ ଚର୍ଚ୍ଚାରେ ଥିବାବେଳେ ଆଉ କିଛି ତା’ର ବିଚିତ୍ର ପରମ୍ପରା ପାଇଁ ଧ୍ୟାନ ଆକର୍ଷଣ କରିଥାଏ । ଏମିତି ଏକ ଗାଁ’ ହେଉଛି କେନିଆର ଉମୋଜା ଉଆସୋ । ଏହି ଗାଁ’ରେ କେବଳ ମହିଳା ବସବାସ କରନ୍ତି । ପୁରୁଷଙ୍କୁ ଏଠାରେ ରହିବାକୁ ଅନୁମତି ମିଳେ ନାହିଁ । ୧୯୯୦ ମସିହାରେ ଗଢ଼ି ଉଠିଥିବା ଏହି ଗାଁ’ଟି କେନିଆର ରାଜଧାନୀ ନାଇରୋବିଠାରୁ ପାଖାପାଖି ୩୮୦ କିଲୋମିଟର ଦୂରରେ ଥିବା ସମ୍ବୁରୁ କାଉଣ୍ଟିରେ ଅବସ୍ଥିତ । ରେବେକା ଲୋଲୋସୋଲି ଏହି ଗାଁର ସ୍ଥାପନା କରିଥିଲେ । ତେବେ ଏହି ଗାଁରେ ମୁଖ୍ୟତଃ ଯୌନ ହିଂସା ତଥା ଦୁର୍ବ୍ୟବହାରର ଶିକାର ହୋଇଥିବା ମହିଳାମାନେ ରହୁଛନ୍ତି । ଏହି ମହିଳାମାନଙ୍କୁ ସେମାନଙ୍କ ପରିବାର ଛାଡ଼ି ଦେଇଛନ୍ତି । ୨୦୧୫ ସୁଦ୍ଧା ଏହି ଗାଁ’ରେ ୪୭ ଜଣ ମହିଳା ଏବଂ ୨୦୦ ଶିଶୁ ଥିଲେ । ଏହି ଗାଁକୁ ପୁରୁଷ ଆସି ପାରିବେ ସତ କିନ୍ତୁ ଏଠାରେ ରହିପାରିବେ ନାହିଁ । ଉମୋଜା ଉଆସୋ ଏବେ ମହିଳା ସଶକ୍ତିକରଣର ଅନନ୍ୟ ଉଦାହରଣ ପାଲଟିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୧୮ ବର୍ଷରୁ କମ୍ ବୟସର ପୁଅ ଏହି ଗାଁ’ରେ ରହିପାରନ୍ତି । ପୁଅମାନଙ୍କର ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ହେଲେ ଏଠାରେ ସେମାନଙ୍କୁ ରହିବାକୁ ଅନୁମତି ମିଳେ ନାହିଁ । ଗାଁ’ରେ ରହୁଥିବା ମହିଳାମାନଙ୍କ ସମ୍ବନ୍ଧରେ କୌଣସି ନିଷ୍ପତ୍ତି ‘ ଟ୍ରି ଅଫ୍ ସ୍ପିଚ୍’ ଜରିଆରେ ନିଆଯାଇଥାଏ । ଲୋଲୋସୋଲି ଏହି ଗାଁର ମୁଖିଆ । ଗାଁ’ର ସମସ୍ତ ମହିଳାଙ୍କୁ ସମାନ ଅଧିକାର ଦିଆଯାଇଛି । ଏଠାରେ ରହୁଥିବା ମହିଳାମାନେ ମୁଖ୍ୟତଃ ସମ୍ବୁରୁ ସଂସ୍କୃତିର । ଏମାନେ ବିଭିନ୍ନ ପ୍ରକାରର ମାଳି ବିକି ନିଜ ଗୁଜୁରାଣ ମେଣ୍ଟାନ୍ତି । ଗାଁ’ର ମହିଳାମାନେ ଯୌନଉତ୍ପୀଡ଼ନ, ମହିଳା ବିରୋଧି ସାମାଜିକ ବ୍ୟବସ୍ଥା ଓ ବ୍ୟଭିଚାର ବିରୋଧରେ ନିଜର ସଂଗ୍ରାମ ଜାରି ରଖିଛନ୍ତି ।






'ସକାଳ'ର ସ୍ୱାସ୍ଥ୍ୟ


# ସ୍କ୍ରୁୱର୍ମ

**ମହାମାରୀ କରୋନା ପରେ ଅନେକ ଭୂତାଣୁଜନିତ ରୋଗ ଦେଖାଯାଉଛି । ତନ୍ମଧ୍ୟରୁ କିଛି ଭୂତାଣୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହେଉଥିବାବେଳେ ଆଉ କିଛି ପରଜୀବୀ ଲୋକଙ୍କ ଚିନ୍ତା ବଢ଼ାଏ । ଏହି କ୍ରମେ ଏବେ ଆମେରିକାରେ ସ୍କ୍ରୁୱର୍ମ ରୋଗ ଚିହ୍ନଟ ହୋଇଛି । ୨୦୨୩ ମସିହାରେ ସେଣ୍ଟ୍ରାଲ ଆମେରିକାରେ ଏହି ପରଜୀବୀ ପ୍ରଥମଥର ପାଇଁ ଚିହ୍ନଟ ହୋଇଥିଲା । ପରେ ଏହା ଅନେକ ଦେଶକୁ ବ୍ୟାପିଥିଲା । ତେବେ ଏହି ପରଜୀବୀ କିପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ ଜାଣନ୍ତୁ ।**



ସ୍କ୍ରୁୱର୍ମ ପରଜୀବୀ ରୋଗ 'ନ୍ୟୁ ୱାର୍ଲ୍ଡ ସ୍କ୍ରୁୱର୍ମ' ଲାର୍ଭାରୁ ହୋଇଥାଏ । ସ୍କ୍ରୁୱର୍ମ ମାଛିରୁ ବ୍ୟାପୁଥିବା ଏହା ଏକ ପରଜୀବୀ ରୋଗ । ମୁଖ୍ୟ ରୂପେ ଗାଈ, ମଇଁଷି, ଛେଳି, ଆଦିଙ୍କୁ ଏହି ପରଜୀବୀ ସଂକ୍ରମିତ କରିଥାଏ । ଏହା ମଣିଷଙ୍କୁ ମଧ୍ୟ ସଂକ୍ରମଣ କରିପାରେ । ଘା, କଟିଯାଇଥିବା ଆଖିଡ଼ା ସ୍ଥାନରେ ସ୍କ୍ରୁୱର୍ମ ମାଛି ବହୁତ ଶୀଘ୍ର ପ୍ରଜନନ କରିପାରନ୍ତି । ଗୋଟିଏ ଥରରେ ଏମାନେ ୨୦୦ରୁ ୩୦୦ ଅଣ୍ଡା ଦେଇଥାନ୍ତି । ୧୨ରୁ ୨୪ ଘଣ୍ଟା ପରେ ଅଣ୍ଡା ଫୁଟି ଲାର୍ଭା ବାହାରେ । ଲାର୍ଭାର ପରଜୀବୀ ମଣିଷର ଘା' ଭିତରେ ବ୍ୟାପି ଜୀବିତ ଟିସ୍ୟୁକୁ ଖାଇବା ଆରମ୍ଭ କରି ଦିଅନ୍ତି । ଯାହାଦ୍ୱାରା ଘା' ଅଧିକ ବଡ଼ ଏବଂ ଗଭୀର ହୋଇଯାଏ । ଏହା ସମୟ କ୍ରମେ ବିପଜ୍ଜନକ ହୋଇପାରେ । ବିଶେଷ କଥା ହେଉଛି, ପରଜୀବୀ ପ୍ରବେଶ କରିବା ପରେ ଶରୀରରେ କିଛି ଲକ୍ଷଣ ଯଥା- ଘା' ସ୍ଥାନଟି ଯନ୍ତ୍ରଣା ଲାଗିବା, ସେହି ସ୍ଥାନଟି ଫୁଲି କରି ଲାଲ୍ ପଡ଼ିବା, କିମ୍ବା ଘା'ରୁ ଦୁର୍ଗନ୍ଧ ଆସିଥାଏ । ସାଧାରଣତଃ ଏହି ମାମଲା ଖୁବ୍ କମ୍ ଦେଖାଯାଏ । ତେଣୁ ଲକ୍ଷଣ ଆରମ୍ଭରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରିବା ଜରୁରି । ଲାର୍ଭାକୁ ହଟାଇ ଘା'କୁ ସଫା କରିବା ତଥା ପ୍ରାଣିକ ଉପଚାର ଦ୍ୱାରା ଏହି ରୋଗର ଗମ୍ଭୀରତା ହ୍ରାସ ପାଇପାରେ ।

# ଏଲ୍‌ଏଫ୍‌ଟି ଟେଷ୍ଟ



**ଯକୃତ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଖାଦ୍ୟ ହଜମ କରିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାରି କରିଥାଏ । ତେଣୁ ଜଣେ ସୁସ୍ଥ ରହିବାକୁ ହେଲେ ଯକୃତ ସକ୍ରିୟ ଓ କାର୍ଯ୍ୟକ୍ଷମ ରହିବା ଜରୁରି । ହେଲେ ଅଧୁନା ଭୁଲ୍ ଖାଦ୍ୟାଭ୍ୟାସ ଓ ଜୀବନଶୈଳୀ ଯୋଗୁଁ ଯକୃତ ଉପରେ ଖରାପ ପ୍ରଭାବ ପଡ଼ୁଛି । ଫ୍ୟାଟି ଲିଭର, କାମଳ, ଲିଭର ସିରୋସିସ୍ ଆଦି ସମସ୍ୟା ଚିନ୍ତା ବଢ଼ାଉଛି । ସେହିପରି କେତେ ଗୁଡ଼ିଏ ଔଷଧ ସେବନ ଦ୍ୱାରା ଏହାର ପାର୍ଶ୍ୱପ୍ରତିକ୍ରିୟାରେ ଯକୃତ ପ୍ରଭାବିତ ହୋଇ କାମଳ ଆଦି ରୋଗ ହୋଇଥାଏ । ତେଣୁ ଯକୃତର ସୁସ୍ଥତା ତଥା ଏହାର କାର୍ଯ୍ୟକ୍ଷମ ବିଷୟରେ ଜାଣିବାକୁ ଯକୃତ କାର୍ଯ୍ୟକ୍ଷମତା ପରୀକ୍ଷଣ ତଥା ଲିଭର ଫଙ୍କସନ ଟେଷ୍ଟ ('ଏଲ୍‌ଏଫ୍‌ଟି') ଏକ ଗୁରୁତ୍ୱପୂର୍ଣ୍ଣ ରକ୍ତ ପରୀକ୍ଷଣ ।**

ଯକୃତ ଜନିତ ରୋଗ, କାମଳ, ଭୂତାଣୁ ସଂକ୍ରମଣ, ମୋଟାପା, ମଧୁମେହ, ପରିସ୍ରା ଓ ମଳରେ ରଙ୍ଗ ପରିବର୍ତ୍ତନ, ଲଗାତାର ଥକ୍କାପଣ ଅନୁଭବ କରୁଥିଲେ, ବାନ୍ତି, ଯକୃତ କର୍କଟ, ଗଲ ବ୍ଲାଡର କର୍କଟ ଆଦି ସମସ୍ୟାରେ ପୀଡ଼ିତଙ୍କୁ ଡାକ୍ତର ଏଲ୍‌ଏଫ୍‌ଟି ଟେଷ୍ଟ କରିବାକୁ ପରାମର୍ଶ ଦିଅନ୍ତି । ବଂଶାନୁଗତ, ତଥା ଯକୃତ ଜନିତ ରୋଗ ଥିଲେ ଏଲ୍‌ଏଫ୍‌ଟି ଟେଷ୍ଟକୁ ଡାକ୍ତରଙ୍କ ପରାମର୍ଶକ୍ରମେ ସାଧାରଣ ଟେଷ୍ଟରେ ସାମିଲ କରିପାରିବେ । ବିଶେଷ କରି ନୂଆ ଔଷଧ ଖାଇବା ଆରମ୍ଭ କରିଲେ, ଏହା ଯକୃତକୁ ପ୍ରଭାବିତ କରିପାରେ । ତେଣୁ ଡାକ୍ତର ଏଲ୍‌ଏଫ୍ ଟି କରିବାକୁ ପରାମର୍ଶ ଦିଅନ୍ତି । ଏହି ଟେଷ୍ଟ ଯକୃତ ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟପ୍ରଣାଳୀ ପାଇଁ ଏକ ରକ୍ତ ପରୀକ୍ଷଣ । ଏହି ପରୀକ୍ଷାରୁ ରକ୍ତରେ ଏଲବ୍ୟୁମିନ୍ (ପ୍ରୋଟିନ୍), ବିଲିରୁବିନ୍( ଅପଶିଷ୍ଟ ପଦାର୍ଥ) ଏବଂ ଏଞ୍ଜାଇମ୍ ଯାଞ୍ଚ କରାଯାଇଥାଏ । ରକ୍ତରେ ବିଲିରୁବିନ ମାତ୍ରା ଅଧିକ ହେଲେ ଯକୃତ କାର୍ଯ୍ୟକ୍ଷମତା ହ୍ରାସ ପାଏ । ଏଲ୍‌ବ୍ୟୁମିନ୍ କମ୍ ହେଲେ, ଗୋଡ଼, ପେଟ, ମୁହଁ ଫୁଲିବା ସହିତ ଯକୃତ ପ୍ରଭାବିତ ହୁଏ । ଏଞ୍ଜାଇମ୍ କମ୍ ବେଶୀ ହେଲେ ଯକୃତ ପ୍ରଭାବିତ ହେବ । ତେଣୁ ଏହି ଟେଷ୍ଟ ଦ୍ୱାରା ଯକୃତ ଠିକ୍ ଭାବେ କାମ କରୁଛି କି ନାହିଁ ଜଣାପଡ଼ିଥାଏ । ଯକୃତ ରୋଗ, ହେପାଟାଇଟିସ୍, ଲିଭର ସିରୋସିସ୍, ଫ୍ୟାଟି ଲିଭର ତଥା ଔଷଧର ପାର୍ଶ୍ୱପ୍ରତିକ୍ରିୟାକୁ ଜାଣିବାରେ ଏହା ସାହାଯ୍ୟ କରେ । ଏହାଦ୍ୱାରା କେବଳ ରୋଗର ପ୍ରାରମ୍ଭିକ ସ୍ଥିତି ଜାଣିହୁଏ ତାହା ନୁହେଁ, ଯକୃତ ସୁସ୍ଥତା ବିଷୟରେ ଜଣାପଡ଼ିଥାଏ ।

# ଅବସାଦ ଦୂର କରିବ ମ୍ୟାଜିକ୍ ଛତୁ

ଅବସାଦ ଏକ ପ୍ରକାର ମାନସିକ ରୋଗ । ଏହା ଉଭୟ ମନ ଓ ଶରୀର ଉପରେ ପ୍ରଭାବ ପକାଇଥାଏ । ଅବସାଦ ଦୂର ପାଇଁ ନାନା ଚିକିତ୍ସା ପଦ୍ଧତି ରହିଛି । ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, କର୍କଟ ପୀଡ଼ିତଙ୍କୁ ଚିକିତ୍ସା ସମୟରେ 'ମ୍ୟାଜିକ ଛତୁ' ଦ୍ୱାରା ଅବସାଦ ଦୂର ହେବ ବୋଲି ଆମେରିକାର ଗବେଷକମାନେ ଜାଣିବାକୁ ପାଇଛନ୍ତି । ଏହି ଛତୁରେ ମିଳୁଥିବା ସ୍ୱତନ୍ତ୍ର ଏନ୍‌ଜାଇମ୍ ସାଇଲୋସାଇବିନ୍ କର୍କଟ ରୋଗୀଙ୍କଠାରେ ଅବସାଦ, ଭୟ ଏବଂ ଚିନ୍ତା କମ୍ କରିବାକୁ ଖୁବ୍ ପ୍ରଭାବୀ । ସାଇଲୋସାଇବିନ୍ ମସ୍ତିଷ୍କରେ ଏପରି ପରିବର୍ତ୍ତନ ଘଟାଇଥାଏ, ଯାହା ଦ୍ୱାରା ଅବସାଦ ଏବଂ ଚିନ୍ତା ଆଦି ସମସ୍ୟା ହ୍ରାସ ପାଇଥାଏ । ଏନେଇ ଆମେରିକାର କ୍ୟାନସର ସୋସାଇଟିର ପତ୍ରିକା ୱିଲ୍ ଅନ୍‌ଲାଇନ୍ ଇନ୍ କ୍ୟାନସରରେ ପ୍ରକାଶିତ ହୋଇଛି । ସାଇଲୋସାଇବିନ୍‌ର ପ୍ରଭାବକୁ ବୁଝିବାକୁ ଗବେଷକମାନେ ଦୁଇଥର ଦେଇ ଗତି କରୁଥିବା ୨୮ ଜଣ କର୍କଟ ପୀଡ଼ିତଙ୍କ ଉପରେ କ୍ଲିନିକାଲ ପରୀକ୍ଷା କରିଥିଲେ । ବରିଷ୍ଠ ମନସ୍ତତ୍ତ୍ୱବିତ୍‌ଙ୍କ ତତ୍ତ୍ୱାବଧାନରେ ପିଡାଙ୍କୁ ୨୫ ମିଲି ଗ୍ରାମ୍ ସାଇଲୋସାଇବିନ୍‌ର ଏକ ଡୋଜ୍ ଦିଆଯାଇଥିଲା । ଏଥିରୁ ସେମାନେ ମାନସିକ ଦୁଶ୍ଚିନ୍ତାରୁ ସାମାନ୍ୟ ରକ୍ଷା ପାଇଥିବା ଦେଖାଗଲା । ଗବେଷଣାର ମୁଖ୍ୟ ଡାକ୍ତର ମନାଷ ଅଗ୍ରୱାଲ କୁହନ୍ତି, ଥରକରେ ସାଇଲୋସାଇବିନ୍ ଥେରାପି ଦ୍ୱାରା ଉଦାସୀନତାରୁ ଆରୋଗ୍ୟ ମିଳିବା ଆନନ୍ଦର ବିଷୟ । ଯଦି ଏହି ଚିକିତ୍ସା ପୁନରାବୃତ୍ତି କରାଯାଏ, ତେବେ ଏହା ଆହୁରି ଅଧିକ ରୋଗୀଙ୍କୁ ଚିନ୍ତାରୁ ମୁକ୍ତ କରିପାରିବ କି ନାହିଁ ତାହା ଜାଣିବାକୁ ଗବେଷକମାନେ ପ୍ରୟାସ କରୁଛନ୍ତି । ଯଦି ସମାନ ଭାବରେ ଫଳାଫଳ ଦେଖାଏ, ଚିକିତ୍ସା ପାଇଁ ଏହାର ବ୍ୟବହାର ଅଧିକ ହେବ । ଅନ୍ୟପଟେ ଗବେଷକଙ୍କ ମତରେ ସାଇଲୋସାଇବିନ୍‌କୁ ଡାକ୍ତରଙ୍କ ବିନା ପରାମର୍ଶରେ ବ୍ୟବହାର କରିବା ବିପଜ୍ଜନକ ହୋଇପାରେ ।



# ନିମ୍ନ ରକ୍ତଚାପର ଆୟୁର୍ବେଦ ଉପଚାର



**ଉଚ୍ଚ ରକ୍ତଚାପ ପରି ନିମ୍ନ ରକ୍ତଚାପ ମଧ୍ୟ ଏକ ସ୍ୱାସ୍ଥ୍ୟଗତ ସମସ୍ୟା । ସ୍ୱାଭାବିକ ରକ୍ତଚାପ ହେଉଛି ୧୨୦/୮୦ ଏମ୍‌ଏମ୍‌ଏଚ୍‌ଜି । ଏଥିରୁ କମ୍ ହୋଇଗଲେ, ତାହାକୁ ନିମ୍ନ ରକ୍ତଚାପ ବୋଲି କୁହାଯାଏ । ତେବେ ଏହାର ଆୟୁର୍ବେଦ ଉପଚାର ସମ୍ପର୍କରେ ଜାଣିବା ।**

ନିମ୍ନ ରକ୍ତଚାପ ଯୋଗୁଁ ଝାପ୍ସା ଦେଖାଯିବା, ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ଅବସାଦ, ଥକ୍କା ଅନୁଭବ, ଥଣ୍ଡା ଲାଗିବା, ଶ୍ୱାସକ୍ରିୟାରେ ସମସ୍ୟା ଆଦି ଲକ୍ଷଣ ଦେଖାଯାଏ । ଏହା ଷ୍ଟ୍ରୋକ୍ ଓ ହୃଦ୍‌ଜନିତ ରୋଗ ଆଶଙ୍କାକୁ ବୃଦ୍ଧି କରାଏ । ତେଣୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହିତ ଖାଦ୍ୟରେ ଲୁଣ ମାତ୍ରା ବଢ଼ାଇବା, ଲୁଣ ପାଣି ପିଇବା, ସୋଡିୟମଯୁକ୍ତ ଖାଦ୍ୟ ଖାଇବା ଜରୁରି । ଦିନକୁ ୮ରୁ ୧୦ ଗ୍ଲାସ ପାଣି ପିଇବା ଆବଶ୍ୟକ । ଲେମ୍ବୁ ପାଣି ସ୍ୱାସ୍ଥ୍ୟ ପକ୍ଷେ ହିତକର ।

- ରକ୍ତଚାପ ନିୟନ୍ତ୍ରଣରେ ତୁଳସୀ ପତ୍ର, ଅଦା, ଅର୍ଜୁନ ଗଛର ଛେଲି, ସୈନ୍ଧବ ଲୁଣ ବେଶ ସହାୟକ ହୁଏ । ରାତିରେ କିଛି କିସ୍ ମିସ୍‌କୁ ପାଣିରେ ଭିଜାଇ ପରଦିନ ସକାଳେ ଖାଲିପେଟରେ ସେହି ପାଣି ପିଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରୁହେ । ଅଦା କିମ୍ବା ଅର୍ଜୁନ ଛେଲି ପ୍ରସ୍ତୁତ ଚା' ପିଇବା ହିତକର ।
- ଏକ ଚାମଚ ଅଶ୍ୱଗନ୍ଧା ଚୂର୍ଣ୍ଣକୁ କ୍ଷୀରରେ ମିଶାଇ ପିଇଲେ ନିମ୍ନ ରକ୍ତଚାପ ହ୍ରାସ ପାଏ ।
- ଶ୍ୱେତ ମୁଷଳୀ ଚୂର୍ଣ୍ଣକୁ ତିନି ଗ୍ରାମ ଉଷୁମ କ୍ଷୀରରେ ମିଶାଇ ଦିନକୁ ଦୁଇବେଳା ସେବନ କଲେ ନିମ୍ନ ରକ୍ତଚାପରେ ଉପକାର ହୁଏ । ସେହିପରି ସତାବରୀ ଚୂର୍ଣ୍ଣ ଦୁଇରୁ ପାଞ୍ଚ ଗ୍ରାମ ମାତ୍ରାରେ କ୍ଷୀର କିମ୍ବା ଉଷୁମ ପାଣିରେ ସେବନ କଲେ ହିତକର ହୋଇଥାଏ । କାକୁଡ଼ି, ତରଭୁଜ, ବିଟ୍, ଗାଜରର ରସକୁ ବାହାର କରି ସାମାନ୍ୟ ସୈନ୍ଧବ ଲବଣ ମିଶାଇ ଶହେ ମିଲି ମାତ୍ରାରେ ସକାଳେ ଓ ସନ୍ଧ୍ୟାରେ ପାନ କଲେ ନିମ୍ନ ରକ୍ତଚାପରେ ହିତକର ହୋଇଥାଏ । ଦିନରେ ଅତିକମ୍‌ରେ ୧୫ ମିନିଟ୍ ଚାଲିବା ଓ ନିଦ ପୂରା କରିବା ଆବଶ୍ୟକ ।

ସକାଳ
THE SAKALA
www.sakalaepaper.com

### ଆଜିଠାରୁ ଏସିଆ କପ୍ ହକି

# ଟାଇଟଲ୍ ଜିତିଲେ ବିଶ୍ୱକପ୍ ଲାଗି ଯୋଗ୍ୟତା



ରାଜଗିର,୨୮।୮ (ଏଜେନ୍ସି): ବିହାରର ରାଜଗିରଠାରେ ଆସନ୍ତାକାଲିଠାରୁ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଯେଉଁ ଦଳ ଚାମ୍ପିଅନ ହେବ ସେହିଦଳ ସିଧାସଳଖ ୨୦୨୬ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଥିଲାଗି ବିହାରରେ ପ୍ରଥମଥର ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। ନିକଟରେ ଏଫ୍ଆଇଏଚ୍ ଲିଗ୍‌ରେ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହୋଇ ନିରାଶା ସୃଷ୍ଟିକରିଥିବା ଭାରତ ଏଠାରେ ଚାମ୍ପିଅନ ହେବା ସହ ଏହି ନିରାଶାକୁ ଦୂରେଇବାକୁ ଚେଷ୍ଟା କରିବ। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଖରାପ ପ୍ରଦର୍ଶନ ଯୋଗୁଁ ଭାରତ ବିଶ୍ୱ ମାନ୍ୟତାରେ ୭ମ ସ୍ଥାନକୁ ଖସିଆସିଛି। ଏଣୁ ଦଳ ତାହାର ଆତ୍ମବିଶ୍ୱାସ ଫେରିପାଇବା ଲାଗି ନିଶ୍ଚିତଭାବେ ଏଠାରେ ଭଲ ଖେଳିବ ବୋଲି ଆଶା କରାଯାଉଛି। ହେଡ୍ କୋଚ୍ କ୍ରେଗ୍ ଫୁଲଟନ ଓ ଆହତ ସମସ୍ୟାରୁ ମୁକୁଳିଥିବା ଅଧିନାୟକ ହରମନପ୍ରୀତ୍ ସିଂହ ଭଲ ପ୍ରଦର୍ଶନ କରିବାକୁ ପ୍ରବଳ ଚାପରେ ରହିଛନ୍ତି। 'ଚଳିତବର୍ଷର ଏହା ଆମଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ' ବୋଲି କହନ୍ତି ଫୁଲଟନ୍। ପ୍ରୋ-ଲିଗ୍‌ରେ ବିପର୍ଯ୍ୟୟ ସାମୟିକ ଥିଲା କିମ୍ବା ଭାରତୀୟ ଦଳ ବଡ଼ ଟୁର୍ଣ୍ଣାମେଣ୍ଟ ଲାଗି ପ୍ରସ୍ତୁତ ତାହା ଏଠାରେ ଦେଖାଇବାକୁ ହେବ। ଏସିଆ ମହାଦେଶରେ ଏକ ଶକ୍ତିଶାଳୀ ଦେଶ ହୋଇଥିଲେ ମଧ ଭାରତ ମାତ୍ର ୩ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ଭାରତୀୟ ଦଳରେ ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଥିଲାବେଳେ ନୀଲମ ସଞ୍ଜୀପ ଖେସ ରିଜର୍ଭ ଖେଳାଳି ରହିଛନ୍ତି।

ଚଳିତଥର ଏସିଆ କପ୍‌ରୁ ପାକିସ୍ତାନ ଓହରିଯିବା ପରେ ଏହାର ଚମକ କମିଛି। ପାକିସ୍ତାନ ସହ ଓମାନ ମଧ ଓହରିଯାଇଥିଲା। ସେମାନଙ୍କ ସ୍ଥାନରେ ବାଂଲାଦେଶ ଓ କାଜାଖସ୍ଥାନ ସାମିଲ ହୋଇଛନ୍ତି। ଏଥର ୮ଟି ଦଳ ଏସିଆ କପ୍ ଖେଳିବେ। ଏହି ଦଳଗୁଡିକୁ ଦୁଇଟି ପୁଲ୍‌ରେ ଭାଗ କରାଯାଇଛି। ପୁଲ୍-ଏ'ରେ ଭାରତ ଜାପାନ, ଚୀନ୍ ଓ କାଜାଖସ୍ଥାନ ସ୍ଥାନ ପାଇଛି। ପୁଲ୍-ବି'ରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆ, ମାଲେସିଆ, ଚାଇନିଜ୍ ତାଇପେ ଓ ବାଂଲାଦେଶ ରହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯିବ। ସର୍ବାଧିକ ପଏଣ୍ଟ ପାଇଥିବା ୨ଟି ଲେଖାଏଁ ଦଳ ପ୍ରତ୍ୟେକ ଗ୍ରୁପରୁ ସୁପର-୪'କୁ ଉନ୍ନୀତ ହେବେ। ସୁପର-୪'ରେ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ଖେଳିବେ। ଏଥିରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବ ଦଳ ଫାଇନାଲ ଓ ଅନ୍ୟ ଦୁଇ ଦଳ ତୃତୀୟ ସ୍ଥାନ ଲାଗି ମୁକାବିଲା କରିବେ। ସେପ୍ଟେମ୍ବର ୭ରେ ଫାଇନାଲ ମୁକାବିଲା ହେବ।

### ପ୍ରସାରଣ

ଟେଲିଭିଜନ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ, ଲାଇଭ୍ ଷ୍ଟ୍ରିମିଂ: ସୋନି ଲାଇଭ୍, ୱାର୍ଚ୍.ହକି ଆପ ଓ ୱେବସାଇଟ୍

### ଭାରତୀୟ ଦଳ

ଗୋଲ୍‌କିପର: କ୍ରିଷନ ବାହାଦୂର ପାଠକ, ସୂରଜ କରକେରା, ଡିଫେଣ୍ଡର: ସୁମିତ, ଜରମନପ୍ରୀତ୍ ସିଂହ, ସଞ୍ଜୟ, ହରମନପ୍ରୀତ୍ ସିଂହ (ଅଧିନାୟକ), ଅମିତ୍ ରୋହିଦାସ ଓ ଯୁବରାଜ ସିଂହ, ମିଡ୍‌ଫିଲ୍ଡର: ରାଜିନ୍ଦର ସିଂହ, ରାଜକୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ ଓ ବିବେକ ସାଗର ପ୍ରସାଦ, ଫର୍‌ୱାର୍ଡ: ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ।

ରିଜର୍ଭ ଖେଳାଳି: ନୀଲମ ସଞ୍ଜୀପ ଖେସ ଓ ସେଲଭାମ କାର୍ତ୍ତି।

### ରକ୍ଷଣଭାଗକୁ ନେଇ ଚିନ୍ତାରେ ଭାରତ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଅନେକ କିଛି ପ୍ରମାଣିତ କରିବାକୁ ଅପେକ୍ଷା କରିଛି। ବିଶେଷ କରି ପ୍ରୋ-ଲିଗ୍‌ରେ ଭାରତ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହୋଇଥିଲାବେଳେ ଦଳ ଖେଳିଥିବା ୮ଟି ମ୍ୟାଚ୍‌ରେ ୨୬ଟି ଗୋଲ ବରଣ କରିଛି। ଗୋଲରକ୍ଷକ ଶ୍ରୀଜେଶଙ୍କ ଅବସର ଓ ଆହତଯୋଗୁ ହରମନପ୍ରୀତ୍ ସିଂହଙ୍କ ଅନୁପସ୍ଥିତିରେ ଦଳକୁ ଏହି ଦଶା ଭୋଗିବାକୁ ପଡ଼ିଛି। ଏଥିଲାଗି କୋଚ୍ କ୍ରେଗ୍ ଫୁଲଟନ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଏହି ଦଳ ଗଠନ କରିଛନ୍ତି। ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାକୁ ନେଇ କଷ୍ଟ କରିବାକୁ ହେବ। ହରମନପ୍ରୀତ୍ ଏବେ ଦଳକୁ ଫେରିବା ପରେ ରକ୍ଷଣଭାଗ ଖେଳରେ ଉନ୍ନତି ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଗୋଲରକ୍ଷକ ସୁରଜ କରକେରା ଓ କ୍ରିଷନ ପାଠକଙ୍କୁ ଭଲ ଖେଳ ଦେଖାଇବାକୁ ହେବ।

### ଖେଳସୂଚୀ (ଲିଗ୍ ପର୍ଯ୍ୟାୟ)

**ଅଗଷ୍ଟ ୨୯, ଶୁକ୍ରବାର**
ମାଲେସିଆ-ବାଂଲାଦେଶ, ସକାଳ ୯ଟା
ଦ.କୋରିଆ-ତାଇପେଇ, ପୂର୍ବାହ୍ନ ୧୧ଟା
ଜାପାନ- କାଜାଖସ୍ଥାନ, ଅପରାହ୍ନ ୧ଟା
ଭାରତ- ଚୀନ, ଅପରାହ୍ନ ୩ଟା

**ଅଗଷ୍ଟ ୩୦, ଶନିବାର**
ବାଂଲାଦେଶ-ତାଇପେ, ଅପରାହ୍ନ ୧ଟା
ଦ.କୋରିଆ-ମାଲେସିଆ, ଅପରାହ୍ନ ୩ଟା

**ଅଗଷ୍ଟ ୩୧, ରବିବାର**
ଚୀନ୍- କାଜାଖସ୍ଥାନ, ଅପରାହ୍ନ ୧ଟା
ଭାରତ- ଜାପାନ, ଅପରାହ୍ନ ୩ଟା

**ସେପ୍ଟେମ୍ବର ୧, ସୋମବାର**
ଦ.କୋରିଆ-ବାଂଲାଦେଶ, ଅପରାହ୍ନ ୧.୩୦
ମାଲେସିଆ-ତାଇପେଇ, ଅପରାହ୍ନ ୩.୩୦
ଜାପାନ- ଚୀନ, ସନ୍ଧ୍ୟା ୫ଟା ୩୦
ଭାରତ- କାଜାଖସ୍ଥାନ, ରାତି ୭.୩୦

**ସେପ୍ଟେମ୍ବର ୩ରୁ ୬, ବୁଧରୁ ଶନିବାର**
ସୁପର-୪ ମ୍ୟାଚ୍

**ସେପ୍ଟେମ୍ବର ୭, ରବିବାର**
ଫାଇନାଲ।

### ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ଗୋବିନ୍ଦଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଓଡ଼ିଶା ବିଜୟୀ

କଟକ,୨୮।୮ (ସମିସ): ଚେନ୍ନଇର ଅନୁଷ୍ଠିତ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୧୧୮ ରନରେ ବିଜୟୀ ହୋଇଛି। ୪୫ ଓଭରରେ ୨୨୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଜମ୍ମୁ ଓ କଶ୍ମୀର ୧୦୬ ରନରେ ଅଲ୍‌ଆଉଟ ହୋଇଥିଲା। ଉଭୟ ପାଳିରେ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ ମୋଟ ୫ଟି ୱିକେଟ ଦଖଲ କରିଥିବା ଗୋବିନ୍ଦ ପୋଦ୍ଦାର ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ତେବେ ମୋଟ ୩ଟି ମ୍ୟାଚ୍‌ରୁ ୨ଟି ପରାଜୟ ଓ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିବା ଓଡ଼ିଶା ୬ ପଏଣ୍ଟ ସହ ଟେବଲର ୪ର୍ଥ ସ୍ଥାନରେ ରହି ପ୍ରତିଯୋଗିତାରୁ ବିଦା ହୋଇଛି। ଓଡ଼ିଶାର ପ୍ରଥମ ପାଳି ୩୧୪ ରନ ଜବାବରେ ଜମ୍ମୁ ଓ କଶ୍ମୀର ୩୩୦ ରନ ସଂଗ୍ରହ କରିବା ସହ ୧୬ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ୨ୟ ଇନିଂସରେ ଓଡ଼ିଶା ୨୪୦ ରନରେ ଅଲଆଉଟ ହୋଇଥିଲା। ଓପନର ବିନୟ ପାଇକରାୟ ୨୦, ଶୁଭ୍ରାଂଶୁ ଶେଖର ସେନାପତି ୫୫, ଗୋବିନ୍ଦ ପୋଦ୍ଦାର ୭୨ ରନର ଦ୍ରୁତ ପାଳି ଖେଳିଥିଲେ। ଅନିଲ ପରିଡାଙ୍କ ୨୮ ଓ ସୟଦ ଟି ଅହମ୍ମଦଙ୍କ ୨୭ ରନର ଉପଯୋଗୀ ପାଳି ବଳରେ ଓଡ଼ିଶା ୨୪୦ ରନରେ ଅଲଆଉଟ ହୋଇଥିଲା। ଜମ୍ମୁ ଓ କଶ୍ମୀରର ବଂଶଜ ଶର୍ମା ୩ଟି ୱିକେଟ ଦଖଲ କରିଥିଲେ। ତେବେ ମୁସୈଫ ଅଜିଜ(୪୭ରନ)ଙ୍କୁ ବାଦ ଦେଲେ ଜମ୍ମୁ ଓ କଶ୍ମୀରର ଅନ୍ୟ କୌଣସି ବ୍ୟାଟର ଦୀର୍ଘ ସମୟ କ୍ରିଜରେ ତିଷ୍ଠି ପାରିନଥିଲେ। ଫଳରେ ଦ୍ୱିତୀୟ ପାଳିରେ ଦଳ ୧୦୬ ରନରେ ସୀମିତ ରହିଥିଲା। ଓଡ଼ିଶା ନିମନ୍ତେ ପ୍ରଥମଥର ବରିଷ୍ଠ ଦଳରେ ସ୍ଥାନ ପାଇଥିବା ୧୯ବର୍ଷୀୟ ବାମହାତୀ ସ୍ପିନର ସୟଦ ଟି ଅହମ୍ମଦ ୪ଟି ୱିକେଟ ଦଖଲ କରିଥିଲେ। ଗୋବିନ୍ଦ ଓ ରାଜେଶ ମହାନ୍ତିଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା।

### ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## କ୍ୱାର୍ଟରରେ ସିନ୍ଧୁ

ପ୍ୟାରିସ, ୨୮।୮ (ଏଜେନ୍ସି): ପୂର୍ବତନ ଚାମ୍ପିଅନ ପିଭି ସିନ୍ଧୁଙ୍କ ସମେତ ମିକ୍ସଡ ଡବଲ୍ସ ଯୋଡ଼ି ଧ୍ରୁବ କପିଲା ଓ ତାନିଶା କ୍ରାଷ୍ଟୋ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଚାଇନାର ୱାଙ୍ଗ୍ ଝି ୟିଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲେ। ୪୮ ମିନିଟ୍ ଧରି ଖେଳାଯାଇଥିବା ଏହି ମ୍ୟାଚକୁ ସିନ୍ଧୁ ୨୧-୧୯, ୨୧-୧୫ ସିଧାସଳଖ ଗେମ୍‌ରେ ବିଜୟୀ ହୋଇଥିଲେ। ଫଳରେ ୱାଙ୍ଗଙ୍କ ବିପକ୍ଷରେ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ଖେଳାଯାଇଥିବା ସମସ୍ତ ୮ଟି ମୁକାବିଲାରେ ସିନ୍ଧୁ ବିଜୟୀ ହୋଇ ତାଙ୍କର ଅପରାଜେୟ ଧାରାକୁ ବଜାୟ ରଖିଛନ୍ତି। କ୍ୱାର୍ଟର ଫାଇନାଲରେ ସିନ୍ଧୁଙ୍କ ମୁକାବିଲା ଇଣ୍ଡୋନେସିଆର ପୁତ୍ରି କୁସୁମାଙ୍କ ସହ ହେବ। ଅପରପକ୍ଷରେ ମିକ୍ସଡ ଡବଲ୍ସରେ ଧ୍ରୁବ-ତନିଶା ଯୋଡ଼ି ୧୯-୨୧, ୨୧-୧୨, ୨୧-୧୫ରେ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ହଂକଂ ଯୋଡ଼ି ତାଙ୍ଗ୍ ଚୁନ୍ ମାନ୍ ଓ ସି ୟିଙ୍ଗ୍ ସୁଏଟ୍‌ଙ୍କୁ ହରାଇଥିଲେ। ଯଦି ଧ୍ରୁବ-ତନିଶା ଯୋଡ଼ି ସେମିଫାଇନାଲରେ ପ୍ରବେଶ କରନ୍ତି ତେବେ ଭାରତର ପ୍ରଥମ ମିକ୍ସଡ ଡବଲ୍ସ ଯୋଡ଼ି ଭାବେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିବେ।

## ପ୍ରଥମଥର ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବ ପାକିସ୍ତାନ

ଲାଉସାନେ, ୨୮।୮ (ଏଜେନ୍ସି): ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ପାକିସ୍ତାନ ପ୍ରଥମଥର ଅଂଶଗ୍ରହଣ କରିବ। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ୨୦୨୫-୨୬ ସିଜନରେ ପାକିସ୍ତାନ ଦଳ ଭାଗନେବ ବୋଲି ଏଫ୍ଆଇଏଚ୍ ସଭାପତି ତୟାବ ଇକ୍ରାମ ଗୁରୁବାର ସ୍ପଷ୍ଟ କରିଛନ୍ତି। ଏଫ୍ଆଇଏଚ୍ ନେସନ୍ସ କପ୍‌ର ୨୦୨୪-୨୫ ସିଜନରେ ଚାମ୍ପିଅନ ହୋଇଥିବା ନ୍ୟୁଜିଲାଣ୍ଡ ଆଗାମୀ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ପ୍ରୋ ଲିଗ୍‌ରେ ଭାଗନେବାକୁ ମନା କରିଦେବା ପରେ ନେସନ୍ସ କପ୍ ରନର୍ସଅପ୍ ଦଳ ପାକିସ୍ତାନ ସ୍ୱୟଂଚାଳିତ ଭାବେ ଏଫଆଇଏଚ୍ ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଛି। ପାକିସ୍ତାନ ପୂର୍ବରୁ ୩ଥର ଅଲିମ୍ପିକ ଓ ୪ଥର ହକି ବିଶ୍ୱକପ୍ ବିଜୟୀ ହୋଇଛି। ତେଣୁ ପ୍ରଥମଥର ଲାଗି ଏଲିଟ୍ ହକି ଟୁର୍ଣ୍ଣାମେଣ୍ଟ ପ୍ରୋ ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବାରୁ ଏହା ଆହୁରି ରୋମାଞ୍ଚ ହେବ ବୋଲି ଇକ୍ରାମ ଆଶାବାଦୀ ରହିଛନ୍ତି। ଏଥିସହ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ସଂସ୍କରଣରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇଥର ମୁକାବିଲା ହେବା ସ୍ପଷ୍ଟ ହୋଇଛି। ଭାରତ ଓ ପାକିସ୍ତାନ ସମେତ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡସ ଓ ସ୍ପେନ ପ୍ରୋ ଲିଗ୍‌ର ୨୦୨୫-୨୬ ସିଜନରେ ଅଂଶଗ୍ରହଣ କରିବେ। ଚାମ୍ପିଅନ ଦଳ ୨୦୨୮ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।

### ● ଦୁଲୀପ୍ ଟ୍ରଫି କ୍ରିକେଟ

## ମନୀଷଙ୍କୁ ୩ ୱିକେଟ, ଉତ୍ତରାଞ୍ଚଳ ୩୦୮/୬

ବେଙ୍ଗାଲୁରୁ,୨୮।୮ (ଏଜେନ୍ସି): ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଦୁଲୀପ୍ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ପୂର୍ବାଞ୍ଚଳ ବିପକ୍ଷ ପ୍ରଥମ କ୍ୱାର୍ଟର ଫାଇନାଲର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୦୮ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ୱିକେଟରକ୍ଷକ କହ୍ନେୟା ୱାଧାୱାନ୍ ୪୨ ଓ ମୟଙ୍କ ଡାଗର ୨୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ବଦୋନୀ ୬୩, ନିଶାନ୍ତ ସିନ୍ଧୁ ୪୭, ୟଶ ଧୂଲ ୩୯, ଅଧିନାୟକ ଅଙ୍କିତ କୁମାର ୩୦ ରନ୍ କରିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ୨୨ ବର୍ଷୀୟ ଝାଡଖଣ୍ଡର ବାମହାତୀ ସ୍ପିନର ମନୀଷ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ମହମ୍ମଦ୍ ସାମି, ସୁରଜ ସିନ୍ଧୁ ଜୟସ୍ୱାଲ ଓ ମୁକ୍ତାର ହୁସେନ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ମୁକେଶ କୁମାରଙ୍କ ମାଂସପେସୀ ଟାଣି ହୋଇଯାଇଥିବାରୁ ସେ ୧୧.୫ ଓଭର ପରେ ଆଉ ବୋଲିଂ କରି ନ ଥିଲେ। ପୂର୍ବରୁ ଅଧିନାୟକ ଅଭିମନ୍ୟୁ ଈଶ୍ୱରନଙ୍କୁ ଜ୍ୱର ହେବାରୁ ସେ ଏହି ମ୍ୟାଚ୍‌ରୁ ଓହରି ଯାଇଥିଲେ ଓ ରିୟାନ ପରାଗ ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିଲେ। ଏହି ମ୍ୟାଚ୍ ଲାଗି ଓଡ଼ିଶାରୁ ସନ୍ଦୀପ ପଟ୍ଟନାୟକ ଓ ଆଶୀର୍ବାଦ ସ୍ୱାଇଁ ମନୋନୀତ ହୋଇଥିଲେ ମଧ କାହାରିକୁ ଖେଳିବାର ସୁଯୋଗ ମିଳି ନ ଥିଲା। **ମାଲେୱର, ପାଟିଦାରଙ୍କ ଶତକ:** ଏଠାରେ ଅନୁଷ୍ଠିତ ଉତ୍ତରପୂର୍ବାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା କେନ୍ଦ୍ରାଞ୍ଚଳ ୨ ୱିକେଟରେ ୪୩୨ ରନ୍ କରିଛି। ଦଳ ପକ୍ଷରୁ ବିଦର୍ଭ ଖେଳାଳି ଡାନିସ ମାଲେୱର ସର୍ବାଧିକ ୧୯୮ ରନ୍ କରି ଅପରାଜିତ ଅଛନ୍ତି। ସେହିପରି ଆହତ ଧ୍ରୁବ ଜୁରେଲଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ରଜତ ପାଟିଦାର ୧୨୫ ରନ୍ କରିଛନ୍ତି। ଯୁବ ୱିକେଟ ରକ୍ଷକ ଆର୍ଯ୍ୟନ ଜୁୟାଲ ୬୦ ରନ୍ କରି ରିଟାୟର୍ଡ ହର୍ଟ ହୋଇଛନ୍ତି। ଓପନର ଆୟୁଷ ପାଣ୍ଡେ ୩ ରନ୍‌ରେ ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ।

## ଆଜିଠୁ ପ୍ରୋ କବାଡ଼ି ଲିଗ୍-୧୨

ଭାଇଜାଗ, ୨୮।୮ (ଏଜେନ୍ସି): ଲୋକପ୍ରିୟ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ସ୍ଥାନୀୟ ବିଶ୍ୱନାଥ ସ୍ପୋର୍ଟ୍ସ କ୍ଲବରେ ତାମିଲ ଥଲାଇଭାସ ଓ ତେଲଗୁ ଟାଇଟାନ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ସେହିଭଳି ଦିବସର ୨ୟ ମୁକାବିଲାରେ ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପାଲଟନ୍ ପରସ୍ପରକୁ ଭେଟିବେ। ଏଥର ୧୨ଟି ଦଳ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଅନ୍ୟ ଅଂଶଗ୍ରହଣକାରୀ ଦଳ ହେଲେ ଜୟପୁର ପିଙ୍କ ପାନ୍ଥର୍ସ, ବେଙ୍ଗଲ ୱାରିୟର୍ସ, ପାଟନା ପାଇରେଟ୍ସ, ୟୁପି ଯୋଦ୍ଧାସ, ୟୁ ମୁମ୍ବା, ଦବଙ୍ଗ ଦିଲ୍ଲୀ, ଗୁଜରାଟ ଜାଏଣ୍ଟସ ଓ ହରିୟାଣା ଷ୍ଟିଲର୍ସ। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଭାଏଜାଗ୍ ଲେଗ୍ ଅନୁଷ୍ଠିତ ହେବ। ଏହାପରେ ଜୟପୁର (ସେପ୍ଟେମ୍ବର ୧୨ରୁ ୨୮), ଚେନ୍ନଇ (ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୧୦) ଓ ନୂଆଦିଲ୍ଲୀ (ଅକ୍ଟୋବର ୧୧ରୁ ଅକ୍ଟୋବର ୨୩)ରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

### ● ଆଜି ଜାତୀୟ କ୍ରୀଡ଼ା ଦିବସ

## ପ୍ରଦାନ କରାଯିବ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୮।୮ (ସମିସ): ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ୧୨୦ତମ ଜନ୍ମବାର୍ଷିକୀ ଅବସରରେ ଶୁକ୍ରବାର ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହେବ। ଏହି ଅବସରରେ କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୩ ଦିନ ଧରି କ୍ରୀଡ଼ା ଓ ଫିଟନେସ ମୋଭମେଣ୍ଟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଯାହାର ଥିମ୍ ରହିଛି 'ଏକ ଘଣ୍ଟା ଖେଲ୍ ମୈଦାନ ମେ'। ସେହିଭଳି ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର ସର୍ବଶ୍ରେଷ୍ଠ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରତିବର୍ଷ ଭଳି ଆସନ୍ତାକାଲି ମଧ ପ୍ରଦାନ କରାଯିବ। ବର୍ଷ ୨୦୨୪ ଲାଗି ବିଭିନ୍ନ ବର୍ଗରେ ଏହି ପୁରସ୍କାର ଦିଆଯିବ। ତାରକା ଧାବକ ଅନିମେଶ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ୍, ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ବ୍ୟାଡ୍‌ମିଣ୍ଟନ ଖେଳାଳି ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା ଖେଳାଳି ପୁରସ୍କାର ପାଇବେ। କ୍ରୀଡ଼ା ବିକାଶ ଲାଗି ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ଭାବେ ବିମଳ କୁମାର ରାଉଳ, ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ଡାକ୍ତର ସୁଜିତ ଶତପଥୀ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟା ୫ଟାରେ ଜୟଦେବ ଭବନରେ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାର୍ଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିବେ।


## ଜାତୀୟ ବାସ୍କେଟବଲ୍ ଲାଗି ଓଡ଼ିଶା ଦଳ

କଟକ,୨୮।୮(ସମିସ): ପଞ୍ଜାବର ଲୁଧିଆନାଠାରେ ୭୫ତମ ଜାତୀୟ ଜୁନିଅର ବାସ୍କେଟବଲ ଚାମ୍ପିଅନସିପ୍ ଆସନ୍ତା ୨ ତାରିଖରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବାସ୍କେଟବଲ ସଂଘ ପକ୍ଷରୁ ଉଭୟ ବାଳିକା ଓ ବାଳକ ରାଜ୍ୟ ଦଳ ଘୋଷଣା କରାଯାଇଛି। ବାଳକ ଦଳରେ ସମର୍ପଣ ନାୟକ, ଆୟୁଷ୍ମାନ ନାୟକ, ଓମ ସେଠୀ, ସେଖ ସୈଫୁଦ୍ଦିନ, କୁନାଲ ପ୍ରସାଦ ସା, ଏ ପୃଥ୍ୱୀରାଜ, ରାମକୃଷ୍ଣ ବେହେରା, ଅର୍ଣ୍ଣବ ମାନସ ପାତ୍ର, ନନ୍ଦକିଶୋର ଭାଲିଭତି, ଅଭିଷେକ ବାରିକ, ନିଖିଳ କୁମାର ଦାଶ, ଏସ ଅନୁଭବ ରାଓ ସ୍ଥାନ ପାଇଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ରିଆଜୁଦ୍ଦିନ ମୁଖ୍ୟ କୋଚ୍ ଏବଂ ପ୍ରଶାନ୍ତ ନାୟକ ସହକାରୀ କୋଚ୍ ଭାବେ ଦଳରେ ରହିଛନ୍ତି। ଗତ ୪ ତାରିଖରୁ ବାଳକ ଦଳ ବ୍ରହ୍ମପୁରର ନିଷ୍ଟ ବିଶ୍ୱବିଦ୍ୟାଳୟରେ ପ୍ରଶିକ୍ଷଣ ନେଉଥିଲା। ସେହିପରି ରାଜ୍ୟ ବାଳିକା ଦଳରେ ନୂତନ ନାୟକ, ଅନ୍ୱେଷା ଏକ୍କା, ଶ୍ରାବଣୀ ସାସମଲ, ମିନତୀ ଖିଲା, କାଜଲ ବାରିକ, ଇଶା ପାଢ଼ୀ, ନବ୍ୟ ସାଇଶ୍ରୀ, ବିଜୟଲକ୍ଷ୍ମୀ ସ୍ୱାଇଁ, ସାଗରିକା ସିଦ୍ଧୁ, ସୁନୀତା ଭୋଇ, ଜମୁନା ହାଁସଦା, ଆକ୍ରିତି ଅଗ୍ରୱାଲ ରହିଛନ୍ତି। ପ୍ରଶାନ୍ତ କୁମାର ତରାଇ ମୁଖ୍ୟ କୋଚ୍ ଏବଂ ପଦ୍ମାବତୀ ହାତୀ ଦଳର କୋଚ୍ ଭାବେ ଦଳରେ ସାମିଲ ହୋଇଛନ୍ତି।

### ୟୁଏସ୍ ଓପନ ଟେନିସ

## ଫେଡେରରଙ୍କ ରେକର୍ଡ ଭାଙ୍ଗିଲେ ଜୋକୋଭିଚ୍





ନ୍ୟୁୟର୍କ,୨୮।୮ (ଏଜେନ୍ସି): ସର୍ବିଆର ଚାମ୍ପିଅନ ଖେଳାଳି ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ୟୁଏସ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ସେ ଆମେରିକାର ଯୁବ ଖେଳାଳି ୨୨ ବର୍ଷୀୟ ଜ୍ୟାକ୍‌ରୀ ସାଇଦାଙ୍କୁ ୬-୭, ୬-୩, ୬-୩, ୬-୧ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିବା ସହ ରୋଜର ଫେଡେରରଙ୍କ ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଏହାକୁ ମିଶାଇ ଜୋକୋଭିଚ୍ ସର୍ବାଧିକ ୭୫ତମ ଥର ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ଜୋକୋଭିଚ୍‌ଙ୍କ ସହ ଟାଇଟଲ ଆଶାୟୀ କାର୍ଲୋସ୍ ଆଲକାରାଜ, ନଂ-୪ ଟେଲର ଫ୍ରିଜ୍, ୬ଷ୍ଠ ସିଡ୍ ଆମେରିକାର ବେନ୍ ଶେଲଟନ ତୃତୀୟ ରାଉଣ୍ଡରେ ପ୍ରବେଶ କରି ଟାଇଟଲ ଆଶାରେ ଆଉ ପାଦେ ଆଗେଇଛନ୍ତି। ଏହି ଧାରା ବଜାୟ ରହିଲେ ଆଲକାରାଜ ଓ ଜୋକୋଭିଚ୍‌ଙ୍କ ମଧ୍ୟରେ ସେମିଫାଇନାଲରେ ଭେଟାଭେଟି ହେବେ।

କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ଏକାଧିକ ସିଡେଡ୍ ଖେଳାଳି ପରାଜୟର ରାସ୍ତା ଦେଖିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୫ମ ସିଡ୍ ବ୍ରିଟେନର ଜ୍ୟାକ୍ ଡ୍ରାପର, ୧୧ଶ ସିଡ୍ ଜେକ୍ ଡ୍ରେପର, ୧୨ଶ ସିଡ୍ ନରୱେର କାସ୍ପର ରୁଡ୍, ୧୬ତମ ସିଡ୍ ଚେକ୍ ରିପବ୍ଲିକ୍‌ର ଜ୍ୟାକୁବ ପେନସିକ୍, ୧୮ତମ ସିଡ୍ ସ୍ପେନ୍‌ର ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

### ତୃତୀୟ ରାଉଣ୍ଡରେ ସାବାଲେଙ୍କା

ପୁରୁଷ ବିଭାଗ ପରି ମହିଳା ଏକକ ଦ୍ୱିତୀୟ ରାଉଣ୍ଡରେ ଏକାଧିକ ମହିଳା ଖେଳାଳି ପରାଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ବିଭାଗରେ ୧୬ତମ ସିଡ୍ ସ୍ୱିଜରଲାଣ୍ଡର ବେଲିଣ୍ଡା ବେଙ୍କିକ୍, ପୂର୍ବତନ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ତଥା ୨୫ତମ ସିଡ୍ ଜେଲେନା ଓଷ୍ଟାପେଙ୍କୋ, ୧୭ତମ ସିଡ୍ ଲିଉଡମିଲା ସାମସୋନୋଭା ପରାଜୟ ବରଣ କରିଛନ୍ତି। ଏହା ମଧ୍ୟରୁ ଓଷ୍ଟାପେଙ୍କୋଙ୍କୁ ହରାଇଥିବା ଆମେରିକାର ଟାଉନ୍‌ସେଣ୍ଡ ପରସ୍ପର ସହ ମୁହାଁମୁହିଁ ହୋଇଥିଲେ। ଟାଉନ୍‌ସେଣ୍ଡକୁ ମୂର୍ଖ ଓ ଅଶିକ୍ଷିତ ବୋଲି ଅବିହିତ କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଓଷ୍ଟାପେଙ୍କୋଙ୍କୁ ୭-୫, ୬-୧ ସେଟ୍‌ରେ ହରାଇବା ପରେ କିଏ କ'ଣ ତାହା ଏବେ ଜଣାପଡ଼ିଛି ବୋଲି ଟାଉନ୍‌ସେଣ୍ଡ କହିଥିଲେ।

ଅନ୍ୟପକ୍ଷରେ ଟପ୍ ସିଡ୍ ଆରିନା ସାବାଲେଙ୍କା, ୪ର୍ଥ ସିଡ୍ ଜେସିକା ପେଗୁଲା, ୫ମ ସିଡ୍ ମୀରା ଆନ୍ଦ୍ରିଭା, ୭ମ ସିଡ୍ ଜଷ୍ଟିନ ପାଓଲିନ୍, ୯ମ ସିଡ୍ ଏଲିନା ରିବାକିନା ପ୍ରମୁଖ ବିଜୟ ହାସଲ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୋଲିନା କୁଦେରମୋଟୋଭାଙ୍କୁ ହରାଇବା ଲାଗି ସାବାଲେଙ୍କାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା।

୭-୬, ୬-୨ରେ ଏହି ମ୍ୟାଚ୍‌କୁ ଜିତିଥିବା ସାବାଲେଙ୍କା ତୃତୀୟ ରାଉଣ୍ଡରେ ଲିଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ ଭେଟିବେ। ଆନା ବ୍ଲିଙ୍କୋଭାଙ୍କୁ ୬-୧, ୬-୩ରେ ହରାଇଥିବା ପେଗୁଲା ତୃତୀୟ ରାଉଣ୍ଡରେ ୩୬ ବର୍ଷୀୟ ଖେଳାଳି ଭିକ୍ଟୋରିଆ ଆଜରେଙ୍କାଙ୍କୁ ଭେଟିବେ। ଆନାସ୍ତାସିଆ ପୋଟାପୋଭାଙ୍କୁ ୬-୧, ୬-୩ରେ ହରାଇଥିବା ୫ମ ସିଡ୍ ମୀରା ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ ଆମେରିକାର ଚର୍ଚ୍ଚିତ ଖେଳାଳି ଟେଲର ଟାଉନ୍‌ସେଣ୍ଡଙ୍କୁ ଭେଟିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS